EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews



ପୁରୀ : ରଥ ଖଳାରେ ଚଞ୍ଚଳ ଗତିରେ ଚାଲିଛି ରଥ ଚକ ନିର୍ମାଣ।

ବର୍ଷ-୨ ସଂଖ୍ୟା-୧୭ ୦୭ ମଇ - ୧୩ ମଇ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-17 07th APRIL - 13th MAY, 2018 BHUBANESWAR ₹ 5/- (8 Pages)

## ‘ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନିତ କରାଯାଉ’

**ନୂଆଦିଲ୍ଲୀ :** ଅହିଂସାକୁ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରାଗଲେ ତାହା ଜାତିର ପିତା ମହାତ୍ମା ଗାନ୍ଧିଙ୍କ ପ୍ରତି ତାଙ୍କର ୧୫୦ତମ ଜନ୍ମବାର୍ଷିକୀରେ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ସମାରୋହ ସଂକ୍ରାନ୍ତ ଗତ ବୁଧବାର ଦିନ ଅନୁଷ୍ଠିତ ବୈଠକରେ ଯୋଗଦେଇ ଏହି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ମହାତ୍ମା ଗାନ୍ଧିଙ୍କ ଅହିଂସା ସମ୍ପର୍କିତ ସିଦ୍ଧାନ୍ତ ଅନୁସାରେ ଦାରିଦ୍ର୍ୟ ଓ ସାମାଜିକ ଅନ୍ୟାୟ ହେଉଛି ସବୁଠାରୁ ବଡ଼ ହିଂସା। ସାରା ପୃଥିବୀର ଭବିଷ୍ୟତ ପିଢ଼ିମାନେ ଏହି ନୀତିର ବାସ୍ତବ ସତ୍ୟକୁ ମନେରଖିପାରିବେ ଓ ହୃଦୟଙ୍ଗମ କରିପାରିବେ। ଦେଶରେ ଦାରିଦ୍ର୍ୟ ରହିଥିବା ପର୍ଯ୍ୟନ୍ତ ସ୍ୱାଧୀନତା ହେଉଛି କେବଳ ଏକ ଶୁଷ୍କ କାଷ୍ଠ ସଦୃଶ। ଯେକୌଣସି ସରକାର ପାଇଁ ଦାରିଦ୍ର୍ୟ ଦୂରୀକରଣ ହେଉଛି ସବୁଠୁ ବଡ଼ ଆହ୍ୱାନ। ଅହିଂସା ବିନା ଏହା ହାସଲ କରିହେବ ନାହିଁ।



ସମ୍ବିଧାନର ମୁଖବନ୍ଧରେ ଥିବା ସିଦ୍ଧାନ୍ତଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପାଶ୍ଚାତ୍ୟ ଗଣତାନ୍ତ୍ରିକ ଚିନ୍ତାଧାରାରେ ହୋଇଥିବାବେଳେ ଅହିଂସା ହେଉଛି ଭାରତୀୟ ପରମ୍ପରା ଓ ଦର୍ଶନର ନିଚ୍ଛକ ପ୍ରତିଫଳନ। ତେଣୁ ଅହିଂସାକୁ ମୁଖବନ୍ଧରେ ସାମିଲ କରାଯିବା ଉଚିତ୍। ବିକାଶ ପାଇଁ ଶାନ୍ତି ଆବଶ୍ୟକ। ଯେଉଁମାନେ ସମାଜକୁ ଜାତି,ଧର୍ମ ଓ ଶ୍ରେଣୀ ଆଦି ବିଭିନ୍ନ ଗୋଷ୍ଠୀ ନାଁରେ ଭାଗଭାଗ କରୁଛନ୍ତି, ବିକାଶ ମାଧ୍ୟମରେ ସେମାନଙ୍କୁ ପରାସ୍ତ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଛନ୍ତି।

### ବମିଖାଲ ଓଭରବ୍ରିଜ୍ ଅଘଟଣ
## ସିବିଆଇ ତଦନ୍ତ ହେଉ : ବିଜେପି



**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ବୃହତ ଓ କ୍ଷୁଦ୍ର ସମସ୍ତ ସରକାରୀ ନିର୍ମାଣ କାର୍ଯ୍ୟରେ ଶାସକ ଦଳର ନେତାମାନେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ଅଛନ୍ତି । ପିସି ଏବଂ ନିର୍ମାଣ ପାଇଁ ଅନୁମୋଦିତ ହୋଇଥିବା ଅନୁଦାନରୁ ବ୍ୟାପକ ମାତ୍ରାରେ ଅର୍ଥ ବାଟମାରଣା କାରଣରୁ ନିର୍ମାଣ କାର୍ଯ୍ୟ ବହୁ ନିମ୍ନମାନର ହେଉଛି । ଆଉ ଏ ସମସ୍ତ କଳା କାରନାମାରେ ଶାସକ ବିଜେଡି ପ୍ରତ୍ୟକ୍ଷ ଜଡିତ। ନିମ୍ନ ମାନର ନିର୍ମାଣ କାର୍ଯ୍ୟ କାରଣରୁ କୌଣସି ଅଘଟଣ ଘଟିଲେ, ଶାସକ ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ସ୍ୱୟଂ ନିଜେ ସମସ୍ତ ଅଭିଯୁକ୍ତଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଲା ଭୁବନେଶ୍ୱର ବମିଖାଲରେ ନିର୍ମାଣ ହେଉଥିବା ବ୍ରିଜ ବୋଲି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପାଇଁ ଦଳୀୟ ପାଣ୍ଠି ଯୋଗାଡ କରିବା ପ୍ରମୁଖ ଲକ୍ଷ୍ୟ। ବୋମିଖାଲରେ ନିର୍ମିତ ବ୍ରିଜର ଠିକା ନେଇଥିବା ପଣ୍ଡା ଇନ୍‌ଫ୍ରାରେ ଶାସକ ଦଳର ବଡପଣ୍ଡା ମାନଙ୍କର ଅର୍ଥ ଲାଗିଛି। ସେଥିପାଇଁ ତାଙ୍କ ଧନକୁ ସୁରକ୍ଷା ଦିଆଯାଉଛି। ଏପରିକି କଳା ତାଲିକାଭୁକ୍ତ ହେବା ସତ୍ୱେ କାହା ଚାପରେ ପଣ୍ଡା ଇନ୍‌ଫ୍ରାକୁ କାମ ଦିଆଗଲା ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ଶର୍ମା କହିଛନ୍ତି। ଭୁବନେଶ୍ୱର ବମିଖାଲ ବ୍ରିଜରେ ପୁଣି ଅଘଟଣ ଘଟି ଜଣେ ଶ୍ରମିକର ମୃତ୍ୟୁ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପୂର୍ବରୁ ବମିଖାଲ ଓଭର ବ୍ରିଜ ଭୁଶୁଡିବା ଏବଂ ଏବେ ଲୁହା ରଡରେ ଚାପି ହୋଇ ଜଣେ ଶ୍ରମିକର ମୃତ୍ୟୁ ହେବା ଓଡିଶାବାସୀଙ୍କୁ ଚିନ୍ତାରେ ପକାଇଛି । ଅପାରଗ ଠିକାଦାର ଓ କମିଶନ ଖିଆ ସରକାରଙ୍କ ସହ ମଧୁଚନ୍ଦ୍ରିକା ଚାଲିଥିବାରୁ ରାଜ୍ୟସରକାର ବ୍ଲାକଲିଷ୍ଟ କରିଥିବା ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟସ ଇଣ୍ଡିଆ ଲିମିଟେଡକୁ ଅନୁକମ୍ପା ଦେଖାଇ ଚାଲିଛନ୍ତି। ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ‘ସ୍ୱଚ୍ଛତା’ ବାହସ୍ୱଟର ମୁଖା ଖୋଲିଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ପାଇଁ ➤ ପୃ-୬

## ରାଜ୍ୟରେ ଦ୍ୱିତୀୟ ବିମାନବନ୍ଦର



**ଭୁବନେଶ୍ୱର :** ଝାରସୁଗୁଡା ବିମାନବନ୍ଦରକୁ ରାଜ୍ୟର ଦ୍ୱିତୀୟ ବିମାନବନ୍ଦର ଭାବେ ଲାଇସେନ୍ସ ମିଳିଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଗତ ଶୁକ୍ରବାର ଝାରସୁଗୁଡ଼ାକୁ ବିମାନ ଚଳାଚଳ ନିମନ୍ତେ ଆନୁଷ୍ଠାନିକ ଲାଇସେନ୍ସ ପ୍ରଦାନ କରିଛି। ଝାରସୁଗୁଡ଼ା ବିମାନବନ୍ଦରର ଖୁବଶୀଘ୍ର ବିମାନ ଚଳାଚଳ ଆରମ୍ଭ କରିବ। ଟ୍ୱିଟ୍ର୍ ମାଧ୍ୟମରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ଉଷା ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ରାଉରକେଲା, ଜୟପୁର ଓ ଉତ୍କେଳାକୁ ବେସାମରିକ ବିମାନ ଚଳାଚଳ ନେଟ୍‌ୱର୍କରେ ସାମିଲ କରିବା କାର୍ଯ୍ୟ ଏବେ ଜୋର୍‌ସୋରରେ ଜାରି ରହିଛି।

### ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା
## ଓଡ଼ିଶାକୁ ୨୫୦୦ କୋଟି

**ଭୁବନେଶ୍ୱର :** ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ନିମନ୍ତେ ଓଡ଼ିଶାକୁ ସର୍ବାଧିକ ୨୫୦୦କୋଟି ଟଙ୍କା ଆବଣ୍ଟନ କରାଯାଇଛି। କେନ୍ଦ୍ର ସରକାର ପିଏମ୍‌ଜିଏସ୍‌ୱାଇ ଯୋଜନାରେ ଦେଶର ୨୯ ରାଜ୍ୟ ପାଇଁ ୧୫,୨୬୧କୋଟି ଟଙ୍କା ଆବଣ୍ଟନ କରିଥିବାବେଳେ ସେଥିରେ ଓଡ଼ିଶାର ଭାଗ ସର୍ବାଧିକ ରହିଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ଓଡ଼ିଶା ପାଇଁ ୨୫୦୦କୋଟି ଟଙ୍କା ଆବଣ୍ଟନ କରି ଚଳିତ ଆର୍ଥିକ ➤ ପୃ-୬













### ବିଶେଷ ପ୍ରସଙ୍ଗ
## ଦୁଷ୍କର୍ମ ବ୍ୟାଧି : ରୋକି ପାରିବ କି ଆଇନ୍
ଶେଷ ପୃଷ୍ଠାରେ ...

### ବକ୍ରବାଣୀ



ଧନ୍ୟ ଆମ ସଚିବ ସାରେ
ସଭିଏଁ ଗପନ୍ତି ତାଙ୍କ ନାଁରେ
ସିଏ କେବେ ମୁହଁ ଖୋଲନ୍ତିନି
ଇୟାଡୁ ସିୟାଡୁ କିଛି ଗପନ୍ତିନି
କାମ କରନ୍ତି ଅଙ୍କଲଙ୍କ ପରି
ଅମଲା ମନ୍ତ୍ରୀଙ୍କୁ ସାଥିରେ ଧରି
ନେତାମାନଙ୍କୁ ଧରି ଆଣନ୍ତି
ଆଜ୍ଞାଙ୍କ ଆଗେ ଶଙ୍ଖ ଫୁକାନ୍ତି
ଆଜ୍ଞା ଆମର ଜଗତ ଜିତା
ଘରେ ବସିକି କାଟନ୍ତି ଫିତା।

——— ଟୁଟୁ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ଚୀନ୍‌କୁ ଆମେରିକାର ଧମକ

**ୱାଶିଂଟନ୍ :** ବିବାଦୀୟ ଦକ୍ଷିଣ ଚୀନ୍ ସାଗରକୁ ନେଇ ଏବେ ଆମେରିକା ଓ ଚୀନ୍ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଛି। ଚୀନ୍ ଗୁରୁବାର ଦକ୍ଷିଣ ଚୀନ୍ ସାଗରରେ ଘାତକ କ୍ରୁଜ୍ ମିସାଇଲ୍ ଖଞ୍ଜିବାରୁ ଏହାକୁ ନେଇ ଆମେରିକା ଚିନ୍ତାରେ ପଡ଼ିଯାଇଛି। ଏଥିପାଇଁ ଆମେରିକା ପକ୍ଷରୁ ଚୀନ୍‌କୁ କଡ଼ା ଧମକ ଦିଆଯାଇଛି। ଯଦି ଚୀନ୍ ତା' ଆଚରଣରେ ସୁଧାର ନ ଆଣେ ତା'ହେଲେ ବେଜିଂକୁ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ସାରା ସାଣ୍ଡ୍ରସ ଧମକ ଦେଇଛନ୍ତି। ସେ କହିଛନ୍ତି ଚୀନ୍‌ର ଏପରି ହରକତ୍ ସଂକ୍ରାନ୍ତରେ ଟ୍ରମ୍ପ ପ୍ରଶାସନ ବେଜିଂର ନେତୃମଣ୍ଡଳୀ ଆଗରେ ଉପସ୍ଥାପନ କରିଛି। ଦକ୍ଷିଣ ଚୀନ୍ ସାଗରରେ ଗତକାଲି ବେଜିଂ ପକ୍ଷରୁ ଜାହାଜ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ଖଞ୍ଜା ଯାଇଥିଲା। ଏ ସଂକ୍ରାନ୍ତରେ ସାମ୍ବାଦିକମାନେ ସାରାଙ୍କୁ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ ଆମେ ଦକ୍ଷିଣ ଚୀନ୍ ସାଗରରେ ଚୀନ୍ ସୈନ୍ୟଙ୍କ ବଢୁଥିବା କାର୍ଯ୍ୟକଳାପ ସମ୍ପର୍କରେ ଅବଗତ ଅଛୁ। ଆମେ ଏ ସଂକ୍ରାନ୍ତରେ ସିଧାସଳଖ ଚୀନ୍‌ର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଜଣାଇଛୁ। ଯଦି ସେମାନେ ଏହାର ପ୍ରତିକାର ନ କରନ୍ତି, ତା'ହେଲେ ଚୀନ୍‌କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ। ପେଣ୍ଟାଗନ ମଧ୍ୟ ଚୀନ୍‌ର ଏଭଳି କାର୍ଯ୍ୟକଳାପକୁ ନେଇ ଚିନ୍ତା ପ୍ରକଟ କରିଛି।

## ଚଳିତବର୍ଷ ଦିଆଯିବନି ନୋବେଲ ସାହିତ୍ୟ ପୁରସ୍କାର

**ଷ୍ଟକ୍‌ହୋମ୍ :** ଚଳିତ ବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର ଦିଆଯିବ ନାହିଁ ବୋଲି ସ୍ୱିଡିସ୍ ଏକାଡେମୀ ନିଷ୍ପତ୍ତି ନେଇଛି। ପ୍ରାୟ ୭୦ ବର୍ଷ ପରେ ଏକାଡେମୀ ଏ ପ୍ରକାର ନିଷ୍ପତ୍ତି ଗ୍ରହଣ କରିଛି। ବିଜେତାଙ୍କୁ ଚୟନ କରୁଥିବା ଏକାଡେମୀର ଜୁରୀ ସଦସ୍ୟା କାଟାରିନା ଫ୍ରଷ୍ଟେନ୍‌ସନ୍‌ଙ୍କ ସ୍ୱାମୀ ଜ୍ୟାଁ-କ୍ଲାଉଡେ ଆର୍ଣ୍ଣଲ୍ଡଙ୍କ ବିରୋଧରେ ଯୌନ ଶୋଷଣ ଆରୋପ ଯୋଗୁ ସୃଷ୍ଟି ହୋଇଥିବା ବିବାଦ ପରିପ୍ରେକ୍ଷୀରେ ସ୍ୱିଡିସ୍ ଏକାଡେମୀ ୨୦୧୮ରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ନ ଦେବାକୁ ନିଷ୍ପତ୍ତି ନେଇଛି ବୋଲି ଏକାଡେମୀର ଅନ୍ତରୀଣ ସ୍ଥାୟୀ ସଚିବ ଆଣ୍ଡର୍ସ ଓଲ୍‌ସନ୍ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ୨୦୧୯ରେ ସାହିତ୍ୟ ପାଇଁ ୨ଟି ପୁରସ୍କାର ଘୋଷଣା କରାଯିବ। ଷ୍ଟକ୍‌ହୋମ୍‌ରେ ଅନୁଷ୍ଠିତ ଜୁରୀ ବୈଠକରେ ଚଳିତ ବର୍ଷର ପୁରସ୍କାର ଆସନ୍ତା ବର୍ଷ ଦିଆଯିବାକୁ ସ୍ଥିର ହୋଇଛି। ଏକାଡେମୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି,



ଏ ପ୍ରକାର ଆରୋପ ଯୋଗୁ ସଂସ୍ଥାର ଭାବମୂର୍ତ୍ତିରେ ଆଞ୍ଚ ଆସିଛି। ଏହା ଦ୍ୱାରା ସଂସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା କମିଛି। ଭାବମୂର୍ତ୍ତି ସୁଧାରିବା ଉଦ୍ଦେଶ୍ୟରେ ଚଳିତ ବର୍ଷର ସାହିତ୍ୟ ନୋବେଲ ପୁରସ୍କାର ଦିଆନଯିବାକୁ ସ୍ଥିର ହୋଇଛି। ଫରାସୀ ଫଟୋଗ୍ରାଫର୍ ଆର୍ଣ୍ଣଲ୍ଡଙ୍କ ବିରୋଧରେ ସୋଶାଲ ମିଡିଆ କ୍ୟାମ୍ପେନ୍ 'ମି ଟୁ'ରେ ୨୦୧୭ ନଭେମ୍ବରରେ ୧୮ ଜଣ ମହିଳାଙ୍କୁ ଯୌନ ଶୋଷଣ ଅଭିଯୋଗ ଆସିଥିଲା। ସେବେଠାରୁ ଏହାକୁ ନେଇ ବିବାଦ ବଢ଼ିବାରେ ଲାଗିଥିଲା। ଏହି ଘଟଣାରେ ଏକାଡେମୀର ୧୮ ଜଣ ସଦସ୍ୟ କିଭଳି ଏହାର ସମାଧାନ କରିବେ, ସେଥିନେଇ ଚିନ୍ତିତ ହୋଇ ପଡ଼ିଥିଲେ। ଏହି ଘଟଣାରେ ସେମାନଙ୍କ ମଧ୍ୟରେ ମତଭେଦ ହୋଇଥିଲା। ଏପରିକି ନିକଟରେ ୪ ଜଣ ସଦସ୍ୟ ଇସ୍ତଫା ଦେଇଥିଲେ। ସ୍ୱିଡେନ୍‌ର ସମ୍ବାଦପତ୍ର 'ଡାଜେନ୍ସ ନିହେତର୍'ରେ ଏହି ୧୮ ଜଣ ମହିଳାଙ୍କ ସ୍ୱୀକାରୋକ୍ତି ପ୍ରକାଶିତ ହୋଇଥିଲା। ତେବେ ଆର୍ଣ୍ଣଲ୍ଡ ଓ ତାଙ୍କର ପତ୍ନୀ ତଥା ଏକାଡେମୀର ଜୁରୀ ସଦସ୍ୟା କାଟାରିନା ଏହାକୁ ଅସ୍ୱୀକାର କରିଥିଲେ। ୧୭୮୬ରେ ପ୍ରତିଷ୍ଠିତ ହୋଇଥିବା ଏକାଡେମୀର ଏକ ଉଚ୍ଚ ପରମ୍ପରା ଓ ଭାବମୂର୍ତ୍ତି ରହିଛି। ତେବେ ପୂର୍ବରୁ ୭ ଥର ବିଳମ୍ବରେ ପୁରସ୍କାର ଦିଆଯାଇ ଥିଲା। ୧୯୧୫, ୧୯୧୯, ୧୯୨୫, ୧୯୨୬, ୧୯୨୭, ୧୯୩୬ ଓ ୧୯୪୯ରେ ପୁରସ୍କାର ଘୋଷଣା ବିଳମ୍ବିତ ହୋଇଥିଲା।

## ଏପ୍ରିଲ୍‌ରେ ୧ ଲକ୍ଷ କୋଟି ଜିଏସ୍‌ଟି ଆଦାୟ



**ନୂଆଦିଲ୍ଲୀ :** ୨୦୧୮ ଏପ୍ରିଲ୍‌ରେ ବସ୍ତୁ ଓ ସେବା କର ବା ଜିଏସ୍‌ଟି କଲେକ୍ସନ୍ ୧ଲକ୍ଷ ୩ହଜାର କୋଟି ଟଙ୍କା ହୋଇଛି। ଗତବର୍ଷ ଜୁଲାଇରେ ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଗୋଟିଏ ମାସରେ କଲେକ୍ସନ୍ କେବେ ଏତେ ଅଧିକ ହୋଇନଥିଲା। ଏପ୍ରିଲ୍‌ରେ ୬୯.୫ ପ୍ରତିଶତ ଆସେସି ବା କରଦାତା ସମେରୀ ଇନ୍‌ପୁଟ୍-ଆଉଟ୍‌ପୁଟ୍ ରିଟର୍ଣ୍ଣ ଭରିଛନ୍ତି। ମାର୍ଚ୍ଚରେ ୬୪.୬୧ ପ୍ରତିଶତ କରଦାତା ସମେରୀ ଇନ୍‌ପୁଟ୍-ଆଉଟ୍‌ପୁଟ୍ ରିଟର୍ଣ୍ଣ ଭରିଥିଲେ। ପ୍ରଚଳନ ହେବାର ପ୍ରଥମ ୮ମାସରେ ଜିଏସ୍‌ଟି ଆଦାୟ ମାସକୁ ହାରାହାରି ୮୯,୮୮୦ କୋଟି ଟଙ୍କା ହୋଇଥିଲା। ଏପ୍ରିଲରେ କେନ୍ଦ୍ରୀୟ ବା ସେଣ୍ଟ୍ରାଲ୍ ଜିଏସ୍‌ଟି ୧୮,୬୫୨ କୋଟି, ରାଜ୍ୟ ବା ଷ୍ଟେଟ୍ ଜିଏସ୍‌ଟି ୨୫,୭୦୪ କୋଟି, ସମନ୍ୱିତ ବା ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୫୦, ୫୪୮ କୋଟି ଓ ସେସ୍ ୮,୫୫୪ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଏପ୍ରିଲ୍‌ରେ ଜିଏସଟି ଆଦାୟ ଲକ୍ଷେ କୋଟି ଟଙ୍କାକୁ ବୃଦ୍ଧି ପାଇବାରୁ କୁହାଯାଉଛି ଯେ ବ୍ୟବସାୟ ମାନ୍ଦାବସ୍ଥା ଦୂର ହୋଇ ଆର୍ଥିକ କାରବାର ତେଜିଲାଣି ଓ ଜିଏସ୍‌ଟି ସଂଗ୍ରହରେ ସ୍ଥିରତା ବା ଷ୍ଟାବିଲିଟି ଆସିଲାଣି। ଏଣିକି ପ୍ରତିମାସରେ ପାଖାପାଖି ଲକ୍ଷେ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ ହେବ। ଅର୍ଥାତ୍ ୨୦୧୮-୧୯ ଆର୍ଥିକ ବର୍ଷରେ ସରକାର ଜିଏସ୍‌ଟି ବାବଦକୁ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହେବେ। ସରକାରଙ୍କ ବଜେଟ୍ ଆକଳନ ଥିଲା ଯେ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଏସ୍‌ଟି ଆଦାୟ ୭ ଲକ୍ଷ ୪୦ହଜାର କୋଟି ଟଙ୍କା ହେବ। ସେଥିରୁ ଯଦି ରାଜ୍ୟଙ୍କୁ କ୍ଷତିପୂରଣ ଦେବ ପାଇଁ ଆଦାୟ କରାଯାଉଥିବା ସେସ୍ ୯୦୦ କୋଟି ଟଙ୍କାକୁ ବାଦ୍ ଦିଆଯାଏ ତେବେ ୨୦୧୮-୧୯ ଆର୍ଥିକ ବର୍ଷରେ କର ଆଦାୟ ୬ ଲକ୍ଷ ୫୦ହଜାର କୋଟି ଟଙ୍କା ହେବ। ସରକାର ଟିକସ ଫାଙ୍କି ଧରିବା ପାଇଁ ଅନେକ ପଦକ୍ଷେପ ନେଇଥିବାରୁ ଓ ଇ-ୱେ ବିଲ୍ ବ୍ୟବସ୍ଥା କରିଥିବାରୁ ଟିକସ ସଂଗ୍ରହର ପରିମାଣ କ୍ରମଶଃ ବଢ଼ିଥିବା କୁହାଯାଉଛି।

## 'କୋରିଆକୁ ଭାରତ-ପାକ୍ ଅନୁସରଣ କରିବା ଉଚିତ'

**ନୂଆଦିଲ୍ଲୀ/ଇସ୍‌ଲାମାବାଦ :** ଉତ୍ତରକୋରିଆ ଓ ଦକ୍ଷିଣ କୋରିଆର ଦୁଇ ନେତା ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରି ମିଶ୍ରଣମୁହାଁ ହୋଇଛନ୍ତି। ଭାରତ ଓ ପାକିସ୍ତାନ ଏହାକୁ ଅନୁସରଣ କରିବା ଉଚିତ ବୋଲି ପାକ୍ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଦୁଇ ଦେଶର ରାଷ୍ଟ୍ରମୁଖ୍ୟ ସେମାନଙ୍କର ମତପାର୍ଥକ୍ୟ ଭୁଲି ଅନୁରୂପ ଭାବେ ଅଗ୍ରସର ହେବାକୁ ଏହି ରିପୋର୍ଟରେ ଆହ୍ୱାନ ଦିଆଯାଇଛି। ପାକିସ୍ତାନର ଡନ୍ ସମ୍ବାଦପତ୍ରରେ ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି, ଭାରତ ଓ ପାକିସ୍ତାନ ହଜାର ହଜାର ବର୍ଷ ଧରି ଗୋଟିଏ ରାଷ୍ଟ୍ର ଥିଲା। କିନ୍ତୁ ୧୯୪୭ରେ ଦୁଇ ଦେଶ ବ୍ରିଟିଶ କବଳରୁ ମୁକ୍ତ ହେବା ପରେ ଉଭୟଙ୍କ ମଧ୍ୟରେ ବାରମ୍ବାର ଯୁଦ୍ଧ ହୋଇଛି। ୧୯୬୫, ୧୯୭୧ ଓ ୧୯୯୯ରେ ଭାରତ - ପାକିସ୍ତାନ ମଧ୍ୟରେ ୩ ଥର ଯୁଦ୍ଧ ହୋଇଛି। ଏହି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି, ଦୁଇ କୋରିଆ ମଧ୍ୟରେ ବିବାଦର କାରଣ ଭାରତ-ପାକିସ୍ତାନ ବିବାଦ ଠାରୁ ଭିନ୍ନ। ଉଲ୍ଲେଖଯୋଗ୍ୟ ଯେ, ଗତ ଶୁକ୍ରବାର ଉତ୍ତରକୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ଓ ଦକ୍ଷିଣ କୋରିଆର ରାଷ୍ଟ୍ରପତି ମୁନ୍ ଜାଏ-ଇନ୍ ପରସ୍ପରକୁ ସୀମାରେ ଆଲିଙ୍ଗନ କରି ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାକୁ ପାନ୍‌ମୁନ୍‌ଜୋମ୍ ଘୋଷଣାନାମା କୁହାଯାଉଛି। ଉଭୟ ନେତା କୋରିଆ ଯୁଦ୍ଧର ସ୍ଥାୟୀ ପରିସମାପ୍ତି ପାଇଁ ସହମତ ହୋଇଛନ୍ତି। ସେହିପରି ଭାରତ ଓ ପାକିସ୍ତାନ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଉଦ୍ୟମ କରିବା ସହ ମିଶ୍ରଣ ଆଡ଼କୁ ମୁହାଁଇବା ଉଚିତ। କିନ୍ତୁ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ପାକିସ୍ତାନର ସାହାଯ୍ୟ ଓ ସମର୍ଥନ ରହିଥିବାରୁ ଗତ କିଛି ବର୍ଷ ହେଲା ଦୁଇ ଦେଶ ସମ୍ପର୍କରେ ଭଙ୍ଗା ପଡ଼ିଛି। ବିଶେଷକରି ୨୦୦୮ରେ ମୁମ୍ବାଇରେ ଆତଙ୍କୀ ହମ୍‌ଲା ଏବଂ ୨୦୧୬ରେ ପାକିସ୍ତାନରେ ଥିବା ଆତଙ୍କୀ ସଂଗଠନର ଭାରତରେ ହମ୍‌ଲା ଦୁଇ ଦେଶର ସମ୍ପର୍କକୁ ବ୍ୟାହତ କରିଛି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।

## ଆନାଲିଟିକାକୁ ଥରୁଟିଏ ତଥ୍ୟ ଯୋଗାଇଥିଲା ଟ୍ୱିଟର୍

**ସାନ୍ ଫ୍ରାନ୍‌ସିସ୍କୋ :** ଉପଭୋକ୍ତାଙ୍କ ଅନୁମତି ନନେଇ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିବା ଏବଂ ବିକ୍ରି କରିବା ମାମଲାରେ ଫେସବୁକ୍ ପରେ ଏବେ ଟ୍ୱିଟରର ନାଁ ଉଠିଛି। ଆଲେକ୍‌ଜାଣ୍ଡର କୋଗାନ୍ ନାମକ ଜଣେ ବ୍ୟକ୍ତି ଏହି ଭଳି ଏକ ପ୍ରକ୍ରିୟା ବିକଶିତ କରିଥିଲେ ଯାହାଦ୍ୱାରା ୨୦୧୫ ମସିହାରେ ଟ୍ୱିଟରରୁ ତଥ୍ୟ ଚୋରି ହୋଇପାରୁଥିଲା। ଟ୍ୱିଟର ତରଫରୁ ଏପରି ତଥ୍ୟ ଚୋରି ହେଉଥିବା ନେଇ ଖବର ପ୍ରକାଶ ପାଇବା ପରେ କେମ୍ବ୍ରିଜ୍ ଆନାଲିଟିକାକୁ ବିଜ୍ଞାପନଦାତା ତାଲିକାରୁ ବାଦ୍ ଦିଆଯାଇଛି। ସେ ପରେ ପ୍ରତିଷ୍ଠା କରିଥିବା ଗ୍ଲୋବାଲ ସାଇନ୍ସ ରିସର୍ଚ୍ଚ (ଜିଏସ୍‌ଆର) ଏହି ତଥ୍ୟ କେମ୍ବ୍ରିଜ୍ ଆନାଲିଟିକାର ମୂଳ କମ୍ପାନୀ ଏସ୍‌ସିଏଲ୍‌କୁ ଏହି ତଥ୍ୟ ଯୋଗାଇଥିଲା, ଯାହାକି ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥିବା ଜଣାଯାଇଛି। ଡିସେମ୍ବର ୨୦୧୪ରୁ ଏପ୍ରିଲ ୨୦୧୫ ମଧ୍ୟରେ ସେ ଜିଏସ୍‌ଆର ଜରିଆରେ ଟ୍ୱିଟ୍, ୟୁଜର ନେମ୍, ଫଟୋ, ପ୍ରୋଫାଇଲ ପିକଚର ଏବଂ ଅବସ୍ଥିତି ସମ୍ପର୍କିତ ତଥ୍ୟ କିଣିଥିଲେ। କିନ୍ତୁ ଏହି ତଥ୍ୟ କେବଳ ବ୍ରାଣ୍ଡିଂ ଏବଂ ସର୍ବେକ୍ଷଣ ଉଦ୍ଦେଶ୍ୟରେ ବ୍ୟବହାର ହୋଇଛି ବୋଲି କୋଗାନ୍ ବାରମ୍ବାର ଦାବି କରି ଆସୁଥିଲେ। ସାଧାରଣତଃ ଟ୍ୱିଟର ତଥ୍ୟ ସାର୍ବଜନୀନ ହିଁ ହୋଇଥାଏ, କିନ୍ତୁ ଏସବୁକୁ ଏକା ସାଥିରେ ସଂଗ୍ରହ ପାଇଁ ଟ୍ୱିଟର କମ୍ପାନୀ ମାନଙ୍କୁ ଚାର୍ଜ୍ କରିଥାଏ। ଏହା ଆପ୍ଲିକେଶନ୍ ପ୍ରୋଗ୍ରାମିଂ ଇଣ୍ଟରଫେସେସ୍ ଦ୍ୱାରା ସମ୍ଭବପର ହୋଇପାରେ। କୋଗାନ୍ ପର୍ସନାଲିଟି କ୍ୱିଜ୍ ଆପ୍ ଜରିଆରେ ଫେସବୁକ୍‌ରୁ ମଧ୍ୟ ତଥ୍ୟ ଚୋରି କରିଥିଲେ। ମୋଟ ୨ଲକ୍ଷ ସତୁରି ହଜାର ଉପଭୋକ୍ତା ଏହି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିଥିଲେ। ଏହା ସାହାଯ୍ୟରେ ସେମାନଙ୍କର ଏବଂ ସେମାନଙ୍କ ବନ୍ଧୁମାନଙ୍କର ତଥ୍ୟକୁ ସଂଗ୍ରହ କରି କେମ୍ବ୍ରିଜ୍ ଆନାଲିଟିକାକୁ ବିକ୍ରି କରାଯାଇଥିଲା। କେମ୍ବ୍ରିଜ୍ ଆନାଲିଟିକା ୨୦୧୬ ମସିହାରେ ବର୍ତ୍ତମାନର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ବାଚନ ସମୟରେ ପ୍ରଚାରରେ ସାହାଯ୍ୟ କରିଥିବା ଅଭିଯୋଗ ହୋଇଆସୁଛି।

## ନୂଆ ଟେଲିକମ୍ ନୀତିର ଚିଠା ପ୍ରକାଶ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାରଙ୍କ ଟେଲିକମ୍ୟୁନିକେସନ୍ ବିଭାଗ ପକ୍ଷରୁ ନୂଆ ଟେଲିକମ୍ ନୀତିର ଚିଠା ପ୍ରକାଶିତ ହୋଇଛି। ଏଥିରେ ୫ଜି ଟେଲିକମ୍ ସେବା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ, ରବୋଟିକ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ, କ୍ଲାଉଡ୍ କମ୍ପୁଟିଂ, ମେସିନ୍ ଟୁ ମେସିନ୍ କମ୍ୟୁନିକେସନ୍ ଆଦି ଆଗାମୀ ଦିନର ଟେକ୍ନୋଲଜିର ବିକାଶ ପାଇଁ ରୋଡ୍ ମ୍ୟାପ୍ ରହିଛି। ପୁଣି ୨୦୨୨ସୁଦ୍ଧା ଟେଲିକମ୍ ଶିଳ୍ପ ଓ ସେବା ଯୋଗାଣରେ ୧୦ହଜାର କୋଟି ଡଲାରର ବିଦେଶୀ ପୁଞ୍ଜିନିବେଶ ଓ ୪୦ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ପାଇଁ ଟେଲିକମ୍ ନୀତିରେ ଲକ୍ଷ୍ୟ ରଖାଯାଇଛି। ଗ୍ଲୋବାଲ୍ ଭେଲ୍ୟୁ ଚେନ୍‌ରେ ଭାରତର ଯୋଗଦାନ ବଢ଼ାଯିବା, ଡିଜିଟାଲ୍ କମ୍ୟୁନିକେସନ୍ ସେକ୍ଟରରେ ନବସୃଜନରେ ଉଦ୍‌ଯୋଗୀ ଷ୍ଟାର୍ଟ ଅପ୍ କମ୍ପାନୀଙ୍କୁ ପ୍ରୋତ୍ସାହନ ଦିଆଯିବା, ଭାରତୀୟ ଡିଜିଟାଲ୍ କମ୍ୟୁନିକେସନ୍ କମ୍ପାନୀଙ୍କ ବୌଦ୍ଧିକ ସମ୍ପତ୍ତି ଅଧିକାର ବା ଆଇପିଆର୍ ଓ ପେଟେଣ୍ଟ ଅଧିକାର ସୃଷ୍ଟି କରାଯିବା, ୧୦ଲକ୍ଷ ଯୁବକଯୁବତୀଙ୍କୁ ତାଲିମ୍ ଦିଆଯିବା, ୫୦୦ କୋଟି ଡିଭାଇସ୍ ପାଇଁ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ ଇକୋସିଷ୍ଟମ୍ ତିଆରି କରିବା ଆଦି ପାଇଁ ମଧ୍ୟ ନୂଆ ଟେଲିକମ୍ ନୀତିରେ ଲକ୍ଷ୍ୟ ରଖାଯାଇଛି। ଟେଲିକମ୍ କ୍ଷେତ୍ର ପାଇଁ ନୂଆ ରେଗୁଲେଟାରୀ ଗାଇଡ-ଲାଇନ୍ସ ପ୍ରସ୍ତୁତ କରାଯିବ ଯାହା ଟେଲିକମ୍ ସେକ୍ଟରକୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ସହ ଅଧିକ ନିବେଶ ଆସିବାରେ ସହାୟକ ହେବ ଓ ଗ୍ରାହକଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ। ନେଟ୍ ନ୍ୟୁଟ୍ରାଲିଟିକୁ ନୂଆ ଟେଲଇକମ୍ ନୀତିରେ ଗୁରୁତ୍ୱ ଦିଆଯାଇଛି। ସମସ୍ତଙ୍କୁ ତଥା ସବୁ ଗ୍ରାମକୁ ୫୦ ଏମ୍‌ବିପିଏସ୍ ସ୍ପିଡ୍‌ର ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଜାତୀୟ ସାମଗ୍ରିକ ଉତ୍ପାଦ ବା ଜିଡିପିରେ ଏବେ ଡିଜିଟାଲ୍ କମ୍ୟୁନିକେସନ୍‌ର ଯୋଗଦାନ ଯାହା ୬% ରହୁଛି ତାହାକୁ ୮%କୁ ବଢ଼ାଇବା ପାଇଁ ନୂଆ ଟେଲିକମ୍ ନୀତିରେ ରୋଡ୍‌ମ୍ୟାପ୍ ରହିଛି। ଟେଲିକମ୍ କ୍ଷେତ୍ରର ବିକାଶ ଦୃଷ୍ଟିରୁ ୨୦୧୭ରେ ବିଶ୍ୱରେ ଭାରତ ଥିଲା ୧୩୭ ସ୍ଥାନରେ। ୨୦୨୨ ସୁଦ୍ଧା ପ୍ରଥମ ୫୦ ଦେଶଙ୍କ ତାଲିକାରେ ରହିବା ଏବେ ଭାରତର ଲକ୍ଷ୍ୟ। ଡିଜିଟାଲ ସାର୍ବଭୌମତ୍ୱ ହାସଲ ହେଉଛି ଭାରତର ଆଉ ଏକ ଲକ୍ଷ୍ୟ। ଟେଲିକମ୍ ଶିଳ୍ପ ଏବେ ଆର୍ଥିକ ସଙ୍କଟରେ ପଡ଼ିଥିବାରୁ ସରକାର ଲାଇସେନ୍ସ ଫି', ସ୍ପେକ୍ଟ୍ରମ୍ ଚାର୍ଜ ଆଦିର ପୁନଃସମୀକ୍ଷା କରିବେ।

## ଦେଶରେ ପ୍ରତିଷ୍ଠା ହେବ ୨୦ ନୂଆ ଏମ୍ସ

**ନୂଆଦିଲ୍ଲୀ :** ଦେଶରେ ୨୦ଟି ନୂଆ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରୁ ୬ଟି ଏମ୍ସ ପ୍ରତିଷ୍ଠା ହୋଇ ସାରିଲାଣି। ୭୩ଟି ମେଡିକାଲ କଲେଜକୁ ଅପ୍‌ଗ୍ରେଡ୍ କରାଯିବ। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଆଉ ୨ ବର୍ଷ ଅର୍ଥାତ୍ ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏମ୍ସ ପ୍ରତିଷ୍ଠା ପାଇଁ ୧୪୮୩୨ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରବିଶଙ୍କର ପ୍ରସାଦ କହିଛନ୍ତି, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଅବଧି ବୃଦ୍ଧି କରି ଚିକିତ୍ସା ସୁବିଧା ଓ ଡାକ୍ତର ଅଭାବ ଦୂର କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ଏମ୍ସ ପ୍ରତିଷ୍ଠା ଦ୍ୱାରା ଏହି ଲକ୍ଷ୍ୟ ହାସଲ ହୋଇପାରିବ। ବିଭିନ୍ନ ରାଜ୍ୟରେ ନୂଆ ଏମ୍ସ ପ୍ରତିଷ୍ଠା କରାଗଲେ ପ୍ରତି ପ୍ରତିଷ୍ଠାନରେ ପ୍ରାୟ ୩୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପାଣ୍ଠି ଯୋଗାଇଦେବେ। ଏଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ କେନ୍ଦ୍ର ବହନ କରିବ। ଦିଲ୍ଲୀରେ ୧୦୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ ପ୍ରତିଷ୍ଠା କରିବା ପାଇଁ କ୍ୟାବିନେଟ୍‌ର ମଞ୍ଜୁରି ମିଳିଛି। ପଶ୍ଚିମ ଦିଲ୍ଲୀର ନଜାଫ୍‌ଗଡ ଅଞ୍ଚଳରେ ଏହି ହସ୍‌ପିଟାଲ ପ୍ରତିଷ୍ଠା କରାଯିବ। ଏ ବାବଦରେ ୯୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ପ୍ରସାଦ କହିଛନ୍ତି।

## ବିଶ୍ୱର ସର୍ବାଧିକ ୧୫ ପ୍ରଦୂଷିତ ସହର ମଧ୍ୟରେ ଭାରତର ୧୪ ସହର

**ନୂଆଦିଲ୍ଲୀ :** ୧ କୋଟି ୪୦ ଲକ୍ଷ କିମ୍ବା ତାହାଠାରୁ ଅଧିକ ଜନସଂଖ୍ୟା ଥିବା ବିଶ୍ୱର ବୃହତନଗରୀ (ମେଗାସିଟି)ଗୁଡ଼ିକରେ ବାୟୁ ପ୍ରଦୂଷଣର ମାତ୍ରାକୁ ଅନୁଧ୍ୟାନ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ଓ ମୁମ୍ବାଇରେ ବାୟୁ ପ୍ରଦୂଷଣର ମାତ୍ରା ବେଜିଂଠାରୁ ଅଧିକ ବୋଲି କୁହାଯାଇଛି। ବିଶ୍ୱର ମେଗାସିଟିଗୁଡ଼ିକ ମଧ୍ୟରେ ଦିଲ୍ଲୀର ବାୟୁ ପ୍ରଦୂଷଣ ସମସ୍ୟା ସବୁଠାରୁ ଅଧିକ ଉତ୍କଟ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଇଜିପ୍ଟର ଗ୍ରେଟର୍ କାଏରୋ, ତୃତୀୟରେ ବାଂଲାଦେଶର ଢାକା, ଚତୁର୍ଥରେ ମୁମ୍ବାଇ ଓ ପଞ୍ଚମରେ ଚୀନ୍‌ର ବେଜିଂ ରହିଛି। ମେଗାସିଟିକୁ ବାଦ୍ ଦେଲେ ବିଶ୍ୱର ୧୫ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୧୪ଟି ସହର ଅନ୍ତର୍ଭୁକ୍ତ। ସେଗୁଡ଼ିକ ହେଲେ ଗୋଆଲିୟର୍, ବାରାଣସୀ, କାନପୁର, ଫରିଦାବାଦ, ଗୟା, ଆଗ୍ରା, ପାଟନା, ମୁଜାଫରପୁର, ଶ୍ରୀନଗର, ଗୁରଗାଓଁ, ଜୟପୁର, ପାଟିଆଲା, ରାୟପୁର ଓ ଯୋଧପୁର। ୧୦୮ଟି ଦେଶର ୪୩୦୦ଟି ସହରରେ ବାୟୁ ପ୍ରଦୂଷଣର ମାତ୍ରାକୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ବାୟୁରେ ସଲ୍‌ଫେଟ୍, ନାଇଟ୍ରେଟ୍ ଓ ବ୍ଲାକ୍ କାର୍ବନ୍ ଭଳି ଭାସମାନ କଣିକା ବା ପାର୍ଟିକୁଲେଟ୍ ମ୍ୟାଟର୍ସ ୨.୫ ପରିମାଣକୁ ଅନୁଧ୍ୟାନ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହିଛି ଯେ ବିଶ୍ୱରେ ୯୦ ପ୍ରତିଶତ ଲୋକ ବିଶୁଦ୍ଧ ବାୟୁ ସେବନରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ୨୦୧୬ରେ ବିଶ୍ୱରେ ୭୦ଲକ୍ଷ ଲୋକଙ୍କ ଜୀବନ ଯାଇଛି। ୨୦୧୬ରେ ଶିଳ୍ପ, ଡିଜେଲ ଓ ପେଟ୍ରୋଲ୍ ଚାଳିତ ଯାନ ଆଦିରୁ ନିର୍ଗତ ବିଷାକ୍ତ ଧୂଆଁ ଦ୍ୱାରା ପ୍ରଦୂଷିତ ବାୟୁ ସେବନ କରିବା କାରଣରୁ ୪୨ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଘର ଭିତରର ପ୍ରଦୂଷିତ ବାୟୁ ସେବନ କରି ୩୮ଲକ୍ଷ ଲୋକଙ୍କ ଜୀବନ ଯାଇଛି। ଭାରତରେ ଉଭୟ ଘର ବାହାର ଓ ଭିତରର ବାୟୁ ପ୍ରଦୂଷଣ ସମସ୍ୟା ରହୁଛି। ଦେଶରେ ଅନେକ କ୍ଷୁଦ୍ର ସହରରେ ମଧ୍ୟ ବାୟୁ ପ୍ରଦୂଷଣର ମାତ୍ରା ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତର ସହ ସମାନ ରହୁଛି। ଦିଲ୍ଲୀରେ ୧କୋଟି ୭୦ଲକ୍ଷ ଲୋକ ରହୁଥିବାରୁ ବାୟୁ ପ୍ରଦୂଷଣ ଗୁରୁତର ସ୍ୱାସ୍ଥ୍ୟ



ସମସ୍ୟା ସୃଷ୍ଟି କରୁଛି। ବାୟୁରେ ଯେତିକି ମାତ୍ରାରେ ଭାସମାନ କଣିକା ରହିଲେ ଚଳିବ, ଦିଲ୍ଲୀର ବାୟୁରେ ବେଳେ ବେଳେ ତାହାର ୧୦ଗୁଣ ଅଧିକ ରହୁଛି। ଗତ ନଭେମ୍ବରରେ ଦିଲ୍ଲୀର ବାୟୁ ଏତେ ଅଧିକ ମାତ୍ରାରେ ପ୍ରଦୂଷିତ ହୋଇଥିଲା ଯେ ଲୋକଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦିଆଯାଇଥିଲା ଓ ସ୍କୁଲଗୁଡ଼ିକୁ ବନ୍ଦ ରଖାଯାଇଥିଲା। ଭାରତରେ ବର୍ଷକୁ ୧୧ଲକ୍ଷ ଲୋକ ପ୍ରଦୂଷିତ ବାୟୁ ସେବନ କାରଣରୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ସରକାର ଓ ନ୍ୟାୟାଳୟ ସକ୍ରିୟ ଭାବେ ଦିଲ୍ଲୀର ବାୟୁ ପ୍ରଦୂଷଣଜନିତ ସମସ୍ୟାର ପ୍ରତିକାର ନିମନ୍ତେ ଚେଷ୍ଟା ଚଳାଇଛନ୍ତି। ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆରମ୍ଭ କରି ଗରିବ ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ମାଗଣାରେ ମିଳିବା ବ୍ୟବସ୍ଥା କରିଛନ୍ତି। ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଯାନରୁ କାର୍ବନ୍ ନିର୍ଗମନ କ୍ଷେତ୍ରରେ ମଧ୍ୟବର୍ତ୍ତୀ ଗୋଟିଏ ଷ୍ଟେଜ୍ ଡେଇଁ ୨୦୨୦ ଏପ୍ରିଲରୁ ଭାରତ ଷ୍ଟେଜ୍ ୬ ନିୟମ ବା ନର୍ମକୁ ଯିବ। ଗତ ଏପ୍ରିଲରେ ସରକାର ଜାତୀୟ ଶୁଦ୍ଧ ବାୟୁ କାର୍ଯ୍ୟକ୍ରମ ବା ଏନ୍‌ସିଏପି ଗ୍ରହଣ କରିବା ବିଷୟରେ ଚିନ୍ତା କରିଛନ୍ତି ଓ ଜନସାଧାରଣଙ୍କଠାରୁ ମେ' ୧୭ ସୁଦ୍ଧା ମତାମତ ଲୋଡ଼ିଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାୟୁର ମାନ ବା କ୍ୱାଲିଟି ବିଭାଗ ମୁଖ୍ୟ ପ୍ରଶାନ୍ତ ଭାର୍ଗବ କହିଛନ୍ତି, ପ୍ରଥମେ ଦେଶର ୨୦ଟି ସହରରେ ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ଉପରେ ତାହାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରାଯିବ। ବାୟୁ ପ୍ରଦୂଷଣର ମାତ୍ରା ଅଧିକ ଥିବା ୧୦୦ଟି ସହରରେ ବାୟୁ ପ୍ରଦୂଷଣ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ ଯାହାକୁ ରାଜ୍ୟ ସରକାରଗୁଡ଼ିକ କାର୍ଯ୍ୟକାରୀ କରିବେ। ତେବେ ଆକ୍ସନ୍ ପ୍ଲାନ୍ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକ ଡାଟା ସଂଗ୍ରହ ହୋଇନାହିଁ, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇନାହଁ, ସମୟସୀମା ରଖାଯାଇନାହିଁ କି ପାଣ୍ଠିର ବ୍ୟବସ୍ଥା ମଧ୍ୟ ହୋଇନାହିଁ।

**ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ**

# ‘ଶ୍ରମ ଶକ୍ତି ହେଉଛି ଦେଶର ବଡ଼ ଶକ୍ତି’



**ଭୁବନେଶ୍ୱର :** ଶ୍ରମ ଶକ୍ତି ହେଉଛି ଦେଶର ବଡ଼ ଶକ୍ତି। ବିକାଶର ସବୁ କ୍ଷେତ୍ରରେ ରହିଛି ଶ୍ରମିକଙ୍କ ତ୍ୟାଗ ଓ ପରିଶ୍ରମ। ସେମାନେ ଆଧୁନିକ ଯୁଗର ବିଶ୍ୱକର୍ମା। ସେମାନଙ୍କ କଲ୍ୟାଣକୁ ରାଜ୍ୟ ସରକାର ସବୁବେଳେ ପ୍ରାଥମିକତା ଦେଇଆସିଛି। ଜୟଦେବ ଭବନରେ ରାଜ୍ୟସ୍ତରୀୟ ଶ୍ରମିକ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମତ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରମିକଙ୍କ କଲ୍ୟାଣ ଓ ସହାୟତା ପାଇଁ ଅନେକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରବାସୀ ଶ୍ରମିକଙ୍କ ପାଇଁ କଣ୍ଟାବାଞ୍ଜି, ବାଲୁଗାଁ ଓ ପଦ୍ମପୁରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ‘ଶ୍ରମିକ ସାରଥି’ କାର୍ଯ୍ୟକ୍ରମର ଲୋକାର୍ପଣ କରି କହିଲେ, ଦାଦନ ଶ୍ରମିକ ରୋକିବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଉଦ୍ୟମ ଜାରି ରହିଛି। ଗତ ଦୁଇବର୍ଷରେ ରାଜ୍ୟରେ ଶ୍ରମିକ ପ୍ରବାସ କମିଛି। ଶ୍ରମିକ ସାରଥୀ କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକ ସହାୟତା ଓ ସାଧନ କେନ୍ଦ୍ର ଜରିଆରେ ସେମାନଙ୍କ ନିରାପତ୍ତା, ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ପରାମର୍ଶ ପ୍ରଦାନ କରାଯିବ ବୋଲି ନବୀନ କହିଥିଲେ। ସେହିପରି ଶିଶୁ ଶ୍ରମିକ ପ୍ରଥା ରୋକିବା ପାଇଁ ଏକ ୪୫ ଦିନିଆ ସଚେତନତା ଅଭିଯାନର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଲେ, ଏହି ପ୍ରଥାର ବିଲୋପ ପାଇଁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଶ୍ରମିକଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ୨୦୦ରୁ ଅଧିକ ସିଜିନାଲ୍ ହଷ୍ଟେଲ ଖୋଲାଯାଇଛି ଏବଂ ଏଥିରେ ୯ ହଜାରରୁ ଅଧିକ ପିଲା ପାଠ ପଢୁଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ‘ଶୁଣ ଶ୍ରମିକ’ ନାମରେ ଏକ ଗୋଷ୍ଠୀ ରେଡିଓ କାର୍ଯ୍ୟକ୍ରମର ଶୁଭାରମ୍ଭ ମଧ୍ୟ କରିଥିଲେ। ଏଥିରେ ଶ୍ରମିକଙ୍କ ପାଇଁ ବିଭିନ୍ନ କଲ୍ୟାଣ ଯୋଜନାର ପ୍ରଚାର ଓ ପ୍ରସାର କରାଯିବ। ନିର୍ମାଣ ଶ୍ରମିକଙ୍କ ପାଇଁ ଏକ ଲୋକସେବା ଅଧିକାର ପୋର୍ଟାଲ ଉନ୍ମୋଚନ କରିବା ସହ ନିର୍ମାଣ ଶ୍ରମିକ ଡଟ୍ କମ୍ ନାମକ ଏକ ୱେବ୍‌ସାଇଟ ମଧ୍ୟ ଲୋକାର୍ପିତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ୨୦୧୭-୧୮ ବର୍ଷର କାର୍ଯ୍ୟାବଳୀର ବାର୍ଷିକ ବିବରଣୀ ତଥା ଶ୍ରମ କଲ୍ୟାଣ ବୁଲେଟିନ୍ ଉନ୍ମୋଚିତ କରିଥିଲେ। ବିଶ୍ୱ ଶ୍ରମିକ ଦିବସ ଅବସରରେ ଶ୍ରମିକଙ୍କ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହିନ୍ଦ୍ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ବାରିକ, ସର୍ବଭାରତୀୟ ଟ୍ରେଡ୍ ୟୁନିଅନ୍ କଂଗ୍ରେସ ଓଡ଼ିଶା ଶାଖାର ଉପସଭାପତି ଜେ ରାୟ, ସର୍ବଭାରତୀୟ ଟ୍ରେଡ୍ ୟୁନିଅନ କଂଗ୍ରେସ ଓଡ଼ିଶା ଶାଖାର କାର୍ଯ୍ୟକାରୀ ସଭାପତି ରମେଶ ଜେନାଙ୍କୁ ‘ବିଜୁ ଶ୍ରମିକ ବନ୍ଧୁ-୨୦୧୮’ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସୁଶାନ୍ତ ସିଂ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ଜେନା, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ସଚିବ ଏବଂ ଶ୍ରମ ଆୟୁକ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ବ୍ୟବହାର ନକଲେ ଦଣ୍ଡ

**ଭୁବନେଶ୍ୱର :** ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଓଡ଼ିଆ ଭାଷାର ସୁରକ୍ଷା ଏବଂ ବିକାଶ ଦିଗରେ ଏକପାଦ ଆଗେଇଛନ୍ତି। ବିଧାନସଭା ବଜେଟ୍ ଅଧିବେଶନର ଶେଷ ଦିନରେ ଓଡ଼ିଶା ସରକାରୀ ଭାଷା(ସଂଶୋଧନ) ବିଧେୟକ-୨୦୧୮ ଗୃହୀତ କରାଯାଇଛି। ଏହି ବିଲ୍ ଗୃହୀତ ହେବାପରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟ କରାଯିବ। ଯେଉଁ କର୍ମଚାରୀମାନେ ଏହି ନିୟମକୁ ମାନିବେ ନାହିଁ ସେମାନଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ। ଓଡ଼ିଆ ଭାଷା ବ୍ୟବହାର କରୁନଥିବା କର୍ମଚାରୀମାନେ ଦଣ୍ଡିତ ହେବେ। ସେହିଭଳି ଓଡ଼ିଆ ଭାଷାର ଉନ୍ନତ ବ୍ୟବହାରକାରୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ମଧ୍ୟ ଏହି ନିୟମରେ ବ୍ୟବସ୍ଥା କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୨୬ ତାରିଖରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି କରାଯାଇଥିଲା। ତଦନୁସାରେ ବିଧାନସଭାରେ ସରକାରଙ୍କ ପକ୍ଷରୁ ଏହି ବିଲ୍ ଅଣାଯାଇଥିଲା। ବିଲ୍‌କୁ ଗୃହରେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସମର୍ଥନ ମିଳିଥିଲା। ତେବେ ଏଥିରେ ଉଲ୍ଲଙ୍ଘନକାରୀଙ୍କୁ କ’ଣ ଦଣ୍ଡ ମିଳିବ ସେନେଇ କିଛି ଉଲ୍ଲେଖ କରାଯାଇନଥିବା କାରଣରୁ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଆଲୋଚନା ବେଳେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ଯେଉଁ ଉଦ୍ଦେଶ୍ୟରେ ଏହି ବିଲ୍‌ରେ ସଂଶୋଧନ ଅଣାଯାଇଛି ତାହାକୁ ସ୍ୱାଗତ କରୁଛୁ। କିନ୍ତୁ ଏନେଇ କେତେକ ସନ୍ଦେହ ରହିଛି। କାହାକୁ ‘ଉଲ୍ଲଙ୍ଘନ’ କୁହାଯିବ ବୋଲି ସେ ପ୍ରଶ୍ନ କରିଥିଲେ। ବିଲ୍‌ରେ ‘ଉଲ୍ଲଙ୍ଘନ’ ଶବ୍ଦକୁ ବ୍ୟାଖ୍ୟା କରାଯାଇ ନାହିଁ। କାହାକୁ ଦଣ୍ଡ ଦିଆଯିବ ସେନେଇ ମଧ୍ୟ କିଛି ଉଲ୍ଲେଖ ନାହିଁ। ଯଦି କୌଣସି ଫାଇଲରେ ମୁଖ୍ୟମନ୍ତ୍ରୀ ଓଡ଼ିଆରେ ନଲେଖନ୍ତି ତାହେଲେ କ’ଣ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ବିଜେପି ସଦସ୍ୟ ପ୍ରଦୀପ ପୁରୋହିତ କହିଥିଲେ ଯେ ପୂର୍ବରୁ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଛି। ମାତ୍ର ରାଜ୍ୟ ସରକାର ଏନେଇ କିଛି କରୁନାହାନ୍ତି। ବର୍ତ୍ତମାନ ଅଣାଯାଇଥିବା ବିଲରେ ସରକାରଙ୍କ ଆନ୍ତରିକତା ନାହିଁ। ମୁଖ୍ୟମନ୍ତ୍ରୀ ଓଡ଼ିଆ ଜାଣିନଥିବାରୁ କେବଳ ଲୋକଙ୍କୁ ଖୁସି କରିବାକୁ ଏହି ବିଧେୟକ ଅଣାଯାଇଛି। ଏଥିରେ ଦଣ୍ଡବିଧାନ କଥା ଉଲ୍ଲେଖ କରାଯାଇ ନାହିଁ। ତେଣୁ ଏହାର କାର୍ଯ୍ୟକାରିତା ନେଇ ସେ ସନ୍ଦେହ ପ୍ରକାଶ କରିଥିଲେ। ସରକାର ବିଲ୍‌ର ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଥିଲେ ଯେ ଓଡ଼ିଶା

## ସରକାରୀ ଭାଷା ସଂଶୋଧନ ବିଲ୍ ଗୃହୀତ

ସରକାରୀ ଭାଷା ଅଧିନିୟମ-୧୯୫୪ ସଂଶୋଧନ ଫଳରେ ଭାଷା ବ୍ୟବହାରକାରୀ ପ୍ରୋତ୍ସାହିତ ହେବେ। ୧୯୫୪ରୁ ପୁରୁଣା ନିୟମ କାର୍ଯ୍ୟକାରୀ କରାଯାଉଥିଲା। ମାତ୍ର ନୂତନ ଆଇନ୍ ଲାଗୁହେବା ପରେ ଏହା ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହେବ। ନିୟମ ପ୍ରଣୟନ ସମୟରେ ଦଣ୍ଡବିଧାନ କଥା ଉଲ୍ଲେଖ କରାଯିବ ବୋଲି ସେ ଗୃହରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସଦସ୍ୟ ଦିବ୍ୟ ଶଙ୍କର ମିଶ୍ର ମଧ୍ୟ ଏହି ବିଲ୍ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ପରେ ବାଚନିକ ଭୋଟ୍ ମାଧ୍ୟମରେ ବିଧେୟକକୁ ଗୃହୀତ କରାଯାଇଥିଲା। ଅନ୍ୟ ଏକ ଘଟଣାକ୍ରମରେ ରାଜ୍ୟସାରା ସରକାରୀ ଓ ଘରୋଇ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଫଳକ ଲଗାଯିବାକୁ ଆଜି ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି। ଏଥିରେ ଜନସାଧାରଣଙ୍କୁ ସଚେତନ କରାଯିବାକୁ କୁହାଯାଇଛି। ଏକମାସ ମଧ୍ୟରେ ଅନ୍ୟ ଭାଷା ସହିତ ଓଡ଼ିଆରେ ନାମଫଳକ ଲେଖା ନଗଲେ ଦଣ୍ଡବିଧାନ କରାଯିବ ବୋଲି କୁହାଯାଇଛି।

# ପିଆଇବି ମହାନିର୍ଦ୍ଦେଶକ ହେଲେ ସିତାଂଶୁ କର



**ଭୁବନେଶ୍ୱର :** ସର୍ବଭାରତୀୟ ସେବା - ଭାରତୀୟ ସୂଚନା ସେବାର ବରିଷ୍ଠ ଓଡ଼ିଆ ଅଧିକାରୀ ତଥା ଦକ୍ଷ ପ୍ରଶାସକ ସିତାଂଶୁ କର ପତ୍ର ସୂଚନା କାର୍ଯ୍ୟାଳୟ ଦିଲ୍ଲୀର ମହାନିର୍ଦ୍ଦେଶକ ତଥା ଭାରତ ସରକାରଙ୍କ ୨୭ତମ ପ୍ରଧାନ ମୁଖପାତ୍ର ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଫ୍ରାଙ୍କ ନରୋନାଙ୍କ ଅବସର ଗ୍ରହଣ ପରେ ୧୯୮୩ ବ୍ୟାଚ୍‌ର ଅଧିକାରୀ ଶ୍ରୀ କର ନୂତନ ଦାୟିତ୍ୱ ନେଇଛନ୍ତି। ଦୀର୍ଘ ୩୫ ବର୍ଷ ଧରି ଶ୍ରୀ କର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ମିଡିଆ ବିଭାଗରେ ପ୍ରମୁଖ ପଦପଦବୀରେ ଅତି କୁଶଳତାର ସହ କାର୍ଯ୍ୟକରି ଆସିଛନ୍ତି। ପିଆଇବିର ନୂତନ କାର୍ଯ୍ୟଭାର ଗ୍ରହଣ ପୂର୍ବରୁ ସେ ଆକାଶବାଣୀ ସମାଚାର ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ସିତାଂଶୁ କର ପ୍ରଥମେ କଟକରୁ ବାଲ୍ୟଶିକ୍ଷା ସାରି ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ ମାଧ୍ୟମିକ ଶିକ୍ଷା ଶେଷ କରିଥିଲେ। ଏହାପରେ କଟକ ଖ୍ରୀଷ୍ଟ କଲେଜରେ ପଢ଼ିଥିଲେ। ତା ପରେ ବିଜେବି କଲେଜ ଭୁବନେଶ୍ୱରରୁ ରାଜନୀତି ବିଜ୍ଞାନ(ଅନର୍ସ)ରେ ଭଲ ଅଧ୍ୟୟନ କରି ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ସାରିବା ପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଚାଇନିଜ୍ ଓ ଜାପାନିଜ୍ ଭାଷାରେ ଏମଫିଲ୍ ଡିଗ୍ରୀ ହାସଲ କରିଥିଲେ। ସର୍ବଭାରତୀୟ ସେବାର ପ୍ରାରମ୍ଭରେ ଶ୍ରୀ କର ଲାଲବାହାଦୁର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ, ମସୋରୀରେ ଫାଉଣ୍ଡେସନ ପାଠ୍ୟକ୍ରମ ଏବଂ ନୂଆଦିଲ୍ଲୀସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନରେ ଅନୁଶୀଳନ ପାଠ୍ୟକ୍ରମ ଶେଷ କରି ଆକାଶବାଣୀର ସମ୍ବାଦ ପ୍ରସାରଣ ସେବା ବିଭାଗରେ ଯୋଗଦେଇଥିଲେ। ଶ୍ରୀ କର ୨୦୦୩ରେ ପୁଣି ଥରେ ପତ୍ର ସୂଚନା କାର୍ଯ୍ୟାଳୟରେ ଯୋଗଦେଇ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଗ୍ରାମ୍ୟ ଉନ୍ନୟନ, ମାନବ ସମ୍ବଳ ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତି ସେବା, ଆଣବିକ ଶକ୍ତି ଓ ମହାକାଶ ବିଜ୍ଞାନ ମନ୍ତ୍ରଣାଳୟର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ରହିଥିଲେ। ୨୦୦୫ ଅଗଷ୍ଟରେ ସେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରଧାନ ମୁଖପାତ୍ର ଭାବେ ଏହାର ଜନସମ୍ପର୍କ ନିର୍ଦ୍ଦେଶାଳୟରେ ଯୋଗଦେଇଥିଲେ।

# ଅଦିନିଆ ବର୍ଷାରେ ୬ ଜିଲ୍ଲା କ୍ଷତିଗ୍ରସ୍ତ

**ଭୁବନେଶ୍ୱର :** ଅଦିନିଆ ବର୍ଷା ଓ କାଳବୈଶାଖୀ ଯୋଗୁ ପ୍ରଭାବିତ ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଡେପୁଟି ଏସ୍‌ଆରସି ପ୍ରଭାତ ରଞ୍ଜନ ମହାପାତ୍ର କହିଛନ୍ତି ଯେ, କାଳବୈଶାଖୀ ବର୍ଷା ଯୋଗୁ ବାଲେଶ୍ୱର ଓ ବରଗଡ଼ ଜିଲ୍ଲାରେ ଗଛ ଡାଳ ପଡ଼ି ୨ ଜଣ ପ୍ରାଣ ହରାଇ ଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଅନ୍ୟଜଣେ ବ୍ୟକ୍ତି କାନ୍ଥ ପଡ଼ି ପ୍ରାଣ ହରାଇଛନ୍ତି। ୬ଟି ଜିଲ୍ଲା ସୋନପୁର, ବରଗଡ଼, ଯାଜପୁର, ମୟୂରଭଞ୍ଜ, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାରୁ ସରକାରଙ୍କୁ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ମିଳିଛି। ଏହି ଜିଲ୍ଲାପାଳମାନଙ୍କୁ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ୯ରୁ ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ ସକ୍ଷମ ଅଭିଯାନ

**ଭୁବନେଶ୍ୱର :** ଦିବ୍ୟାଙ୍ଗଙ୍କ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ମେ’ ୯ ତାରିଖରୁ ସକ୍ଷମ ଅଭିଯାନ ଆୟୋଜିତ ହେବ। ପୁରୀଠାରେ ଉଦ୍‌ଘାଟିତ ହେବାକୁ ଥିବା ଏହି ଅଭିଯାନରେ ୩୦ ସଦସ୍ୟ ବିଶିଷ୍ଟ ଏକ ଟିମ୍ ୩୦ଟି ଜିଲ୍ଲାକୁ ଯାତ୍ରା କରିବ। ଅଭିଯାନର ସଦସ୍ୟମାନେ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଅଧିକାର, ନୂଆ ଆଇନ, ସେମାନଙ୍କ ହକ୍, ବିଭିନ୍ନ ସରକାରୀ ଯୋଜନା ଏବଂ ସୁବିଧା ସମ୍ପର୍କରେ ସଚେତନ କରାଇବେ। ଏହା ବ୍ୟତୀତ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ‘ସାମୂହିକତା’ର ଗୁରୁତ୍ୱ ସମ୍ପର୍କରେ ବୁଝାଇବେ ବୋଲି ‘ସ୍ୱାଭିମାନ୍’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୁତି ମହାପାତ୍ର କହିଛନ୍ତି। ସମସ୍ତ ଜିଲ୍ଲାରେ ଯାତ୍ରା ଶେଷ ହେବା ପରେ ୨୦ ତାରିଖରେ ଭୁବନେଶ୍ୱରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ସଶକ୍ତ ଅଭିଯାନ ପାଇଁ ୧୩୦ଟି ଏନ୍‌ଜିଓ ଏକାଠି ହୋଇଛନ୍ତି। ଏହି ଅଭିଯାନ ପାଇଁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ରୋଟାରୀ ଜିଲ୍ଲା ୩୨୬୦ ଏବଂ ଅନ୍ୟ ୧୦ଟି ନେଟ୍‌ୱର୍କ ସମର୍ଥନ ଯୋଗାଇଛନ୍ତି। ଏଭଳି ଅଭିଯାନ ଭାରତରେ ପ୍ରଥମ ଓ ଦିବ୍ୟାଙ୍ଗଙ୍କୁ ସମାଜ ସହିତ ଯୋଡ଼ିବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା ଶ୍ରୁତି ମହାପାତ୍ର କହିଛନ୍ତି।

# ମୁଖ୍ୟମନ୍ତ୍ରୀ କେବଳ ବାହାସ୍ଫୋଟ ମାରୁଛନ୍ତି: ବିଜେପି

**ଭୁବନେଶ୍ୱର :** ରାଜ୍ୟର ଚାଷୀଙ୍କ ପାଇଁ ଅନେକ ଯୋଜନା କରିଛୁ ବୋଲି କହି ମୁଖ୍ୟମନ୍ତ୍ରୀ କେବଳ ବାହାସ୍ଫୋଟ ମାରୁଛନ୍ତି। କିନ୍ତୁ ରାଜ୍ୟରେ କୃଷି ଏବଂ କୃଷକର ବାସ୍ତବ ଚିତ୍ର କିଛି ଅଲଗା। ବହୁ ଯୋଜନା ଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଏବଂ ଅପାରଗତା କାରଣରୁ ଚାଷୀଟି ନିଜର ନ୍ୟାର୍ଯ୍ୟ ହକ୍ ପାଇବାରୁ ବଞ୍ଚିତ ହେଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୃତିକା ସ୍ୱାସ୍ଥ୍ୟ କାର୍ଡ, କୃଷି ସିଚାଇ ଯୋଜନା, ଇ-ମାର୍କେଟିଂ ବ୍ୟବସ୍ଥା, ଉତ୍ପାଦିତ ଫସଲର ଅଭାବୀ ବିକ୍ରି ରୋକିବାର ପଦକ୍ଷେପ ଭଳି ବହୁ କୃଷକ କଲ୍ୟାଣ ଯୋଜନାକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। କାଳବୈଶାଖୀ ବର୍ଷା ଯୋଗୁଁ ବରଗଡ ଜିଲ୍ଲାର ବରପାଲି ବ୍ଲକ ସମେତ ରାଜ୍ୟର ବହୁ ସ୍ଥାନରେ ଅଧିକାଂଶ ଅଂଚଳରେ ଧାନ ଫସଲ ନଷ୍ଟ ହୋଇଛି। କ୍ଷତିପୂରଣ ରାଶି ଦାବି କରି ବରପାଲି ବ୍ଲକ କନବାର ଗାଁର ଚାଷୀ ଜିଲ୍ଲାପାଳଙ୍କ ଅଫିସ ଆଗରେ ନିଜ ହକ୍ ପାଇଁ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ଚାଷୀଟି ଆତ୍ମହତ୍ୟା ଉଦ୍ୟମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା କହିଛନ୍ତି। କାଳବୈଶାଖୀ ବର୍ଷା କାରଣରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହଜାର ହଜାର ଏକର ଧାନ ଫସଲ ନଷ୍ଟ ହୋଇଛି। ଏହା ସତ୍ତ୍ୱେ ରାଜ୍ୟସରକାର କୌଣସି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିନାହାଁନ୍ତି। ରାଜ୍ୟସରକାର କେବଳ ଭାଷଣବାଜି କରିବା ଛଡା ଆଉ କିଛି ଜାଣନ୍ତି ନାହିଁ। ଚାଷୀକୁ ତାର କ୍ଷତିପୂରଣ ମିଳିଥିଲେ ଆଜି ଏଭଳି ଅଘଟଣ ଘଟିନଥାନ୍ତା ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଦୀର୍ଘ ୧୮ ବର୍ଷର ଶାସନ ମଧ୍ୟରେ ନବୀନ ସରକାର କେବଳ ଚାଷୀମାନଙ୍କୁ ଶୋଷଣ କରି ଚାଲିଛନ୍ତି। ରାଜ୍ୟସରକାର ବରଗଡ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ କ୍ଷୟକ୍ଷତି ରାଶି ଚାଷୀମାନଙ୍କ ପାଖରେ ପହଂଚାଇ ପାରିଲେ ନାହିଁ। ରାଜ୍ୟର ଭାତ ହାଣ୍ଡି କୁହାଯାଉଥିବା ବରଗଡ ଜିଲ୍ଲାରେ ଚାଷୀମାନଙ୍କୁ ସବୁଠୁ ଅଧିକ ଅବହେଳିତ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଫସଲ ବୀମା ଯୋଜନାରେ କ୍ଷତିପୂରଣ ରାଶି ରାଜ୍ୟ ସରକାର ସଠିକ୍ ଭାବରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଖରେ ପଂହଚାଇ ପାରୁନାହାଁନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ପୂର୍ବରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନି। ଚାଷୀଙ୍କ ପାଇଁ ଇନପୁଟ ସବସିଡି ଅକ୍ଟୋବର ମାସରେ ରିଲିଜ ହେଲା ପରେ ବି ଆଜି ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ପହଞ୍ଚିନି। ଚାଷୀ ଋଣଭାରରେ ମାନସିକ ଭାରସାମ୍ୟ ହରାଇ ବାଧ୍ୟ ହୋଇ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତି ନେଉଛି ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି। ସେହିପରି ଚାଷୀ ଆତ୍ମହତ୍ୟାକୁ ରାଜ୍ୟସରକାର ଗ୍ରହଣ ନକରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା।

# ୧୬ରୁ ‘ମହାନଦୀ ସୁରକ୍ଷା ଅଭିଯାନ’ର ଶୁଭାରମ୍ଭ କରିବେ ନବୀନ




**ଭୁବନେଶ୍ୱର :** ମହାନଦୀର ମହାସଙ୍କଟ ଏ ପର୍ଯ୍ୟନ୍ତ ଟଳିନାହିଁ। ତେଣୁ ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଆ ଜାତିର ମହାସଂଗ୍ରାମ ଅବ୍ୟାହତ ରହିଛି। ଏହାର ପ୍ରଥମ ପର୍ଯ୍ୟାୟ ଆନ୍ଦୋଳନ ପରେ ଗତମାସ ୨୨ ତାରିଖ ଦିନ ବିଜୁ ଜନତା ଦଳ ତରଫରୁ ମହାନଦୀ ସଂକଟ ସଂପର୍କିତ କର୍ମଶାଳାରେ ଦଳର ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ ମହାନଦୀ ସଂକଟ ପାଇଁ ଓଡ଼ିଶାବାସୀ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ କରିବେ ଏବଂ ବିଜୁ ଜନତା ଦଳ ଏହାର ନେତୃତ୍ୱ ନେବ। ରାଜ୍ୟ ସରକାର ଆଇନ୍‌ଗତ ଲଢ଼େଇ ଲଢୁଥିବା ବେଳେ ଓଡ଼ିଶାର ଜନସାଧାରଣ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଲଢ଼େଇ ଲଢୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନର ପ୍ରସ୍ତୁତି ଏବଂ ରୂପରେଖ ତିଆରି କରିବା ପାଇଁ ଗତକାଲି ମହାନଦୀ ଅବବାହିକାରେ ଥିବା ୧୫ଟି ଜିଲ୍ଲାର ବିଜୁ ଜନତା ଦଳର ସମସ୍ତ ବିଧାୟକ, ଜିଲ୍ଲା ସଭାପତି, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ଛାମୁଆଁ ସଂଗଠନର କର୍ମକର୍ତ୍ତାମାନଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇ ବିସ୍ତୃତ ଆଲୋଚନା ଓ ବିଚାରବିମର୍ଶ କରାଯାଇଛି। ଚଳିତମାସ ଏକ ବ୍ୟାପକ ଜନଜାଗରଣ ପାଇଁ ବିଜୁ ଜନତା ଦଳ ନେତୃତ୍ୱରେ ‘ମହାନଦୀ ସୁରକ୍ଷା ଅଭିଯାନ’ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ସ୍ଥଳରୁ ମହାନଦୀର ଉଭୟ ପାର୍ଶ୍ୱ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରୁ ବିଶାଳ ଜନସଚେତନତା ଯାତ୍ରା ଆରମ୍ଭ ହୋଇ ପାରାଦୀପ ଠାରେ ଏହାର ସମାପନ ହେବ। ଏହି ଯାତ୍ରାରେ ହଜାର ହଜାର ସଂଖ୍ୟାରେ କୃଷକ, ମତ୍ସ୍ୟଜୀବୀ, ଛାତ୍ର, ଯୁବକ, ମହିଳା ଓ ସମାଜର ଅନ୍ୟ ସବୁ ବର୍ଗର ଜନସାଧାରଣ ଅଂଶଗ୍ରହଣ କରିବେ। ଏହି ଜନଜାଗରଣ ଅଭିଯାନ ସମୟରେ ରାସ୍ତାରେ ପଡୁଥିବା ଗ୍ରାମ ଓ ସହରର ସବୁ ସ୍ଥାନରେ ସାଧାରଣ ସଭା, ପଥପ୍ରାନ୍ତ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ମହାନଦୀ ସଂକଟର ପ୍ରକୃତ ଚିତ୍ର ଉପସ୍ଥାପନ କରାଯିବ। ଏହାସହ ବିପୁଳ ସଂଖ୍ୟାରେ ପୁସ୍ତିକା, ପ୍ରଚାରପତ୍ର ଜରିଆରେ ଓଡ଼ିଶାରେ ମହାନଦୀକୁ ବିଲୀନ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ କରାଯିବା ସହିତ ଏହି ସଂକଟର ଭୟାବହତା ସଂପର୍କରେ ଲୋକଙ୍କୁ ଅବଗତ କରାଯିବ। ଉକ୍ତ ସୁରକ୍ଷା ଅଭିଯାନ ମହାନଦୀ ତଟବର୍ତ୍ତୀ ଏବଂ ମହାନଦୀ ଦ୍ୱାରା ପ୍ରଭାବିତ ହେଉଥିବା ୧୫ଟି ଜିଲ୍ଲାର ୪୫ଟି ନିର୍ବାଚନ ମଣ୍ଡଳୀର ବ୍ଲକ ଓ ନଗରାଞ୍ଚଳ ମଧ୍ୟ ଦେଇ ଯିବ। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳମାନଙ୍କରୁ ମଧ୍ୟ ଜନସାଧାରଣ ଏହି ସୁରକ୍ଷା ଅଭିଯାନରେ ସାମିଲ ହେବେ। କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ବିବରଣୀ ସପ୍ତାହକ ମଧ୍ୟରେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ମାସ ୧୬ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଉଭୟ ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରୁ ଏହି ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିବେ ଏବଂ ପାରାଦୀପ ଠାରେ ସମାପନ ସମାବେଶରେ ଯୋଗଦେବେ। ମହାନଦୀର ସୁରକ୍ଷା ପାଇଁ ଏହି ମହା ଅଭିଯାନରେ ସାମିଲ ହେବା ଲାଗି ଓଡ଼ିଶାର ଛାତ୍ର, ଯୁବକ, କୃଷକ, ମତ୍ସ୍ୟଜୀବୀ, ମହିଳା, ବୁଦ୍ଧିଜୀବୀ, ସମସ୍ତ ସାମାଜିକ ସଂଗଠନ, ସବୁ ରାଜନୈତିକ ଗୋଷ୍ଠୀ ଏବଂ ସର୍ବୋପରି ଓଡ଼ିଶାର ସମଗ୍ର ଜନସାଧାରଣ ସକ୍ରିୟ ଭାବେ ସାମିଲ ହେବା ପାଇଁ ବିଜୁ ଜନତା ଦଳ ନିବେଦନ କରୁଛି ବୋଲି ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପ-ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ସାଧାରଣ ସଂପାଦକ ସଂଜୟ କୁମାର ଦାସବର୍ମା ଓ ଅତନୁ ସବ୍ୟସାଚୀ ନାୟକ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀ ରାଜ୍ୟ ସଂପାଦକ ବିଜୟ ନାୟକ ଉପସ୍ଥିତ ଥିଲେ।

## ଶାସକ ବିଜେଡିର ଆଚରଣ ହାସ୍ୟାସ୍ପଦ: ବିଜେପି

**ଭୁବନେଶ୍ୱର :** ଶାସକ ବିଜେଡି ମହାନଦୀ ସୁରକ୍ଷାଯାତ୍ରା ନାଁରେ ରାଜନୈତିକ ଡ୍ରାମା ଓ ଅରଣ୍ୟରୋଦନ କରୁଛି। କେବଳ ନିର୍ବାଚନ ପାଇଁ ବିଜେଡି ମହାନଦୀ ପ୍ରସଙ୍ଗକୁ ଉଠାଇ ଲୋକଙ୍କୁ ବିଭ୍ରାନ୍ତି କରି ଚାଲିଛି। ଶାସକ ବିଜେଡି ଉଚାରଣରେ ଗୋଟିଏ କଥା ଏବଂ ଆଚରଣରେ ଅନ୍ୟ ଏକ କଥା କରୁଛି। ମହାନଦୀ ସୁରକ୍ଷା ଯାତ୍ରାକୁ ନେଇ ଦଳରେ ଭିନ୍ନ ଭିନ୍ନ ମତ ଉଠୁଛି। ମହାନଦୀ ଜଳରୁ ନେଇ ରାଜନୀତି କରିବା ରାଜ୍ୟ ସରକାରଙ୍କ ଅପାରଗତା ଓ ସ୍ଥାଣୁତାକୁ ଦର୍ଶାଉଛି। ଚୋର ମୁହଁ ଟାଣ ପରି ନିଜ ଦୋଷକୁ ଘୋଡାଇ ମିଥ୍ୟା ସୁଆଙ୍ଗ ରଚି ସାଧାରଣ ଜନତାଙ୍କୁ ବିଭ୍ରାନ୍ତି କରାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥୀରାଜ ହରିଚନ୍ଦନ କହିଛନ୍ତି।

ବାସ୍ତବରେ ମହାନଦୀ ଜଳ ବିବାଦର ସମାଧାନ ବିଜେଡି ଚାହୁଁନି। ମହାନଦୀ ଦଳ ବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଆପୋଷ ବୁଝାମଣା ନକରି ଟ୍ରିବ୍ୟୁନାଲ ଗଠନ ପାଇଁ ଜିଦ୍ ଧରିଥିଲେ। କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ ପାଇଁ ନିର୍ଦ୍ଦେଶ ଦେବା ପରେ ବି ରାଜ୍ୟ ସରକାର ମହନଦୀ ସଂପର୍କରେ ତଥ୍ୟ ରଖି ତୁରନ୍ତ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଚୁପ୍ ବସି ବିଭିନ୍ନ ଆଳ ଦେଖାଇ ମହାନଦୀକୁ ରାଜନୀତି ପ୍ରସଙ୍ଗ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ମୁଖ୍ୟମନ୍ତ୍ରୀଙ୍କର ଗୋଟିଏ ବ୍ୟାରେଜ ନିର୍ମାଣ କରିବାର କ୍ଷମତା ନାହିଁ। ଦୀର୍ଘ ୧୮ ବର୍ଷର ଶାସନ ଭିତରେ ମୁଖ୍ୟମନ୍ତ୍ରୀ ହୀରାକୁଦ ତଳ ମୁଣ୍ଡରେ କୋଡୋଟି ବ୍ୟାରେଜ ନିର୍ମାଣର ଯୋଜନା କରିଛନ୍ତି ତାହା ଆଗ ସ୍ପଷ୍ଟ କରନ୍ତୁ। ଯଦି ସରକାର ବାସ୍ତବରେ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛନ୍ତି ତେବେ ଆଗାମୀ ଦିନରେ ନଦୀ ପାଣିର ସଂରକ୍ଷଣ ପାଇଁ କେତୋଟି ବ୍ୟାରେଜ ନିର୍ମାଣ କରାଇବେ ପ୍ରଥମେ ତାହା ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଗତ ବିଧାନସଭାରେ ମହାନଦୀର ୫୩ ପ୍ରତିଶତ ପାଣି ସମୁଦ୍ରକୁ ବହି ଯାଉଥିବା ଖୋଦ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ମନ୍ତ୍ରୀ ଭାବେ ସ୍ୱୀକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ହୀରାକୁଦର ତଳ ମୁଣ୍ଡରେ ଥିବା ତେଲ, ଇବ, ହାତୀ ଆଦି ନଦୀରୁ ଆରମ୍ଭ କରି କାଠଯୋଡି, ଦେବୀ ଓ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ଲମ୍ବିଥିବା ବିଭିନ୍ନ ଶାଖା ନଦୀ ଗୁଡିକରେ ବର୍ଷା ଦିନେ ସମୁଦ୍ରକୁ ବହିଯାଉଥିବା ପାଣିକୁ ସୁବିନିଯୋଗ କରି ଖରା ଦିନେ ଚାଷୀଙ୍କ କାମରେ ଲଗାଇବା ପାଇଁ କଣ ସବୁ ବ୍ୟବସ୍ଥା କରିଛନ୍ତି ତାହା ସ୍ପଷ୍ଟ କରନ୍ତୁ। କେବଳ ମହାନଦୀ ଜଳ ନୁହେଁ ରାଜ୍ୟରେ ପ୍ରବାହିତ ହେଉଥିବା ଅନ୍ୟ ସମସ୍ତ ପ୍ରମୁଖ ନଦୀ ଜଳକୁ ରୋକି ବ୍ୟବହାର ଉପଯୋଗୀ କରିବାରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଲୋକଙ୍କ ପାଖରେ ମହାନଦୀ ସଂପର୍କରେ ବିଭ୍ରାନ୍ତିକର ତଥ୍ୟ ରଖିବା ଅପେକ୍ଷା ମହାନଦୀର ଜଳକୁ କିପରି ସଠିକ୍ ଉପଯୋଗ କରାଯାଇ ପାରିବ ସେ ନେଇ ରାଜ୍ୟ ସରକାର ଚିନ୍ତା କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୭ ମଇ - ୧୩ ମଇ, ୨୦୧୮

# ଏକତାରେ ସଫଳତା

**ସା**ମାଜିକ କ୍ଷେତ୍ର ହେଉ କିମ୍ବା ପରିବାର ସବୁଠାରେ ସଫଳତା ହାସଲ କରିବା ପାଇଁ ଏକତାର ଆବଶ୍ୟକତା ରହିଛି। ପରିବାରରେ ପାଞ୍ଚଭାଇଙ୍କ ମଧ୍ୟରେ ଯେବେ ସମ୍ପର୍କ ଭଲ ନରହିବ ବା ବିନା ବିଚାରବିମର୍ଷରେ କୌଣସି କାର୍ଯ୍ୟ ଆଗେଇ ନେବାକୁ ପଡିବ ତେବେ ସେଥିରେ ସଫଳତାର ହାର ଖୁବ୍ କମ। ସମାଜରେ ପରିବର୍ତ୍ତନ ଆଣିବାକୁ ଉଚିତ୍ ମଣୁଥିବା ବ୍ୟକ୍ତି ବିଶେଷ ମଧ୍ୟ ଅନ୍ୟର ସହାୟତା ବିନା ଏହାକୁ ଆଗେଇ ନେବା ଅସମ୍ଭବ। ବ୍ୟବସାୟ ହେଉ କି କୃଷି ଅନ୍ୟର ସହଯୋଗ ବିନା କୌଣସି କାର୍ଯ୍ୟ ହୋଇପାରେନାହିଁ। ଏଥିରେ ଅନ୍ୟକୁ ଭରସା କରିବା ଏବଂ ବିଶ୍ୱାସର ସହିତ କାର୍ଯ୍ୟ ପ୍ରଦାନ କରିବା ଦ୍ୱାରା ଅତ୍ୟନ୍ତ ଜଟିଳ କାର୍ଯ୍ୟ ମଧ୍ୟ ସହଜରେ ହୋଇପାରିଥାଏ। ସୁଚିନ୍ତିତ ଯୋଜନା, ସ୍ୱଚ୍ଛ ଭାବନା ଏବଂ ନିଷ୍ଠା ଜାଗ୍ରତ ହେଲେ ପ୍ରତ୍ୟେକ କାର୍ଯ୍ୟରେ ଅଗ୍ରସର ହେବା ସରଳ ହୋଇଥାଏ। ମନ ଭିତରେ ଭିନ୍ନ ଭାବନା ରଖି ବାହାରକୁ ଭଲ କରିବାର ଅଭିନୟ କରିବା ଦ୍ୱାରା ଉକ୍ତ କାର୍ଯ୍ୟ ମଧ୍ୟ ସେଭଳି ନାଟକୀୟ ଢଙ୍ଗରେ ପରିସମାପ୍ତି ହୁଏ। ଆନ୍ତରିକତା ଓ ଉଦ୍ୟମ ସମପରିମାଣରେ ରହିଲେ ଶିକ୍ଷା, ସ୍ୱାସ୍ଥ୍ୟ ସଚେତନତା, ସାମାଜିକ ସଂସ୍କାର ଏବଂ ପରିବର୍ତ୍ତନ ଧର୍ମୀ ସମାଜ ମଙ୍ଗଳ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥାଏ। ମାନବିକ ମୂଲ୍ୟବୋଧ ଆଧାରରେ ବ୍ୟକ୍ତି ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କଲେ ଏଥିରେ ଅନ୍ୟମାନେ ଅକ୍ଳେଶରେ ସାମିଲ ହୁଅନ୍ତି। ଯାହାର ପ୍ରଭାବ ଅନ୍ୟାୟ କରୁଥିବା ବ୍ୟକ୍ତି, ସଂଗଠନ ଓ ସରକାରଙ୍କ ଉପରେ ପଡିଥାଏ। ସାମୟିକ ସ୍ୱାର୍ଥ ହାସଲ ଲକ୍ଷ୍ୟ ନେଇ ଆରମ୍ଭ କରାଯାଉଥିବା ଯେ କୌଣସି କର୍ମ ପରବର୍ତ୍ତୀ ସମୟରେ ଲାଞ୍ଛନା ଦିଏ। ଏଥିପାଇଁ କେବେ କେବେ ନିନ୍ଦିତ ହେବାକୁ ମଧ୍ୟ ପଡିଥାଏ। ରାଜନୀତିକ ବ୍ୟକ୍ତିମାନେ ବ୍ୟକ୍ତି ସ୍ୱାର୍ଥଠୁ ଊର୍ଦ୍ଧ୍ୱରେ ରହି ଯେତେବେଳେ ଦଳ ସ୍ୱାର୍ଥ ଏବଂ ସଂଗଠନକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରନ୍ତି ସେତେବେଳେ ଏହାର ପ୍ରଭାବ ନେତା, କର୍ମୀ ଓ ସାଧାରଣ ଲୋକଙ୍କ ଉପରେ ପଡିଥାଏ। ଦଳର ମୁଖିଆମାନଙ୍କ ଆଚରଣ ଓ ଉଚ୍ଚାରଣ ଗୋଟିଏ ପ୍ରକାର ହେବା ଦ୍ୱାରା ଦଳୀୟ ସ୍ଥିତି ସୁଦୃଢ଼ ହେବା ସହିତ ଏହା ଦଳକୁ ଉଚ୍ଚ ସୋପାନକୁ ନେଇଥାଏ। ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ଏଭଳି କିଛି କାର୍ଯ୍ୟ କରିବା ଦରକାର ଯେଉଁଥିରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଜଡିତ ରହିଥିବ। ଭୋଟରଙ୍କ ପାଇଁ ମନ ଭିତରେ ଶ୍ରଦ୍ଧା ନ ରହିଲେ ବା ସେମାନଙ୍କ ହୀତ ପାଇଁ କାର୍ଯ୍ୟ କରାନଗଲେ ସେମାନେ ଆପେ ଆପେ ନିର୍ଦ୍ଦିଷ୍ଟ ଦଳ ନିକଟରୁ ଦୂରେଇ ଯାଆନ୍ତି। ଯାହା ଫଳରେ ଆତ୍ମବିଶ୍ୱାସର ସଙ୍କଟ ମଧ୍ୟରେ ସମ୍ପୃକ୍ତ ନେତା ଘାରି ହୁଅନ୍ତି। ପରବର୍ତ୍ତୀ ସମୟରେ ଭୋଟ ଭିକ୍ଷା କରିବାକୁ ଲୋକଙ୍କ ନିକଟକୁ ଯିବା ବେଳେ ଏହା ଘୋର ସମସ୍ୟା ସୃଷ୍ଟି କରିଥାଏ। ସେତେବେଳେ ଯେତେ ଚତୁରତାର ସହିତ କଥା କହିଲେ ମଧ୍ୟ କେହି ଏହାକୁ ବିଶ୍ୱାସକୁ ନିଅନ୍ତି ନାହିଁ। ଫଳରେ ଉଦ୍ୟମ ଫିକା ହୋଇଯିବା ସହିତ ବିଫଳତାର ଯନ୍ତ୍ରଣା ମଣିଷକୁ ଖିନ୍‌ଭିନ୍ କରେ।

ସମ୍ବାଦକୀର୍ତ୍ତି



ତାରକ ମହାନ୍ତି

ତେଣୁ ରାଜନୀତିରେ କେହି ଶତ୍ରୁ ନୁହନ୍ତି କି ସ୍ଥାୟୀ ମିତ୍ର ନୁହଁନ୍ତି ଭାବନା ନେଇ ଆଗକୁ ଆଗକୁ ବାଟ ଚାଲିବାକୁ ପଡିଥାଏ। ଏମିତିବି ହୋଇଥାଏ ଭଲ କାର୍ଯ୍ୟ କରିବା ସତ୍ତ୍ୱେ ଦଳ ବିପର୍ଯ୍ୟୟକୁ ସାମ୍ନା କରେ। ଏହି ସମୟରେ ଅତ୍ୟନ୍ତ ଧୈର୍ଯ୍ୟ ଏବଂ କଠୋର ପରିଶ୍ରମ ଆଧାରରେ ଜନମତକୁ ଗ୍ରହଣ କରିବା ସହିତ ପୁନର୍ବାର ସଫଳତା ପାଇଁ ପ୍ରୟାସ ଜାରି ରଖିବା ଦରକାର। ବେଳେ ବେଳେ ଭଲ କାର୍ଯ୍ୟ କରୁଥିଲେ ମଧ୍ୟ ନିନ୍ଦୁକମାନଙ୍କ ଯୋଗୁଁ ଦଳ ସମସ୍ୟାର ସମ୍ମୁଖୀନ ହୋଇଥାଏ। ତେଣୁ ନିନ୍ଦାକୁ ଡରି ରାଜନେତାମାନେ ମଇଦାନ ଛାଡିଦେବା ବା ଲକ୍ଷ୍ୟ ପଥରୁ ବିଚ୍ୟୁତ୍ ହେବା ବୁଦ୍ଧିମାନର କାର୍ଯ୍ୟ ନୁହେଁ। କାରଣ କାଳେ କାଳେ ଏହି ନିନ୍ଦୁକମାନଙ୍କ ଯୋଗୁ ବ୍ୟକ୍ତି, ସଂଗଠନ ଓ ଶାସନ ସତର୍କ ରହିବା ସହିତ କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣେ। ଯାହାର ସୁଫଳ ସମସ୍ତଙ୍କୁ ମିଳିବା ସହିତ ନିନ୍ଦା ବା ଅପବାଦକୁ ଡରି କାର୍ଯ୍ୟଧାରା ବନ୍ଦ ହୋଇଯାଇନି ବୋଲି ପ୍ରମାଣିତ ହୋଇଥାଏ। ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳୁଛି।

ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳ ସରକାର ମଧ୍ୟ ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ଦଳକୁ ଅଧିକ ଟାଣ କରିବା ଲକ୍ଷ୍ୟରେ ରହିଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ବିକାଶ ଏବଂ ଲୋକପ୍ରିୟତାର ପ୍ରମାଣ ଯୋଡାଯାଇଛି। ଯେଉଁଥିପାଇଁ ବିଜେଡି ପୂର୍ବାପେକ୍ଷା ଅଧିକ ଲୋକାଭିମୁଖୀ କାର୍ଯ୍ୟ ହାତକୁ ନେବା ସହିତ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଅଧିକ ତତ୍ପର ହୋଇଉଠିଛି। ସେହିଭଳି କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀ, ସ୍ୱଚ୍ଛତା ଓ ବିକାଶକୁ ଆଧାର କରି ଦେଶର ସବୁ ରାଜ୍ୟରେ କ୍ଷମତା ହାସଲ କରିବା ଲକ୍ଷ୍ୟରେ ଲାଗିପଡିଛି। ଓଡ଼ିଶାରେ ଦଳ କ୍ଷମତାକୁ ଆସିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଓ ଆନ୍ତରିକତା ଉପରେ ଭରସା କରିଛି। ଯଦିଓ ଏଯାବତ୍ ରାଜ୍ୟରେ ବିଜେପିର ସ୍ଥିତି ସେଭଳି ମଜଭୁତ ଜଣାପଡୁନାହିଁ ତଥାପି ଏହି ଦଳ ମୋଦିଙ୍କ ଆଦର୍ଶକୁ ବିଶ୍ୱାସ କରିବା ନିମନ୍ତେ ସାଧାରଣ ଲୋକଙ୍କ ନିକଟତର ହେବାରେ ଲାଗିଛି। କଂଗ୍ରେସ ଦଳର ସ୍ଥିତି ଦେଶରେ ଭଲ ନଥିଲେ ବି ଏହା ବହୁ ପୁରୁଣା ରାଜନୈତିକ ଦଳ ହୋଇଥିବାରୁ ଏହାର ସଂଗଠନ ଏବଂ ଏହି ଦଳକୁ ଭଲ ପାଉଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନୁହେଁ। ପ୍ରସାଦ ହରିଚନ୍ଦନଙ୍କ ପରେ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଭାବେ ଦାୟିତ୍ୱ ନେଇଛନ୍ତି ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ରାଜ୍ୟରେ କଂଗ୍ରେସର ଦାୟିତ୍ୱ ନେବା ପରେ ଦଳୀୟ ଅଭିଯାନକୁ ବ୍ୟାପକ କରିବାରେ ସେ ଲାଗିପଡିଛନ୍ତି। ଘଡିସନ୍ଧି ମୁହୂର୍ତ୍ତରେ ଦଳର ମଙ୍ଗ ଧରିଥିବାରୁ ନିଜ ଘରକୁ କିଭଳି ସଜାଡିବେ ସେ ଦିଗରେ ଯଥେଷ୍ଟ ଯତ୍ନବାନ ହୋଇଛନ୍ତି ନିରଞ୍ଜନ। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଓ ବିଜୁ ଜନତା ଦଳର ପ୍ରଭାବକୁ ଅନୁଭବ କରି ସାଧାରଣ ନିର୍ବାଚନ ପୂର୍ବରୁ ଲୋକଙ୍କ ବିଶ୍ୱାସ ଭାଜନ ହେବା ପାଇଁ ଅଧିକ ତତ୍ପରତା ଦେଖାଉଛନ୍ତି। ଯେଉଁଥିରେ ଦଳୀୟ କର୍ମୀ, ନେତା ଓ ଦାୟିତ୍ୱରେ ଥିବା ତିନି ନବନିଯୁକ୍ତ କାର୍ଯ୍ୟକାରୀ ସଭାପତିଙ୍କୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏଥିରେ ଜଣେ ଜଣେ କାର୍ଯ୍ୟକାରୀ ସଭାପତିଙ୍କୁ ୧୦ଟି ଲେଖାଏଁ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରିବା ସହିତ ଜିଲ୍ଲା କମିଟି ଗଠନ ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଛନ୍ତି। ଓଡ଼ିଶାରେ ମିଶନ-୧୯ ମାରାଥନ ପାଇଁ ପ୍ରମୁଖ ତିନି ରାଜନୈତିକ ଦଳ ଯେଭଳି କୌଶଳ ପ୍ରୟୋଗ କରୁଛନ୍ତି ଏଥିରେ କାହାକୁ କେତେ ସଫଳତା ମିଳିବ ଏବେଠୁ କହି ନହେଲେ ବି ଏକତାରେ ଯେ ସଫଳତା ଏକଥା ସ୍ୱୀକାର କରିବାକୁ ପଡିବ। ଏକତା ପାଇଁ ବିଜେଡି ଦୀର୍ଘବର୍ଷ ହେବ ଶାସନ କ୍ଷମତାରେ ରହିଆସିଛି। ରାଜ୍ୟ କଂଗ୍ରେସରେ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ ଏହା ରାଜ୍ୟବାସୀଙ୍କ ମନ ପସନ୍ଦର ଦଳ ହୋଇପାରିନାହିଁ। ତେଣୁ ଆଗାମୀ ନିର୍ବାଚନର ଫଳାଫଳ ହିଁ ରାଜନୀତି ମଇଦାନରେ କିଏ କେତେ ପାରଙ୍ଗମ ତାହାର ପ୍ରମାଣ ଦେବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜମି ମାଲିକାନା କୃଷକ ହାତକୁ ଯାଉ



ନାରାୟଣ ଚନ୍ଦ୍ର ବିଶ୍ୱାଳ

**ଓ**ଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଞ୍ଚଳରେ ବାସ କରନ୍ତି। ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ। ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ। ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ। ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହୋଇ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ। ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସମାଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛାର ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ। କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶା୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହାସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସଚେନର ସୁବ୍ୟବସ୍ଥା ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା ହାତରେ ଯଦି କିଛି ପାଣ୍ଠି ନରହେ ତେବେ କୃଷିର ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ।

*କଟିକଟା, ମଙ୍ଗଳପୁର, ଯାଜପୁର*
*ଦୂରଭାଷ : ୯୪୩୮୨୭୬୭୭୬୦*

# ଶ୍ରମ ଓ ଶ୍ରମିକ : ଏକ ଅନୁଚିନ୍ତା



ଅମିନୀଲୁ ରାୟ

ଉତ୍କଳମଣି ଗୋପବନ୍ଧୁ ଲେଖିଥିବା ଉକ୍ତିଟି ହେଉଛି –

"ମାନବ ଜୀବନ ନୁହଇ କେବଳ
ବର୍ଷ, ମାସ, ଦିନ, ଦଣ୍ଡ।
କର୍ମେ ଜୀଏଁ ନର କର୍ମ ଏକାତାର
ଜୀବନର ମାନଦଣ୍ଡ।"

ଅର୍ଥାତ୍ କର୍ମ ହିଁ ହେଉଛି ମନୁଷ୍ୟର ଜୀବନ ତଥା ସୁଖ ସମ୍ପତିର ହେତୁ। ପୁନଶ୍ଚ ପ୍ରାକ୍ ଐତିହାସିକ ଯୁଗର ଅରଣ୍ୟଚାରୀ ମାନବ ଆଜି ସୁଖ, ସମୃଦ୍ଧି, ବିଳାସ ଓ ଐଶ୍ୱର୍ଯ୍ୟର ଅତ୍ୟୁଚ୍ଚ ଶିଖରରେ ଅଧିଷ୍ଠିତ। ମାନବର କାୟିକ ଓ ମାନସିକ ଶ୍ରମ ହେଉଛି ଉକ୍ତ ଗୌରବର ଭିତି। ଆଜିର ଅବସ୍ଥାରେ ପହଂଚିବାକୁ ମନୁଷ୍ୟକୁ ଯୁଗ ଯୁଗ ଧରି ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିଛି। ଫଳରେ ସମ୍ପ୍ରତି ସଭ୍ୟତାର ସ୍ରୋତ ନିୟତ ଚଂଚଳ ନଦୀଟିଏ ଭଳି ଆଗେଇ ଚାଲିଛି। ତୀବ୍ରତର ଜୀବନ ସଂଗ୍ରାମ ମଧ୍ୟରେ ନିଜର ସ୍ଥିତି ସାବ୍ୟସ୍ତ କରିବା ନିମନ୍ତେ କର୍ମ ହେଉଛି ବିଧାତାର ବହୁ ମୂଲ୍ୟ ନିର୍ଦ୍ଦେଶ କହିଲେ ଭୂଲ୍ ହେବ ନାହିଁ। ସେଥିପାଇଁ ଇଂରାଜୀରେ କୁହାଯାଇଛି – "ୱାର୍କ୍ ଇଜ୍ ୱାର୍କସିପ୍"। ଅର୍ଥାତ୍ କର୍ମ ହିଁ ଭଗବାନ୍।

ଦୃଷ୍ଟାନ୍ତ ସ୍ୱରୂପ - କୋଟି କୋଟି ଟଙ୍କା ବ୍ୟୟରେ ବଡ ବଡ ଯୋଜନାମାନ ପ୍ରସ୍ତୁତ କରାଯାଉଛି। ଏହା ରୁପାୟିତ ହେଉଛି କାୟିକ ଓ ମାନସିକ ଉଭୟ ପ୍ରକାର ଶ୍ରମର ସମନ୍ୱୟରେ। ବନ୍ଧବାଡ, ରାସ୍ତାଘାଟ, ସୁରମ୍ୟ ଅଟ୍ଟାଳିକା, ବୃହତ ଶିଳ୍ପାନୁଷ୍ଠାନ ଇତ୍ୟାଦି ସବୁର ପଶ୍ଚାତରେ ରହିଛି ମନୁଷ୍ୟର ଶ୍ରମ ଝାଳ। କୃଷକ, ଶ୍ରମିକ, ସୈନିକ, ଶିଳ୍ପୀ, କଳାକାର, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର୍ ଇତ୍ୟାଦି ସମସ୍ତେ ଶ୍ରମରତ। ଅଧୁନା ମନୁଷ୍ୟ ତା'ର କ୍ରମାଗତ ପ୍ରଚେଷ୍ଟା ଫଳରେ ଆଜି ପ୍ରକୃତିକୁ କରାୟତ କରିବାର ସାମର୍ଥ୍ୟ ହାସଲ କରିପାରିଛି। ତା' ହୋଇନଥିଲେ ସେ ପ୍ରାକ୍ ଐତିହାସିକ ଯୁଗର ଅନ୍ଧକାର ମଧ୍ୟରେ ସେଇଭଳି ବର୍ବର ଜୀବନ ଯାପନ କରୁଥାନ୍ତା। ସଂସାରରେ ଶ୍ରମର ବିରାମ ନାହିଁ। ମାନବ ସଭ୍ୟତାର ଯାହା କିଛି ଶ୍ରେଷ୍ଠ ବରଦାନ, ତାହା ହେଉଛି ମନୁଷ୍ୟର ଶ୍ରମ ଓ ଅଧ୍ୟବସାୟର ଫଳ।

କେବଳ ମନୁଷ୍ୟ ନୁହେଁ, ସମଗ୍ର ପ୍ରାଣୀ ଜଗତରେ ଶ୍ରମର ଗୌରବ ସ୍ୱୀକୃତ ହୋଇଅଛି। ବିଶାଳ ବିଶ୍ୱ ପ୍ରକୃତି ମଧ୍ୟରେ ଅସରନ୍ତି ସମ୍ପତି ସଂଚିତ ହୋଇ ରହିଛି। ଇତର ପ୍ରାଣୀମାନେ ଆବଶ୍ୟକତା ଅନୁଯାୟୀ ନିଜର ଶ୍ରମ ବଳରେ ସେଗୁଡିକ କରନ୍ତି। ମନୁଷ୍ୟ ଭଳି ସେମାନଙ୍କର ମଧ୍ୟ ଖାଦ୍ୟ, ବାସ ଓ ନିରାପତା ଆବଶ୍ୟକ ହୋଇଥାଏ। ସେଥିପାଇଁ ସେମାନେ ମଧ୍ୟ ଯଥେଷ୍ଟ ଶ୍ରମ କରିଥାନ୍ତି। ସୁତରାଂ ଏହି ବିରାଟ ଜୀବ ସୃଷ୍ଟି ହେଉଛି ଶ୍ରମ କୈନ୍ଦ୍ରିକ।

ଶ୍ରମ ଯେମିତି ଜୀବଜଗତର ଏକ ସ୍ୱାଭାବିକ ଧର୍ମ, ବିଳାସପ୍ରିୟତା ଓ ସମ୍ଭୋଗଶୀଳତା ହେଉଛି ସେମିତି ମନୁଷ୍ୟର ଏକ ମୌଳିକ ପ୍ରକୃତି। ଶ୍ରମର ମହତ୍ୱ ସର୍ବଦା ସ୍ୱୀକୃତ ହୋଇଥିଲେ ମଧ୍ୟ ଆଧୁନିକ କାଳରେ ମନୁଷ୍ୟଠାରେ ଅଧିକ ପରିମାଣରେ ଶ୍ରମକୁଣ୍ଠା ବା ଆଳସ୍ୟ ପରିଲକ୍ଷିତ ହେଉଅଛି। ବିଶେଷ କରି ଶାରୀରିକ ଶ୍ରମ ପ୍ରତି ଆଧୁନିକ ଶିକ୍ଷିତ ମାନବ ସମ୍ପୂର୍ଣ୍ଣ ବିମୁଖ। ଏହା ଅଧିକତର ଭାବେ ଭାରତୀୟମାନଙ୍କ ଚରିତ୍ରରେ ପରିଲକ୍ଷିତ ହୋଇଥାଏ। ପୂର୍ବେ ରାଜା, ମହାରାଜା ଓ ଧନୀ ଜମିଦାରମାନେ ଭୃତ୍ୟମାନଙ୍କ ଦ୍ୱାରା ପରିବୃତ ହୋଇ କାଳାତିପାତ କରୁଥିଲେ ଓ ନିଜର କୌଣସି ଶାରୀରିକ ଶ୍ରମ ନକରି ଅନ୍ୟମାନଙ୍କ ଦ୍ୱାରା ତାହା କରାଉଥିଲେ। ଉଦାହରଣ ସ୍ୱରୂପ – ପଞ୍ଜାବର କାପୁରତଳାର ଜଣେ ପୂର୍ବତନ ରାଜା ନିଜର ପାଇଜାମା ଖୋଲିବା ପାଇଁ ଭୃତ୍ୟ ନିଯୁକ୍ତ କରିଥିଲେ। ସ୍ୱାଧୀନତା ପରେ ଶାରୀରିକ ଶ୍ରମକୁ ମର୍ଯ୍ୟାଦା ଦିଆଯିବା ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ ଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା ହେଉ ନାହିଁ। ଗାନ୍ଧି, ବିନୋବା, ଜୟପ୍ରକାଶ, ଗୁଲଜାରିଲାଲ ନନ୍ଦା, ସୀମାନ୍ତ ଗାନ୍ଧି ପ୍ରଭୃତି ନିଜର ସମସ୍ତ କର୍ମ ନିଜେ କରି ଯେଉଁ ଆଦର୍ଶ ସୃଷ୍ଟି କରିଥିଲେ, ସେ ଆଦର୍ଶ ଆଜି କ୍ୱଚିତ୍ ପାଳନ କରାଯାଉଛି। ସରକାରୀ ଦପ୍ତରମାନଙ୍କରେ ଅର୍ଦ୍ଦଳି ପଦବୀ ଉଠାଇ ନେବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ତାହା ହେଉ ନାହିଁ। ହୋଟେଲ୍‌ମାନଙ୍କରେ ଜଣକର ଅଇଁଠା ବାସନ ଅନ୍ୟ ଜଣେ ଉଠାଉଛି। ଶ୍ରମର ମର୍ଯ୍ୟାଦା ଯେ ସ୍ୱାଧୀନ ଭାରତରେ ପ୍ରତିଷ୍ଠିତ ହୋଇ ନାହିଁ, ଏହା ହେଉଛି ତା'ର ପ୍ରମାଣ।

ସ୍ୱାଧୀନତାର ପରବର୍ତ୍ତୀ କାଳରେ ରାଷ୍ଟ୍ରରେ ଶ୍ରମର ମର୍ଯ୍ୟାଦା ପ୍ରତିଷ୍ଠା କରିବା ନିମନ୍ତେ ସରକାର ଶ୍ରମଦାନ ଆନ୍ଦୋଳନ ନାମରେ ଗୋଟିଏ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ମାତ୍ର ଆନ୍ତରିକତା ଅଭାବରୁ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରି ନଥିଲା। ଏବେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଜାତୀୟ ସେବା ସଂସ୍ଥା ନାମରେ ଅନୁଷ୍ଠାନ ଗଠନ କରାଯାଇଛି। ଉକ୍ତ ସଂସ୍ଥା ଅଧୀନରେ ପ୍ରତ୍ୟେକ କଲେଜର ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ ପୂର୍ବକ କାର୍ଯ୍ୟ କରୁଛନ୍ତି। ଛୁଟି ଦିନମାନଙ୍କରେ ସେମାନେ ଶ୍ରମ ଶିବିର ସ୍ଥାପନ କରି ବିଭିନ୍ନ ଅଂଚଳରେ ବସ୍ତି ସଫେଇ, କ୍ଷୁଦ୍ର କ୍ଷୁଦ୍ର ବନ୍ଧ ନିର୍ମାଣ, ପୁଷ୍କରିଣୀରୁ ଦଳ ସଫା କରିବା, ଔଷଧ ବିତରଣ କରିବା, ଇତ୍ୟାଦି କାର୍ଯ୍ୟ ହାତକୁ ନେଇଛନ୍ତି। ଏଥିପାଇଁ ବିଶ୍ୱବିଦ୍ୟାଳୟ ତରଫରୁ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ଏହା ଅବଶ୍ୟ ଏକ ଉତମ ଯୋଜନା, ମାତ୍ର ଉକ୍ତ ଯୋଜନାର ସଫଳତା ସମୁଦ୍ରକୁ ଶଙ୍ଖେ ଭଳି। ଶିକ୍ଷା ଶେଷରେ ଛାତ୍ରଛାତ୍ରୀମାନେ ଏହି ଆଦର୍ଶକୁ ବ୍ୟକ୍ତିଗତ ଜୀବନରେ ପାଳନ କରୁନାହାନ୍ତି।

ଆଜି ବେଦ, ଉପନିଷଦ, ରାମାୟଣ, ମହାଭାରତ ଇତ୍ୟାଦି ଯେଉଁ ମହାମୂଲ୍ୟ ଗ୍ରନ୍ଥସବୁ ମନୁଷ୍ୟର ଜ୍ଞାନଞ୍ଜନ ରୂପେ ବିବେଚିତ ହେଉଅଛି ବା ପୃଥିବୀର ବିଭିନ୍ନ ଭାଷାର କାଳଜୟୀ ସାରସ୍ୱତ କୃତିମାନ ମାନବ ସମାଜର ପ୍ରୀତିବର୍ଦ୍ଧନ କରୁଅଛି, ତାହା ଆମ୍ଭରି ଭଳି ଜଣେ ଜଣେ ବ୍ୟକ୍ତିବିଶେଷଙ୍କର ବୌଦ୍ଧିକ ଆୟସର ଫଳ। ସେହି ମାନଙ୍କ ଶ୍ରମ ଫଳରେ ଆଜିର ବିଜ୍ଞାନ ଜଗତରେ ଅଭୂତ କାର୍ଯ୍ୟମାନ ସାଧିତ ହେଉଅଛି। ତାହାର ଫଳ ସମଗ୍ର ମାନବ ସମାଜ ଭୋଗ କରୁଛି ଏବଂ ସେହି ପରମ ସାଧକମାନେ ପ୍ରାତଃସ୍ମରଣୀୟ ହୋଇ ରହିଛନ୍ତି। ଗାଲିଲିଓ, ନିଉଟନ୍, ମାର୍କୋନୀ, ଏଡିସନ୍, ଲୁଇ ପାଶ୍ଚର, ମାଡାମ୍ କ୍ୟୁରି, ଆଲେକ୍‌ଜାଣ୍ଡାର୍ ଫ୍ଲେମିଙ୍ଗ୍ ପ୍ରଭୃତି ମନୀଷୀଗଣ ବହୁ ଶ୍ରମ ସ୍ୱୀକାର କରି ଯେଉଁ ମହାମୂଲ୍ୟ ଅବଦାନ ଆମକୁ ଉତ୍ସର୍ଗ କରିଛନ୍ତି, ତାହା ସେମାନଙ୍କୁ ଯୁଗ ଯୁଗ ଧରି କାଳଜୟୀ କରି ରଖିବ। ଆଧୁନିକ ଯୁଗରେ ମହାକାଶର ରହସ୍ୟ ଭେଦ କରିବାକୁ ବିଜ୍ଞାନୀମାନେ କମ୍ ଶ୍ରମ ସ୍ୱୀକାର କରୁନାହାନ୍ତି। ସେମାନଙ୍କର ଅତନ୍ଦ୍ର ସାଧନା ଫଳରେ ବିଜ୍ଞାନ ଜଗତରେ ବହୁ ବିସ୍ମୟକର ତଥ୍ୟମାନ ଆବିଷ୍କୃତ ହୋଇଅଛି।

ଶ୍ରମବିମୁଖ ଜାତିକୁ ପରଜୀବୀ ବୋଲି ବୁଝିବାକୁ ହେବ। ଏଭଳି ଜାତିର ଭବିଷ୍ୟତ କେବେ ଉଜ୍ଜ୍ୱଳ ନୁହେଁ। ଚୀନ୍, ଜାପାନ୍, ଆମେରିକା, ଜର୍ମନ୍ ଭଳି ରାଷ୍ଟ୍ରରେ ଶ୍ରମର ମର୍ଯ୍ୟାଦା ପ୍ରତିଷ୍ଠିତ ହୋଇଅଛି। ସେ ଦେଶରେ ଉଚ୍ଚ ଶିକ୍ଷିତ ସମ୍ଭ୍ରାନ୍ତବର୍ଗ ଶାରୀରିକ ଶ୍ରମକୁ ନ୍ୟୁନଜ୍ଞାନ କରନ୍ତି ନାହିଁ। ଅଥଚ ଭାରତରେ ବୃଥା ସ୍ୱାଭିମାନ ଏବଂ ଆଭିଜାତ୍ୟ ଗର୍ବ ଅଧିକ। ଏହାର ନିରାକରଣ ନିମନ୍ତେ ଛାତ୍ରଛାତ୍ରୀ, ଶିକ୍ଷକ, ସରକାରୀ ଓ ବେସରକାରୀ କର୍ମଚାରୀ, କ୍ଷମତାସୀନ ରାଜନୀତିକ ନେତୃବୃନ୍ଦଙ୍କ ପାଇଁ ଶାରୀରିକ ଶ୍ରମକୁ ବାଧ୍ୟତାମୂଳକ କରାଯିବା ଉଚିତ। ବର୍ଷରେ ନିର୍ଦ୍ଦିଷ୍ଟ କେତେ ଦିନ ସେମାନଙ୍କ ପାଇଁ ଶ୍ରମ ଦିବସ ଭାବେ ନିର୍ଦ୍ଧାରିତ ହେଲେ ଭଲ ହୁଅନ୍ତା। କୌଣସି କଳକାରଖାନା, ବନ୍ଧବାଡ, ପୋଲ ବା କୋଠାବାଡି ଉଦ୍ଘାଟନ କଲାବେଳେ ସେହି କାର୍ଯ୍ୟରେ ନିୟୋଜିତ ହୋଇଥିବା କେତେ ଜଣ ଶ୍ରମିକଙ୍କୁ ସମ୍ମାନ ଦିଆଯିବା ଉଚିତ। ଶିକ୍ଷିତ ଓ ପଦସ୍ଥ ବ୍ୟକ୍ତିମାନଙ୍କଠାରୁ ଶ୍ରମଦାନ ଆନ୍ଦୋଳନ ଆରମ୍ଭ ହେଲେ, ବାସ୍ତବରେ ଶ୍ରମର ମର୍ଯ୍ୟାଦା ପ୍ରତିଷ୍ଠିତ ହୋଇପାରିବ ବୋଲି ଆଶା ତଥା ବିଶ୍ୱାସ।

*ଜଗତ୍‌ସିଂହପୁର*
*ମୋ - ୯୯୩୭୪୧୨୫୧୫*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୩

ପକାଇ ଆସିବେ ମଶାଣି ଭୂଇଁରେ
ଦୁଆରେ ଦେବେ ଗୋବର।
ମଲା ଗଲା ବୋଲି ଦି'ଘଡ଼ି କାନ୍ଦିବେ
ଜଣେ ନ ଯିବେ ସଙ୍ଗର ॥

ରାଣୀ ମୁକ୍ତା ଦେଈ ଶୋକଭରା କଣ୍ଠରେ ପୁଣି ପୁତ୍ରକୁ ବୁଝାଇଲେ- ହେ' ପୁତ୍ର ଗୋବିନ୍ଦାଇ, ବଣ ପୋଡ଼ିଗଲେ ସମସ୍ତେ ଜାଣନ୍ତି। ମାତା ଗର୍ଭଧାରୀର ହୃଦୟ ଜ୍ୱଳନକୁ କେହି ଦେଖି ପାରନ୍ତି ନାହିଁ। ଜନ୍ମଦାତ୍ରୀ ମାତା ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସନ୍ତାନଗଣଙ୍କ ଚିନ୍ତା କରୁଥାଏ। ପୁତ୍ରକୁ ଜନ୍ମ ଦେବା ଓ ଚିରଞ୍ଜିବୀ କରାଇବା ମାତୃଶକ୍ତିର ଲକ୍ଷଣ! ସନ୍ତାନଙ୍କୁ ଲାଳନ ପାଳନ, ରକ୍ଷଣା ବେକ୍ଷଣ କରିବା ମାଆର ଧର୍ମ। ମୋ ଧର୍ମ ମୋତେ ରକ୍ଷା କରିବା ପାଇଁ ସୁଯୋଗ ଦିଅ ପୁତ୍ର! ମା'ର କର୍ତ୍ତ୍ୟବବୋଧତା ଉପରେ ବାଧା ଦିଅ ନାହିଁ। ମାଆର ଦୁଇଟି ରୂପକୁ ଚିହ୍ନ ବାପ! ଗୋଟିଏ ଯୋଗମାୟା ରୂପ,ଅନ୍ୟଟି ମହାମାୟା! ଯୋଗମାୟା ରୂପ ଧରି ତୋର ଜନ୍ମ, ଲାଳନ ପାଳନ କଲି। ଏବେ ତୋର ଅକାଳ ମୃତ୍ୟୁ ସନ୍ନିକଟ ଜାଣି ମହାମାୟା ରୂପରେ ଭଗବତ୍ ଦର୍ଶନ କରାଇ ଚିରଞ୍ଜିବୀର ପଥ ପ୍ରଦର୍ଶନ କରାଇବା ପ୍ରୟାସ କରୁଛି! ଶାସ୍ତ୍ରମତରେ ମାଆର ଦୋଷ ତୃଟିରୁ ଯୁବକ ପୁତ୍ରର ମୃତ୍ୟୁ ହୋଇଥାଏ! ଜନନୀର ପୂର୍ଣ୍ଣତୋୟା କୋଳରୁ ଯୁବାପୁତ୍ରକୁ ଯମରାଜ କେବେ ବିଚ୍ଛିନ୍ନ କରି ନେଇ ପାରନ୍ତି ନାହିଁ। ମୁଁ ଏହି ସତ୍ୟକୁ ନାରୀଗଣଙ୍କ ମାନସରେ ପ୍ରତିପାଦନ କରିବା ପାଇଁ ଚାହୁଛି। ମୋର ଏଇ ଦୃଢ଼ତା ଉପରେ ଗୁରୁତ୍ୱ ଦେ'ରେ ଧନ! ତୁ ନିଶ୍ଚୟ ବିଜୟ ଲାଭ କରିବୁ! ଚାରିଯୁଗରେ ତୁ ଅମରତ୍ୱ ଲାଭ କଲେ ଜନଜଗତ ଜାଣିବେ ତପଶକ୍ତି କେତେ ବଳୀୟାନ!

ବିରସ ବଦନରେ ମୁକ୍ତାଦେଈ ପୁଣି କହିଲେ-ହେ'ପୁତ୍ର, ଦୈବୀ ଅଭିଶାପରୁ ନାରୀ ଅପୁତ୍ରିକ ହୋଇଥାଏ! ବନ୍ଧ୍ୟା ନାରୀ ପ୍ରତି ସମାଜରେ ପ୍ରଚଳିତ ପ୍ରଥା ଓ ଟୀକା ଟିପ୍ପଣୀ ବଡ଼ ଦୁଃଖ ଦାୟକ। ଅନ୍ୟର ଘୃଣା ଚକ୍ଷୁରେ ଅପୁତ୍ରିକ ନାରୀର ହୃଦୟ ବିଦୀର୍ଣ୍ଣ ହୋଇ ପଡ଼େ। ଲୋକଙ୍କ ମୁଖରେ ବାଡ଼ବତା ନ ଥାଏ। ଅପୁତ୍ରିକ ନାରୀ ଯେଉଁଠି ପ୍ରବେଶ କରନ୍ତି,ସେ ସ୍ଥାନ ମାରା ହୋଇଯାଏ ବୋଲି କଥିତ ଭାଷ୍ୟ ଦେହରେ କଣ୍ଟା ଫୋଡ଼ିବା ଭଳି କଷ୍ଟ ଦେଇଥାଏ! ସେମାନେ ଭଗବାନଙ୍କର କର୍ମମୟ ଜଗତରେ ନିଷ୍ଫଳା ହୋଇ ଅଭାଗିନୀ,ଅନାଥିନୀ ଜୀବନ ବିତାଇଥାନ୍ତି। ଅପୁତ୍ରିକ ନାରୀ ଦେଉଳକୁ ଗଲେ ଦିଅଁ ଲୁଚି ପଡ଼ନ୍ତି! ଅପୁତ୍ରିକ ନାରୀ ପିତୃପୁରୁଷଙ୍କୁ ପିଣ୍ଡ ଦାନ ଦେଲେ ତାହା ଗ୍ରହଣୀୟ ହୁଏ ନାହିଁ। ଅପୁତ୍ରିକ ନାରୀଙ୍କ ପ୍ରତି ଥିବା ସମାଜର ନାନା ପ୍ରକାର ଘୃଣ୍ୟ ପ୍ରଥାକୁ ହୃଦୟଙ୍ଗମ କରି ପାରୁଥିବା ମାତୃ ରୂପିଣୀ ନାରୀ ଇଚ୍ଛାଶକ୍ତି ବଳରେ ପୁତ୍ର ଜାତ କରାଇ ପାରିବେ। ଇଚ୍ଛାଶକ୍ତି ବଳରେ ପୁତ୍ରକୁ ମୃତ୍ୟୁଞ୍ଜୟୀ କରି ଦେଇ ପାରିବେ! ମୁଁ ଏବେ ସେଇ ଇଚ୍ଛାମୟୀ ମହାମାୟା ରୂପରେ ତୋତେ ମୃତ୍ୟୁଞ୍ଜୟୀ କରିବା ପାଇଁ ଚାହୁଁଛି ପୁତ୍ର!

ହେ' ପୁତ୍ର ଗୋବିନ୍ଦାଇ,ଶରୀର ମରଣଶୀଳ! ଶରୀର ସହିତ ଆତ୍ମାର ମିଥ୍ୟା ସଂପର୍କ ଦିନେ ଭାଙ୍ଗି ଯାଏ! ଆତ୍ମା କେତେବେଳେ ଦେହ ଛାଡ଼ି ପଳାଇବ କେହି ଜାଣନ୍ତି ନାହିଁ! ଆତ୍ମା ଚାଲିଗଲେ ମୃତ ଶରୀର ଘୃଣ୍ୟ,ଅଶୁଦ୍ଧ ଦୁର୍ଗନ୍ଧମୟ ହୋଇପଡ଼େ। ରକ୍ତ ସଂପର୍କର ଶରୀରକୁ ତତ୍‌କ୍ଷଣାତ ଗାଁ ମୁଣ୍ଡ ମଶାଣିରେ ଅଗ୍ନିରେ ଦାହ କରି ଦିଅନ୍ତି। ଦୁଆରେ ଗୋବର ପାଣି ପକାଇ ଘର ବାହାର ଶୁଦ୍ଧ କରନ୍ତି। ଆତ୍ମୀୟ ସ୍ୱଜନମାନେ ଦିନେ, ଦି' ଦିନ କାନ୍ଦବୋବା କରନ୍ତି। କେହି ଆତ୍ମୀୟ ଦଶ ବାର ଦିନ କାନ୍ଦନ୍ତି! ମାତ୍ର ମାତା ଗର୍ଭଧାରୀ ଆଖି ବୁଜିବା ପର୍ଯ୍ୟନ୍ତ କାନ୍ଦୁଥାଏ! ସେହିପରି ତୋର ଅକାଳ ମରଣ ଦେଖି ମୁଁ ସହ୍ୟ କରି ପାରିବି ନାହିଁରେ ପୁତ୍ର! ତୋତେ ଅଗ୍ନିରେ ଦାହ କରିଦେଲେ ତୋର ଏଇ ପଦ୍ମପୁଷ୍ପ ପରି ସୁକୋମଳ ନିର୍ଜୀବ ଶରୀର ଭସ୍ମ ହୋଇଯିବରେ ଧନ! ସେ ଦୃଶ୍ୟ ଦେଖିଲେ ମୋର ଛାତି ଫାଟି ଯିବ! ପିଣ୍ଡରୁ ପ୍ରାଣ ଛାଡ଼ି ଚାଲିଯିବ! ଏତେ ବଡ଼ ରାଜ୍ୟ, ରାଜସୁଖ, ସୁବର୍ଣ୍ଣର ମହଲ,ସବୁ କିଛି ଛାରଖାର ହୋଇଯିବ। ହେ' ପୁତ୍ର, ନିର୍ଦ୍ଦୟ ଯମ ଯେତେବେଳେ ତୋର ଆତ୍ମାକୁ ବାନ୍ଧି ନେଇଯିବେ, ସେତେବେଳେ ତୋତେ କେହି ବି ରକ୍ଷା କରି ପାରିବେ ନାହିଁ। କେହି ସାଙ୍ଗରେ ଯିବା ପାଇଁ ରାଜି ହେବେ ନାହିଁ। ତୋର ଏଇ କଥା କୁହା ଆତ୍ମା ଯମଦଣ୍ଡର ସମ୍ମୁଖୀନ ହେବ। ଜୀବନ କାଳର କର୍ମାନୁସାରେ ଚିତ୍ରଗୁପ୍ତ ପାଞ୍ଜିରେ ଯାହା ଲେଖିଥିବେ ତାହା ଅନ୍ୟ ଘଟରେ ଭୁଞ୍ଜିବାକୁ ପଡ଼ିବ। ପୁଣ୍ୟ ଥିଲେ ଉଚ୍ଚ ସ୍ଥାନକୁ ପଠାଇବେ। ପାପ ଥିଲେ ପାପମୋଚନ ପାଇଁ ନୀଚ ଯୋନିରେ ଜାତ କରାଇ ନର୍କ ଭୋଗ ଭୁଞ୍ଜାଇବେ! ଯମାଳୟରେ ତୋତେ ଆହା ସାହା କରିବା ପାଇଁ ପାଖରେ କେହି ନ ଥିବେ। ସେଠାରେ କେବଳ ଧର୍ମ ବଳ ସାହା। ଏକା ଏକା ଆତ୍ମଗତିରେ କେଉଁଠାରୁ ଯାଇ କେଉଁଠି ପହଞ୍ଚିବୁ ତାହା କେହି ଜାଣନ୍ତି ନାହିଁ! ରାଜା, ପ୍ରଜା, ବଳବାନ, ଦୀନହୀନ, ସଭିଙ୍କର ଦର୍ପ ଚୂର୍ଣ୍ଣ ହୋଇଯାଏ ଯମପୁରରେ! ସେଇଥି ପାଇଁରେ ପୁତ୍ର କହୁଛି ମୋର ବୋଲ କର। ମାୟା ସଂସାର ତ୍ୟାଗ କରି ହରିନାମ ଭଜ, ରାମନାମ ଜପ କରି ଅଜର ଅମର ହୋଇଉଠ। ତାପରେ ଦେଖିବୁରେ ପୁତ୍ର କେହି ଦେବତା,ଅସୁର ତୋ ଅଙ୍ଗରେ ହାତ ମାରି ପାରିବେ ନାହିଁ। ମୃତ୍ୟୁକୁ ଜୟ କରି ଅମରପୁରରେ ନିଶ୍ଚୟ ବାସ କରିବୁ। ହରି ଓଁ ତତ୍ ସତ୍।୧

*ଦୂରଭାଷ-୯୬୬୮୬୩୧୨୫୭*




**ଏ**ମିତିକି ପୁଅମାନଙ୍କ ପଛରେ ଗୋଡାଏ। ଆଗତୁରା ସେମାନଙ୍କ ଆବଶ୍ୟକୀୟ ସାମଗ୍ରୀ ନିଜ ଘରୁ ଆଣି ଯୋଗାଇ ଦିଏ ଲାଂଚ ଦେଲା ଭଳି। ଅନେକ ସମୟରେ ଅନ୍ୟମାନଙ୍କ ତ୍ରୁଟି ପାଇଁ ସେ ପ୍ରାୟଶ୍ଚିତ କରେ। ସେଥିପାଇଁ ସାଙ୍ଗ ସାଥୀମାନେ ଗଣ୍ଡଗୋଳିଆ ଯାଗାକୁ ତାକୁ ହିଁ ନେଇ ଯାଇଥାନ୍ତି। ଭୁଲ୍ ହେଲେ ପାରୋକୁ ସାମ୍ନାରେ ରଖି ସମସ୍ତେ ଖସି ଆସନ୍ତି। ବିଚାରୀ ତା ବାପା ଯୋଗୁଁ ରକ୍ଷା ପାଇଯାଏ। ଅନ୍ୟମାନେ ବି ରକ୍ଷା ପାଇଯାନ୍ତି। ତା ସରଳତାର ଅନେକ ଫାଇଦା ଉଠାନ୍ତି। କାରଣ ତା ବାପାର ଢେର୍ କଳାଟଙ୍କା! ଗାଁର ବଡଲୋକଙ୍କ ଭିତରୁ ଜଣେ ସେ। ତେଣୁ ତାକୁ କେହି କିଛି କହିବାର ଅଧୀକାର କାହାର ନାହିଁ କହିଲେ ଚଳେ।

ତାକୁ ଫୁସୁଲା ଫୁସୁଲି କରି ସାଙ୍ଗପିଲାମାନେ କରମଙ୍ଗା ତୋଳିବାକୁ ଖରାବେଳଟାରେ ବାହାରି ପଡନ୍ତି। ତୋଟା ଜଗୁଆଳି ଶୀତଳ ଛାଇ ଓ ସୁଲୁସୁଲିଆ ପବନରେ ଶୋଇଗଲା ପରେ ସେମାନେ ଆସ୍ତେ ଚଢନ୍ତି ଗଛ ଉପରକୁ। ତଳେ ଅଂଟି ଦେଖେଇ ଛିଡାହୁଏ ପାରୋ। ଆସ୍ତେ କିନା କରମଙ୍ଗା ତଳକୁ ପକାଏ ଗଛରେ ଚଢିଥିବା ପିଲାଟି। କେବେ କେମିତି କଷି କରମଙ୍ଗାଟାଏ ତଳେ ଦୁଲ୍‌କିନା ପଡିଗଲେ ଜଗୁଆଳୀଟା ଉଠିଯାଏ। ସେ ବାଡିଧରି ଆସିଲାବେଳକୁ ଅଂଟିରେ କରମଙ୍ଗାତକ ଧରି ଛିଡା ହୋଇଥାଏ ପାରୋ ଅସହାୟ ମୁଦ୍ରାରେ। ଅନ୍ୟମାନେ ଡିଆଁ ମାରି ସେଠାରୁ ଫେରାର୍ ହୋଇ ସାରିଥାନ୍ତି। ମୁଣ୍ଡରେ ଗୋଟେ ଗୋଟେ ଗାମୁଛା ଖରା ବାହାନାରେ ଆଗରୁ ପକେଇଥାଆନ୍ତି। ଯାହା ଫେରାର୍ ହେଲାବେଳେ କାମରେ ଲାଗେ। ଜଗୁଆଳି ଜାଣିପାରେନି ପିଲାର ଠିକଣା କି ନାଁ।

ସମସ୍ତେ ଧାଇଁ ଚାଲିଗଲା ପରେ ଯେତେବେଳେ ପାରୋ ଧରାପଡେ ସେ ବି କହେନି ତା ସାଙ୍ଗମାନଙ୍କ ନାଁ। ସେମାନେ ତା ଉପରେ କାଳେ ରାଗିକି ସାଙ୍ଗ ନହେବେ ସେ ଭୟରେ ପାରୋ ଚୁପ୍ ରହେ। ପଚାରିଲେ କହେ-ସେମାନଙ୍କୁ ମୁଁ ଡାକିଥିଲି। ସେମାନଙ୍କ କିଛି ଦୋଷ ନାହିଁ ଅଜା। ଆଠଟା କରମଙ୍ଗା ପାଇଁ ଏମିତି କଣ ରାଗୁଛ ଯେ! ମୋ ବାପାଠାରୁ ଦି'ଟଙ୍କା ନେଇ ଆସିବ ପଛେ। ଜଗୁଆଳି ନରମିଯାଏ। ଅନ୍ୟପିଲାମାନେ ବୁଦା ମୂଳେ ଚାହିଁଥାନ୍ତି ପାରୋର ଆସିବା ବାଟକୁ। ପାରୋ ଆସିବା ମାତ୍ରେ ଝାମ୍ପ ମାରନ୍ତି ତା ଉପରକୁ। ବାପା ପଚାରିଲେ ବି ସେଇ ଏକା ଉତର କରେ ସେ।

ସାଙ୍ଗ ହିସାବରେ ପୁରା ବିଶ୍ୱସ୍ତ ପାରୋ। ତା ଭଳି ଦ୍ୱିତୀୟ କେହି ନାହାନ୍ତି। ସେଦୃଷ୍ଟିରୁ ସେ ପ୍ରଶଂସା ଯୋଗ୍ୟା। ହେଲେ ଦେବଦାସ ତାକୁ ତିଳେ ମାତ୍ର ପସନ୍ଦ କରେନି ସାଙ୍ଗ ହିସାବରେ। ସେ ଯେତେ ଫୁସୁଲେଇଲେ ବି ନୁହେଁ।

ତୋଟାରୁ ଫେରି ଅଭିମାନରେ ମୁହଁ ଫୁଲାଇ କହେ ସାଙ୍ଗମାନଙ୍କୁ -ମୋତେ ଏକା ଛାଡି ତୁମେମାନେ କାଇଁ ଦୌଡି ପଳାଇ ଆସିଲ?

ସେମାନେ କହନ୍ତି-ତୋ ବାପା ନାଁ ଶୁଣି ତୋତେ ସିନା କିଛି କହିବନି ସେ ବୁଢା। ହେଲେ ଆମକୁ କଣ ଛାଡିବ? ସେ ବୁଢା ପରା ତା ବୁଢୀର କଣ୍ଠିମାଳ ବନ୍ଧା ପକେଇଛି ତୋ ବାପ ପାଖେ। ପାରୋ ବୁଝିଯାଏ। ସାଙ୍ଗମାନଙ୍କ ଉପରେ ସେ ରାଗେନି। କିନ୍ତୁ ଦେବଦାସ ପାରୋ ଉପରେ ଖୁବ୍ ରାଗେ। ତାର ଉଙ୍କୁଣୀ ସରସର ମୁଣ୍ଡରେ ନାଲି ରିବନ୍ ଦେଖିଲେ ସେ ଘୃଣାରେ ମୁହଁ ବୁଲାଏ। ଇସ୍..କି ଅସନି ଝିଅଟାଏ! କେବେକେବେ ସେ ଦେବଦାସକୁ କିଛି କହିଲେ,ଦେବଦାସ କହେ

-ଦେଖ୍..ପାରୋ,ତୁ ମୋ ପାଖକୁ ଆସେନି। ଦୂରରେ ଛିଡା ହୋଇ କଥା କହ। ତୋ ଉଙ୍କୁଣୀ ଯଦି ମୋ ସାର୍ଟରେ ଝଡିବେ,ତେବେ ସେମାନେ ମୋ ମୁଣ୍ଡରୁ ମୋ ମାଆ ମୁଣ୍ଡକୁ ବ୍ୟାପିଯିବେ। ସେତେବେଳକୁ ମୋ ମାଆ କଣ କରିବ। ତୋ ମୁଣ୍ଡରୁ ଆଗେ ଉଙ୍କୁଣୀ ସଫା କର। ତାପରେ ଯାହା! ସେ ଟିକେ ଝାଉଁଳିଯାଏ ଏଭଳି ରୁକ୍ଷ କଥାରେ। ଏମିତିରେ ଦେଖିବାକୁ ଗଲେ ସମସ୍ତେ ପାରୋଠାରୁ ସୁବିଧା ହାସଲ କରି ତାକୁ ଭୁଲିଯାଆନ୍ତି। ସେ ବିଚାରୀ କିନ୍ତୁ ବିକଳ ହେଉଥାଏ ସାଙ୍ଗ ହେବାକୁ।

କାହା ବାଡିରୁ କିଛି ଚୋରୀ କଲାବେଳେ କି ଯାତ୍ରାକୁ ଯିବାବେଳେ ସେମାନେ ପାରୋକୁ ଖୁବ୍ ଖୋଜନ୍ତି। ପାରୋ ଖୁସିରେ ବିହ୍ୱଳି ଉଠି ତା ବାପକୁ ଯାତ୍ରା ପାଇଁ ଖର୍ଚ୍ଚ ମାଗେ ଆଉ ବାପା ଏକ ମାତ୍ର ଝିଅର ଖୁସି ପାଇଁ ନୋଟ୍ କେଇଟା ଧରାଇ ଦିଏ ତାକୁ। ପାରୋ ନିଜ ଅପେକ୍ଷା ଅନ୍ୟମାନଙ୍କୁ ଖୁଆଏ। ଦୋଳିରେ ବସାଏ। ସେମାନଙ୍କ ହସ ଖୁସି ଦେଖି ପାରୋର ମୁହଁ ଉଜ୍ଜଳ ହୋଇଉଠେ। ଭାବେ-ଏଥର ସମସ୍ତେ ତାକୁ ଭଲପାଇବେ। ଆଦର କରିବେ ସାଙ୍ଗ ମହଲରେ? ହେଲେ କାମସାରି ସମସ୍ତେ ଯେଝା ବାଟରେ ଫେରି ଆସନ୍ତି। ପଛେଇଯାଏ ପାରୋ। ସେମାନଙ୍କ ସହିତ ଧାଇଁ ପାରେ ନାହିଁ। ତା ଆଖି ଲୁହରେ ଭରିଯାଏ। ଅନ୍ତରଙ୍ଗ ଭାବେ ସେ ଖୋଜେ ଗୋଟେ ଭଲ ସାଙ୍ଗ ଯେ ତା ସୁଖଦୁଃଖରେ ଭାଗୀ ହେବ! ଏମିତିରେ ତା ପାଖରେ ସବୁ ଅଛି ହେଲେ ତାକୁ ସ୍ନେହ ଶ୍ରଦ୍ଧା କରୁଥିବା ସାଙ୍ଗଟିଏ ନାହିଁ।

କେତେଥର ଏଇ ଉଙ୍କୁଣୀ ପାଇଁ ତାକୁ ଲଣ୍ଡା ହେବାକୁ ପଡିଛି। ହେଲେ କିଛି ଲାଭ ହୋଇନି। କେଉଁଠି କେମିତି ତ୍ରୁଟି ବଢିଲା ମାତ୍ରେ ଉଙ୍କୁଣୀମାନଙ୍କ ଅନୁପ୍ରବେଶ ଘଟିଛି ତା ମୁଣ୍ଡରେ। ସାଙ୍ଗ କହିବାକୁ ଗଲେ ଏଇ ଉଙ୍କୁଣୀଗୁଡାକ..ଯାହାଙ୍କୁ ସେ ଜମାରୁ ଚାହେଁନି। ପଢିଲାବେଳେ ବାଁ ହାତଟା ମୁଣ୍ଡଉପରେ ଉଙ୍କୁଣୀ ଦରଣ୍ଡାରେ ଲାଗିଥିବ। କେତେଥର ବେତ ପାହାର ଖାଇଛି ସାର୍‌ଙ୍କଠାରୁ। ହେଲେ ସେ ବି ନିରୁପାୟ। ବିଚାରୀ କଣ କରିବ..ପାଠରେ କେମିତି ବା ମନ ଦେବ? ଉଙ୍କୁଣୀମାନେ ତ ତା ଭେଜାଟାକୁ ନିଇତି ଖାଉଛନ୍ତି ନିଜ ନିଜର ପରିବାର ଓ ବନ୍ଧୁବାନ୍ଧବମାନଙ୍କ ସହିତ। ଗୁରୁଜୀଙ୍କଠାରୁ ମାଡ ଖାଇବାବେଳେ ସେହି ସାଙ୍ଗମାନେ ହସିଉଠନ୍ତି ଯେଉଁମାନେ ତାଠାରୁ ସୁବିଧା ହାସଲ କରନ୍ତି। ସେତେବେଳେ କ୍ଷୋଭ ଓ ଅପମାନରେ ସେ ନୀରବିଯାଏ..ଭିଜିଯାଏ ଗୋଟାପଣେ।

ହୁଏତ ଭାବୁଥାଏ-ଏମାନେ କାଳେ ତା ସାଙ୍ଗ। ଯାହାଙ୍କୁ ନେଇ ସେ ଯାତ୍ରା ଯାଏ,ଅନ୍ୟର ବାଡିବଗିଚାରୁ କେତେ କଣ ଚୋରୀ କରେ। ବଜାରରୁ ନାନା ଜାତିର ଚିଜ କିଣି ଖୁଆଏ ସେମାନଙ୍କୁ। ପୁଣି ସାଙ୍ଗମାନଙ୍କୁ ବିଶ୍ୱାସ କରି ତୋକ ଖରାବେଳଟାରେ ଘରେ ବାପାକୁ ମିଛ କହି ଖସିଆସେ। ଆମ୍ବ କରମଙ୍ଗା ପଡିଆକୁ ଯାଇ ସେମାନଙ୍କ କଥାରେ ଗଛତଳେ ଥାଇ ଅଂଟି ପାତି ଦିଏ ଯଦିଓ ଅନ୍ୟଲୋକେ ତା ବାପା ପାଖରେ କାନି ପତାଇ ମାଗନ୍ତି! ଅଥଚ ମାଡଗାଳି ଭୟରେ ତଥାକଥିତ ସାଙ୍ଗମାନେ ଗଛରୁ ଡେଇଁ ବୁଦା ମୂଳେ ଲୁଚି ଯାଆନ୍ତି। ସେ ଧରାପଡେ ଜଗୁଆଳୀ ହାତରେ। ସେମାନଙ୍କ ପାଇଁ ସେ ଦୋଷ ବରଣ କରେ।

ଏତେସବୁ ବାଦ୍ ବି ସେମାନେ କେତେ ନିଷ୍ଠୁର ସତେ! ଗୁରୁଜୀ ତାକୁ ଆଜି ଦି'ପାହାର କଷିଦେଲେ ବୋଲି ପରିହାସରେ ମାତିଛନ୍ତି। ଖତେଇ ହେଲା ପରି ହସୁଚନ୍ତି। ଏମାନେ କଣ ତେବେ ପ୍ରକୃତ ସାଙ୍ଗ? ତା ଆଖି ଲୁହରେ ଜକେଇ ଆସେ। ତଥାପି ସେମାନେ ଖିଁ ଖିଁ ହୋଇ ହସୁଥାନ୍ତି। ଗଛରେ ବସିଥିବା ପୁଳେ ହନୁମାଙ୍କଡଙ୍କ ପରି! ସେମାନଙ୍କ ହସ ସହିତ ପାରୋର କୋହ ବି ବଢେ। ଥମିବାର ନାଁ ନିଏନି। ଅଭିମାନରେ ବତୁରିଯାଏ ସେ। ହେଲେ କାହାର କଣ ଯାଏ ଆସେ ଯେ ତା ଖୁସି କି ଦୁଃଖରେ! ଓଲଟା ସେମାନେ ତା ଅସହାୟତାକୁ ନେଇ ଅନେକ ଦିନ ଯାଏଁ ଗପ ବନାନ୍ତି।

(କ୍ରମଶଃ...)

## ବିଶେଷ କବିତା

# ମୁକୁତା ଦେଇ



**ବଟକୃଷ୍ଣ ନାୟକ**

**ପୁ**ଅରେ ମୋର ବୋଲମାନ
ଯାଅତୁମେ ହାଡ଼ିପାର ସାଥେ।
ମୁଁ କ'ଣ ଜାଣି ଜାଣି ତୋତେ
ଠେଲିଦେବି କଳାବାଘୁଣୀ ମୁହଁକୁ?
ସିଏ ବଡ଼ ନିଷ୍ଠୁରରେ ଧନ
କଞ୍ଚାକୁ ଆଗେ ବାଛିବ।
ଯାଅ, ନଇପାରି ହୁଅ।

ନିମତୋହି ଦୁଃଖରେ ତୋର ଜନ୍ମ
ମୁଁ ଦେଖିପାରିବିନି ତୋର
ଅନ୍ଧାରରେ ସନ୍ତୁଳି ହେବା,
ପଙ୍କର ପଦ୍ମନାଡରେ ଗୋଡ ଖସିଯିବା,
ଘୋଷାରି ହୋଇଯିବା କୁମ୍ଭୀର ପାଟିକୁ।
"ବନସ୍ତ ପୋଡିଲେ ଧନରେ ଜନ ଜଗତ ଜାଣନ୍ତି
ମାତା କ୍ଷୀରବତୀ ହୃଦୟ ପୋଡିଲେ ତାହା କେହି ନଜାଣନ୍ତି।"
ମୁଁ କ'ଣ ତୋର ପ୍ରତିବାଦୀ କିରେ?

ମଝି ସମୁଦ୍ରରେ ଯେତେବେଳେ ତୋର
ଡଙ୍ଗା ବୁଡୁଥିବ
କିଏ ତୋତେ କୂଳରେ ଲଗେଇବରେ?
ରୋଦମା, କୋଦମା, ଜାମ୍ବବତୀ?
ଅବା ସେମାନଙ୍କର
ରକ୍ତରଙ୍ଗ ଓଠ,
ମୁକ୍ତ କେଶବାସ
ଅଳସ ଚାଲିର ଅଙ୍ଗଲାଳିତ୍ୟ? କିଏ?



କୋକେଇରେ ମଶାଣିକୁ ଗଲାବେଳେ
କିଏ ତୋର ସାଙ୍ଗରେ ଯିବ?
ସତ୍ୟ ଏକା ରାମ ନାମରେ କୁମର
ଧର୍ମ ଏକା ତୋର ସଖା।

ଖୋଲିଗଲା ସଂଭୋଗର ଚୌଷଠୀବନ୍ଧ
ଫିଟିଗଲା ନାଗଫାଶ ବନ୍ଧନ,
ବିଷୟ ବିଷକନ୍ୟା ଅଣ୍ଟାରେ
ଅଟକିଗଲା ମହୁର ସୋରେଇ,
ରିକ୍ତ ସିଂହାସନ, ରାଣୀ ହଂସପୁର
ମାଆକୋଳ ଶୂନ୍ୟ।
ରାଜାପୁଅ ଦେଖିଲା ଆଲୁଅ
ଦୂର ଦିଗ୍‌ବଳୟେ
ଶୁଭିଗଲା କେନ୍ଦେରାର ସ୍ୱର
ନଈ ଆରକୂଳେ।

ଏବେ ଯାତ୍ରା ତା'ର
ଅନ୍ଧାରରୁ ଆଲୋକ ଆଡକୁ
ଦେହରୁ ବିଦେହ ରାଜ୍ୟକୁ
ମୃତ୍ୟୁରୁ ଅମୃତ।

*ଶଶୀ ହୋମିଓ କ୍ଲିନିକ*
*ଗଣେଶ ବଜାର, ନିମାପଡ଼ା, ପୁରୀ*
*ମୋ-୯୪୩୭୩୦୦୫୭୩*

**କେ**ଉଁ ଆଇମା' ଅମଳରୁ କେଜାଣି
ଆମ ଦାଣ୍ଡ ଘରର କାନ୍ଥରେ
ଠିକ୍ ସେଇମିତି ଅଛି
ଏଇ ତିନିକୋଣିଆ ଛୋଟିଆ ଜାଗାଟି
ସବୁ ଭୂଗୋଳ ଓ ଇତିହାସର
ମୂକ ସାକ୍ଷୀ ହେଇ ...

ବିତି ଯାଇଥିବା ସମୟର ଆଇନାର
ସ୍ମୃତିର ଅଳନ୍ଧୁ ସେପାଖୁଁ / ଦେଖାଯାଏ ସେଠି
ଜେଜେଙ୍କର ହନୁମାନ ଚାଳିଶା, ରୁଦ୍ରାକ୍ଷ ମାଳି
ବାପାଙ୍କର ଚଷମା ଓ ସାଇକେଲ ଚାବିର
ଷ୍ଟାଣ୍ଡ ହେଇଥିବା ଏଇ
ତିନିକୋଣିଆ ଛୋଟିଆ ଜାଗାଟି ...
ଆଗରୁ ଆମ ଘରକୁ କେହି ଅତିଥି ଆସିଲେ
ଏଇ ଠଣା ତଳେ ଭୂଇଁ ଉପରେ ଆସନ ପାରି
ବସୁଥିଲେ ସେମାନେ, ଗୋଡ ହାତ
ଧୋଇ ସାରିବା
ଚାହାପାନ ଦିଆଯିବା ପରେ ତାଙ୍କୁ / ପଚରା ଯାଉଥିଲା
ଭଲ ମନ୍ଦର ଖବର ତାଙ୍କର
ଏବେତ ଦିନରାତି ଗେଟ୍‌ରେ ତାଲା ...
ଏବେ ଚବିଶି ଘଣ୍ଟା ଘରେ ବସି
ଘରଭଙ୍ଗା ସିରିଏଲ୍ ଦେଖୁଥିବା
ଆମ ଘରଣୀମାନଙ୍କୁ ତର କାହିଁ ଯେ
ସଂଖୋଳିବାକୁ ଓ ଶୁଣିବାକୁ
ଆମ ଅତିଥି ଅଭ୍ୟାଗତଙ୍କର କଥା...



**ସୁରେନ୍ଦ୍ର ପାଣିଗ୍ରାହୀ**

# ଠଣା

ସେଇ କାନ୍ଥରେ ଥିବା ଠଣାରୁ ଅବିର ଆଣି
ପିଲାଦିନେ ଆମେ ଖେଳୁଥିଲୁ ହୋଲି
ମୋ ପେଁକାଳି, ରୁଞ୍ଜମାଳି ବୋଉ ରଖୁଥିଲା ସେଠି
ଏବେ କିନ୍ତୁ ଅଣ୍ଡାଳିଲେ ମିଳୁଛି ସେଠୁ
ସିଗାରେଟ୍, ତିରଙ୍ଗା, ରାଜା ଖଇନି ଆଉ
ପ୍ରତିଦିନ ଆମକୁ ମିଛ କହିବା
ଶିଖଉଥିବା ମୋବାଇଲ୍ ...



ଘରେ କୁକୁର ଅଛି, ସତର୍କ ରୁହ' ସାଇନ୍‌ବୋର୍ଡ
ସହ ଯୋଡି ହେଇ ଯାଇଛି ଯେମିତି
ଆମର ସାମ୍ରାଜ୍ୟ / ଆଉ ଆମ ପିଲାମାନେ
ଆଜି କାର୍ଟୁନ୍‌ର ଚିତ୍ର ଓ ଚରିତ୍ର
ସତରେ କେତେ ବଦଳିଗଲେ ଆମେ
ସେ ସମୟକୁ ବାଘ ଖାଇ ଯାଇଛି ଯେମିତି
ଆଉ ଏଇ ସମୟ ଭିତରେ ଆମେ ଦ୍ୱିଧାଗ୍ରସ୍ତ,
ଯାହା ବିଖଣ୍ଡିତ, ବିଭାଜିତ / ବ୍ୟଥାଗ୍ରସ୍ତ ଓ ଉଦ୍ଦିଷ୍ଟ
ନିଜ ନିଜ କୁରୁକ୍ଷେତ୍ରର ଲଢ଼େଇ ନିମନ୍ତେ ...

କେଉଁ ମାନ୍ଧାତା ଅମଳରୁ ବାରମ୍ବାର
କେତେ ଯେ ଅଦଳ ବଦଳ
ଯିବା ଆସିବା ଓ ବସା ଉଠାର
ମୂକସାକ୍ଷୀ ପାଲଟିଥିବା
ଏଇ ଛୋଟିଆ 'ଠଣା'ଟି
ଯା'ବଦଳେଇ ପାରିନାହିଁ
ନିଜର ସେଇ ପୁରୁଣା ଆକାର...

*ସା : ପ୍ରୋ : ବରି,*
*ଭା : ସିମୁଳିଆ, ଜିଲ୍ଲା-ବାଲେଶ୍ୱର*

## କୁନାବାପାଙ୍କ କୁନିକଥା ୪୫

**ଏ**ବେ ଗଣମାଧ୍ୟମରେ ଛାଇ ରହୁଛି ଦୁଷ୍କର୍ମର ଖବର। ନବଜାତକଠୁ ଆରମ୍ଭ କରି ମଧ୍ୟ ବୟସ୍କ ମହିଳାଙ୍କ ପର୍ଯ୍ୟନ୍ତ କେହବି ସୁରକ୍ଷିତ ନାହାନ୍ତି ଏ ଯୌନ ରାକ୍ଷସଙ୍କ କବଳରୁ। କେବେ ଗଣ ଦୁଷ୍କର୍ମ ତ' କେବେ ଦୁଷ୍କର୍ମ ପରେ ବିଭତ୍ସ ହତ୍ୟା। ଆଉ ଯିଏ ହତ୍ୟାରୁ ବର୍ତ୍ତିଗଲେ, ପରେ ଲୋକଲଜ୍ଜାରେ କରୁଛନ୍ତି ଆତ୍ମହତ୍ୟା। ଏ ଖବର ଗୁଡିକ ସମ୍ବେଦନଶୀଳ ନାରୀ ହୃଦୟକୁ ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ କରୁଛି। କୁନାବୋଉ ବି ଦିନେ କୁନାବାପାଙ୍କୁ ତାଗିଦ କରି କହୁଥିଲେ, ଶୀଘ୍ର ଘରକୁ ଫେରି ଆସୁଥିବ। ସଂଧ୍ୟା ହେଲେ, କାହିଁ କେଜାଣି ଭାରି ଡର ଲାଗୁଛି। ସମାଜରେ ପ୍ରତି ଘଟଣାର ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କର ସଂଖ୍ୟା କିଛି କମ ନୁହେଁ। ହେଲେ ଏଇ ଘଟଣା ଗୁଡିକର ବାଦ ବିସମ୍ବାଦ ଟିକେ ଅଲଗା। ତେବେ ଏଇ ନିକଟରେ କମ୍ ବୟସର ପିଲାଙ୍କୁ ଦୁଷ୍କର୍ମ କରିଥିବା ବ୍ୟକ୍ତିଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବାର ଆଇନଟିଏ ଆସୁଛି। ଯାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା।

କେହି କେହି, ଏଇ ସମସ୍ୟା ଗୁଡିକର ଅଦଭୁତ ସମାଧାନ ଖୋଜନ୍ତି, ତ' କିଏ ଏହାକୁ ରୋକିବାର ବାଟ କେବଳ ଆଧାତ୍ମିକ ପରିବେଶ ଗଠନ ବୋଲି କୁହନ୍ତି। ଏଇ ଗଲା ଗୁରୁବାର ଖଟିରେ ଚର୍ଚ୍ଚା ହେଉଥାଏ ଏଇ ନବ ଗଠିତ ଆଇନର। ପାଚେଲା ବାଳିଆ ସାହୁବାବୁ କହିଲେ, ଆଗ ଜମାନା ଭଲଥିଲା, ପିଲାବେଳୁ ବାହାଘର ଶେଷ, ଚିନ୍ତା ଖତମ୍। କଥା ଉପରେ ମାଡିବସି ଗେଣ୍ଡୁବାବୁ କହିଲେ, ଆହେ ଏ ଯୌନ ରାକ୍ଷସଗୁଡା ନବଜାତ ଶିଶୁଙ୍କଠୁ ଆରମ୍ଭ କରି ଦରବୁଢ଼ି ଯାଏ କାହାକୁ ଛାଡୁ ନାହାନ୍ତି। ଠିକ ହେଲା କୋର୍ଟ ଫାସି ଦଉ ଏକ କୁକର୍ମୀଙ୍କୁ। ଆରବ ଦେଶ ହେଇଥିଲେ ଏଗୁଡାଙ୍କୁ ଧାଡିକରି ଗୁଳି ମାରିଥାନ୍ତେ ନହେଲେ ଅଣ୍ଟାଯାଏ ପୋତି ଟେକାମାଡ କରି ମାରିଥାନ୍ତେ। ଚା'ଦୋକାନି ସୁରିଆ କହିଲା, ଆମର ଜଣେ ବଡଲୋକ କହିଲେ ତ, ବଳାତ୍କାରୀର ଲିଙ୍ଗ ଛେଦନ କର, ସେୟା କଲେ କେମିତି ହୁଅନ୍ତା। ଯେ ଅପକର୍ମିଙ୍କ ଷଣ୍ଡପଣକୁ ବଳଦରେ ପରିଣତ କଲେଯାଇ ସବୁ ତରକିବେ। ଗେଡୁ ଦିଲନବାବୁ କହିଲେ ହଁ ଯେ, ସରକାର କ'ଣ ଏମିତି ଆଇନ ଆଣି ପାରିବେ? ଏଇଟା ରାଜା ରାଜୁଡା ଅମଳରେ ହେଇଥାନ୍ତା। ନୂଆ ଖଟିରେ ଜଏନ କରିଥିବା ଚନ୍ଦାମୁଣ୍ଡିଆ ମିଶ୍ରବାବୁ କହିଲେ, ଆଜି କାଲିକା ଝିଅମାନେ ଯୋଉ ଭଳିଆ ପୋଷାକ ପିନ୍ଧୁଛନ୍ତି, ଇଏ ଋଷି ବିଶ୍ୱାମିତ୍ରଙ୍କ ମନ ଚହଲିଯିବ। ଆଉ ଏଇ ବାତେରା ଲଫଙ୍ଗାଙ୍କର ଔକାତ କେତେ? ବେହେରା ବାବୁ କଥା ଉପରେ ଚଢ଼ିଯାଇ କହିଲେ, ତେବେ କ'ଣ ନାରୀଙ୍କର ପରିଧାନର ସ୍ୱାଧୀନତା ନାହିଁ? ସିଏ କ'ଣ ଟିକେ ନିଜ ପସନ୍ଦର ପୋଷାକ ପିନ୍ଧି ପାରିବେନି? ପୁରୁଷ କୈନ୍ଦ୍ରିକ ସମାଜରେ ଏଇ କଥାଟାକୁ କେହି ହଜମ କରି ପାରିଲେନି। ସବୁ ମନେ ମନେ କ'ଣ ଭାବିଲେ? କୁନାବାପା କହିଲେ, ଏତେ ସବୁ ଘଟୁଛି, ଦୁଷ୍କର୍ମକାରୀ ଧରାପଡୁଛନ୍ତି। କିଏ ଦଣ୍ଡ ପାଉଛି, କିଏ ଖସିଯାଉଛି। କିନ୍ତୁ ସରକାର ଯଦି ଚାହାନ୍ତେ, କ'ଣ ମନସ୍ତତ୍ତ୍ୱବିତ ମାନଙ୍କ ସାହାଯ୍ୟ ନେଇ ପ୍ରକୃତ କାରଣ ଖୋଜି ଏଇ ସମସ୍ୟାର ମୂଳୋତ୍ପାଟନର ପନ୍ଥା ବାହାର କରିପାରନ୍ତେନି? କେବଳ ଆଇନ ବା ଦଣ୍ଡବିଧାନ ନୁହେଁ ସମସ୍ୟାର ମୂଳୋତ୍ପାଟନ ଜରୁରୀ। ସର୍ବେ ଭବନ୍ତୁ ସୁଖୀନଃ

**- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪**

# ଆଉ ଏକ ପ୍ରେମ

**ଦିବ୍ୟଜ୍ୟୋତି ମହାନ୍ତି**



**ଦୁ**ଇ ବର୍ଷ ତଳେ ଦୁଇ ଦୁଇ ଥର ଆତ୍ମହତ୍ୟା କରିବାକୁ ଯାଇ ବି ଆତ୍ମହତ୍ୟା କରିପାରିନଥିବା ଅମରେଶ ଆଜି ପବନର ବେଗ ସହ ତାଳ ଦେଇ ଖୋଲା ଆକାଶ ତଳେ ଖୁବ୍ ଯୋର୍‌ରେ ହସୁଥିଲା । ଭୟରେ ତାଆଡକୁ ନ ଚାହିଁଲେ ବି କଣେଇ କଣେଇ ଦେଖୁଥିବା ଲୋକମାନେ ଭାବୁଥିଲେ ହୁଏତ ଅମରେଶ ପାଗଳ ହୋଇଯାଇଛି । ନଚେତ୍ କେହି କ'ଣ ବିନା କାରଣରେ ଏମିତି ପାଗଳଙ୍କ ଭଳି ହସେ । ହଁ ପ୍ରକୃତରେ ହିଁ ଅମରେଶ ଆଜି ପାଗଳ ହୋଇଯାଇଥିଲା । ଆଉ ତା ପାଗଳ ହେବାର ମୁଖ୍ୟ କାରଣ ଥିଲା ତାକୁ ଆଜି ପୁଣି ଥରେ ପ୍ରେମ ହୋଇଯାଇଥିଲା ।

ଅମରେଶ ଭାବୁଥିଲା କିଏ ସେ କହିଥିଲା ପ୍ରେମ ଜୀବନରେ କେବଳ ଥରୁଟିଏ ହିଁ ହୋଇଥାଏ । ତାକୁ ଜଦି ସେ ଆଖି ଆଗରେ ପାଆନ୍ତା, ତା' ଗାଲରେ ଗୋଟେ ଥାପଡ ଲଗାଇ କୁହନ୍ତା ରେ ମୁର୍ଖ ପ୍ରେମ ଜୀବନରେ କେବଳ ଥରୁଟେ ହୋଇନଥାଏ । ଗୋଟିଏ ମଣିଷ ଜୀବନରେ ପ୍ରେମ ବାରମ୍ବାର ଆସିଥାଏ । କେତେବେଳେ ପ୍ରକୃତି ମାଧ୍ୟମରେ କେବେ ପଶୁ ପକ୍ଷୀ ଗଛ ଲତା ମାଧ୍ୟମରେ ତ' ଆଉ କେବେ ବାପା ମା' ଓ ସମାଜ ମାଧ୍ୟମରେ ଏହି ପ୍ରେମ ଆସିଥାଏ । ପ୍ରେମ କ'ଣ ପାପ କର୍ମଟେ ଯେ ମଣିଷ କେବଳ ଥରୁଟେ ହିଁ କରିବ ଆଉ କରିବନି ଅବା କରିବାକୁ ଡରିବ । ପ୍ରେମ ପରା ସତ୍ୟ ଶାସ୍ୱତ ଓ ଚିରନ୍ତନ ତ ପ୍ରେମ ଭଳି ଏକ ପବିତ୍ର କର୍ମଟିକୁ କରିବାକୁ ମଣିଷଟେ କାହିଁକି ଅବା ପଛଘୁଂଚା ଦେବ । ବଂର ତା' ଅପେକ୍ଷା ପ୍ରେମରୁ ଟିକିଏ ପୂର୍ଣ୍ଣ୍ୟ ସାଉଁଟିବାକୁ ସେ ବାରମ୍ବାର ପ୍ରେମ କରିବ । ସେଥିରେ ସେ ବିଫଳ ହେଉ ଅବା ସଫଳ । ହେଇ ଦେଖେ ମୋତେ ଦେଖେ ମୁଁ ଆଜି ବି ଆଉ ଥରେ ପ୍ରେମ କରିଛି । କିପରି ଖୁସିରେ ପାଗଳଙ୍କ ଭଳି ନିତି ହସୁଛି । ହଁ ମୁଁ ଆଜି ସେମାନଙ୍କ ପାଇଁ ଏପରି ହସୁଛି ଯେଉଁମାନେ ତୋ କଥାରେ ବିଶ୍ୱାସ ରଖି ଜୀବନରେ ଗୋଟିଏ ଥର ପ୍ରେମ କରି ସାରା ଜୀବନ ପାଇଁ ହନ୍ତସନ୍ତ ହୋଇ କାନ୍ଦିଥାନ୍ତି । ସେହି ମାନଙ୍କୁ ଉପହାସ କରିବାକୁ ମୁଁ ଆଜି ଏପରି ପାଗଳ ଭଳି ତାସ୍ଛଲ୍ୟ ଭରା ହସ ହସୁଛି । ସେମାନଙ୍କୁ କହିଦେବାକୁ ଚାହୁଁଛି ମୁଁ ନୁହେଁ ବଂର ତୁ ଆଉ ସେମାନେ ଗୋଟେ ଗୋଟେ ମସ୍ତବଡ ଓ ବଦ୍ଧ ପାଗଳ ।

ଦୁଇ ବର୍ଷ ତଳେ ଅନନ୍ଦିତା ଯେବେ ଅମରେଶକୁ ବିନା କାରଣରେ ରାଣ ନିୟମ ପକାଇ କହିଥିଲା ତୁମେ ମୋତେ ଭୁଲିଯାଅ । ସେଦିନ ଅମରେଶ ଛୋଟ ପିଲାଙ୍କ ଭଳି କିଛି ନ କହି ଚୁପ୍ ଚାପ୍ ମୁଣ୍ଡକୁ ହଲାଇ ତା କଥାରେ ସହମତି ପ୍ରକାଶ କରିଥିଲା । ତାକୁ ଲାଗୁଥିଲା ଯେପରି ଦୂର ଆକାଶରେ ଝୁଲୁଥିବା ସେ ସୂର୍ଯ୍ୟଟା ତା ମୁଣ୍ଡ ଉପରେ ଛିଣ୍ଡି ପଡିଛି ଆଉ ତାକୁ ଜାଳି ପୋଡି ପାଉଁଶ କରି ଦେବାକୁ ବସିଛି । ଆଇ ମା' କାହାଣୀର ସେ ବ୍ରହ୍ମ ରାକ୍ଷସଟା ଯେପରି ତାକୁ ସମ୍ପୂର୍ଣ୍ଣ ଗିଳି ଦେବାକୁ ଉଦ୍ୟତରତ । କ'ଣ କରିବ କ'ଣ ନାଇ ସେ କିଛି ବି ବୁଝି ପାରୁନଥିଲା । ସେଥିପାଇଁ ତ' ସେ ଦୁଇ ଦୁଇଥର ଆତ୍ମହତ୍ୟା କରିବାକୁ ଯାଇଥିଲା । ମାତ୍ର ସେ କ'ଣ ଆତ୍ମହତ୍ୟା କରିପାରୁଥିଲା ନା, ଯେତେ ଚେଷ୍ଟା କଲେ ବି କୌଣସି ନା କୌଣସି ପ୍ରକାରେ ବଂଚି ଯାଉଥିଲା । ତା'ପରେ ଆତ୍ମହତ୍ୟା କରିବାଟା କ'ଣ ଏତେ ସହଜ ଯେ ଚାହିଁବା କ୍ଷଣି ସଙ୍ଗେ ସଙ୍ଗେ ହୋଇଯିବ ।

ସେଥିପାଇଁ ଅମରେଶ ଭାବିଲା ଆତ୍ମହତ୍ୟା କରି ଅପବାଦ ଓ ଲୋକଲଜ୍ଜ୍ୟା ସାଉଁଟିବା ଅପେକ୍ଷା ବଂର ଭଲ ହେବ ଜୀବନକୁ ତା ବାଟରେ ସମୟର



ଗତି ସହ ଛାଡିଦେବା । ଯେତେବେଳେ ଯାହା ହେବ ନଚେତ୍ ସମୟର ଏ ନିସଙ୍ଗତାଭିତରେ ଏକୁଟିଆ ବଂଚିବା ଶିଖିଯିବ । କଥାରେ କୁହନ୍ତିନି ଭଗବାନ୍ କାହାର କେବେ ଅମଙ୍ଗଳ କରନ୍ତିନି । ଗୋଟେ ଜିନିଷ ଛଡାଇ ନେଲେ ତା' ବଦଳରେ ଆଉ ଗୋଟେ ଜିନିଷ ଧରାଇଦେଇଥାନ୍ତି । ସେହିପରି ଅନନ୍ଦିତା ଗଲାପରେ ସେ ଭଲପାଇ ବସିଥିଲା କଲମର କାଳିକୁ । ଯେଉଁଥିରୁ ଫୁଟୁଥିଲା ଅନେକ କବିତା ଓ ଉତୁରୁଥିଲା ଅନେକ ଗପ । ଯେଉଁ ଗପ କବିତା ସବୁ ତା ହୃଦୟ ଦରଜା ଡେଇଁ ଖାତା କଲମରୁ ବାହାରି ଯାଇ ପଂହଚିଲା ବିଭିନ୍ନ ଖବର କାଗଜର ପୃଷ୍ଠାରେ । ସେଦିନ ସିନା ଅନନ୍ଦିତା ତାକୁ ମନା କରୁଥିଲା ତାଙ୍କ ପ୍ରେମ ବିଷୟରେ କାହାକୁ ଜଣେଇବାକୁ । କହୁଥିଲା ସବୁଦିନ ସେମାନଙ୍କ ସମ୍ପର୍କକୁ ଲୁଚାଇ ରଖିବାକୁ କିନ୍ତୁ ଏ ଗପ କବିତା ସବୁ ତାକୁ ଏକ ନୂଆ ପରିଚୟ ଦେଇ ସଭିଁଙ୍କ ପାଖେ ବେଶ୍ ପରିଚିତ କରାଇପାରିଥିଲା । ଆଉ ହଁ ଏଇ ଗପ କବିତା ମାନେ ମଧ୍ୟ ଦିନେ ଅନନ୍ଦିତା ଭଳି ନିଜଠୁ ଅଧିକ ଭଲ ପାଉଥିବା ଅନାମିକାକୁ ଆଣି ଦେଇଥିଲା ତା ଜୀବନରେ । ଯିଏ ପ୍ରତି ମୂହୁର୍ତ୍ତରେ ତାର ରକ୍ତ, ମାଂସ ଓ ହାଡ ଭିତରେ ମିଶିଯାଇ ତା' ସହ ଏକାକାର ହୋଇଯିବା ପରି ତାକୁ ମନେ ହେଉଥିଲା । ସେ ବୁଝିପାରୁନଥିଲା ତାର କ'ଣ ହେଉଥିଲା । କାରଣ ଧିରେ ଧିରେ ସେ ପ୍ରେମର ଗଭୀର ନୀଳ ଜଳରାଶି ଭିତରକୁ ଚାଲିଯାଉଥିଲା । ପ୍ରକୃତରେ ତାକୁ ହୋଇଯାଇଥିଲା ଆଉ ଏକ ପ୍ରେମ । ଯେଉଁଠି ଅନନ୍ଦିତା କି ଅନାମିକା ତାର ପ୍ରେମିକା ନଥିଲେ ବଂର ତା'ର ପ୍ରେମିକା ଥିଲା ସେହି ଗପ ଓ କବିତାମାନେ । ଯେଉଁମାନେ ତାକୁ ଏକ ନିଆରା ପରିଚୟ ଦେଇଥିଲେ । ଯେଉଁମାନେ ତା' ସହ ସଦା ସର୍ବଦା ରହିଆସୁଥିଲେ । ଯେଉଁମାନେ ତା' ସହ ସୁଖ ଦୁଃଖର ଭାଗିଦାର ହେଇଥିଲେ । ଯେଉଁମାନଙ୍କୁ ନେଇ ସେ ଗର୍ବ କରୁଥିଲା । ଯେଉଁମାନଙ୍କୁ ନେଇ ସେ ସ୍ୱପ୍ନ ଦେଖୁଥିଲା । ସେଇ ସବୁ ଗପ ଓ କବିତାମାନଙ୍କୁ ସେ ଭଲପାଇ ବସିଥିଲା । ଯେଉଁଥିପାଇଁ ତା ଛାତି ତଳେ ବସା ବାନ୍ଧିଥିଲା ଆଉ ଏକ ପ୍ରେମ...।

*ମୋ : ୭୩୭୭୫୧୦୨୫୪*




# ରାଜଧାନୀରେ ଗଡ଼ିବ ଶେୟାରିଂ ସାଇକେଲ୍

**ଭୁବନେଶ୍ୱର :** ସ୍ମାର୍ଟ ସିଟି ଭୁବନେଶ୍ୱରରେ ଗଡ଼ିବ ୨୦୦୦ ଅତ୍ୟାଧୁନିକ ଡିଜିଟାଇଜଡ଼ ସାଇକେଲ। ପବ୍ଲିକ୍ ବାଇସାଇକେଲ୍ ସେୟାରିଂ ସିଷ୍ଟମ୍ ପ୍ରକଳ୍ପ ମାଧ୍ୟମରେ ଏହି ସେବା ରାଜଧାନୀବାସିନ୍ଦାଙ୍କ ସମେତ ପର୍ଯ୍ୟଟକମାନଙ୍କୁ ଯୋଗାଇ ଦିଆଯିବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ସେୟାରିଂ ସାଇକେଲ୍ ପ୍ରକଳ୍ପ ଅନୁମୋଦିତ ହୋଇଛି। ସାଇକେଲ୍‌ଗୁଡ଼ିକ ମୋବାଇଲ୍ ଆପ୍ ଦ୍ୱାରା ନିୟନ୍ତ୍ରିତ ହେବ। ପ୍ରତି ସାଇକେଲ୍‌ର ଦାମ୍ ୪୫ରୁ ୫୦ହଜାର ଟଙ୍କା ହେବ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ରାସ୍ତାମାନଙ୍କରେ ପ୍ରାୟ ୪୦ କିମି ବ୍ୟାପୀ ଏହି ବ୍ୟବସ୍ଥା କରାଯିବ। ଲୋକମାନେ ଆବଶ୍ୟକ ହେଉଥିବା ସ୍ଥାନରୁ ସାଇକେଲ୍ ନେବେ ଏବଂ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପରେ ନିକଟତମ ସାଇକେଲ୍ ଷ୍ଟାଣ୍ଡରେ ସାଇକେଲ୍ ଦାଖଲ ଦେଇପାରିବେ। ସାଇକେଲ୍‌ରେ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ରହିବ। ପ୍ରାରମ୍ଭିକ ଅବସ୍ଥାରେ ପ୍ରଥମ ୩୦ ମିନିଟ୍ ଭଡ଼ା ଛାଡ଼ କରାଯିବ। ତା'ପରେ ପ୍ରତି ୩୦ ମିନିଟ୍ ପାଇଁ ଭଡ଼ା ଧାର୍ଯ୍ୟ କରାଯିବ। ପ୍ରଥମ ପର୍ଯ୍ୟାୟରେ ୩ଟି ମୁଖ୍ୟ ରାସ୍ତାରେ ଆରମ୍ଭ କରାଯିବ। ରାଜଭବନ ଛକଠାରୁ କଳିଙ୍ଗ ଷ୍ଟାଡିୟମ୍-ଜୟଦେବ ବିହାର-କଳିଙ୍ଗ ହସ୍ପିଟାଲ ଛକ-ପଟିଆ-କିଟ୍ ଛକ, ବିମାନ ବନ୍ଦରରୁ-ସଚିବାଳୟମାର୍ଗ-ଜୟଦେବ ବିହାର-କଳିଙ୍ଗ ହସ୍ପିଟାଲ ଛକ ଏବଂ ୟୁନିଟ୍-୧ରୁ ରେଳ ଷ୍ଟେସନ-ବାଣୀବିହାର ପର୍ଯ୍ୟନ୍ତ ଜନପଥ ରାସ୍ତାରେ ସେୟାରିଂ ସାଇକେଲ'ପିବିଏସ୍' ଚାଲିବ। ଏହାଛଡ଼ା ଏହି ମୁଖ୍ୟ ରାସ୍ତାଗୁଡ଼ିକର ପରସ୍ପର ସହ ଆନ୍ତଃସଂଯୋଗ ରାସ୍ତାମାନଙ୍କରେ ମଧ୍ୟ 'ପିବିଏସ୍' ଉପଲବ୍ଧ ହେବ। ଆସନ୍ତା ହକି ୱାର୍ଲଡ କପ୍ ପୂର୍ବରୁ ସହରରେ ଅତି କମ୍‌ରେ ୨୦୦୦ ଏହିପରି ସାଇକେଲ୍ ଚଳାଇବାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସାଇକେଲ୍ ଟ୍ରାକ୍‌କୁ ସ୍ୱତନ୍ତ୍ର ଭାବେ ଚିହ୍ନିତ କରିବା, ବସ୍‌ଷ୍ଟାଣ୍ଡ, ବିଭିନ୍ନ ଶିକ୍ଷାନୁଷ୍ଠାନ, ପାର୍କ, ସର୍ବସାଧାରଣ କାର୍ଯ୍ୟାଳୟ ପାଖାପାଖି ସ୍ଥାନମାନଙ୍କରେ ସାଇକେଲ୍ ଷ୍ଟାଣ୍ଡ ବ୍ୟବସ୍ଥା କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ସାଇକେଲ୍ ଟ୍ରାକ୍‌ର ନିରାପତ୍ତା ପ୍ରତି ଧ୍ୟାନ ଦେବା ସହ ଏ ବିଷୟରେ ବ୍ୟାପକ ସଚେତନା ସୃଷ୍ଟି କରିବା ପାଇଁ ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍ ପରାମର୍ଶ ଦେଇଥିଲେ। ଏଥିପାଇଁ ସାଇକେଲ୍ ଟ୍ରାକ୍ ଏବଂ ସାଇକେଲ୍ ଷ୍ଟାଣ୍ଡ ନିର୍ମାଣ ସହ ଆବଶ୍ୟକୀୟ ପ୍ରସ୍ତୁତି କାର୍ଯ୍ୟ ଆସନ୍ତା ବିଶ୍ୱକପ୍ ପୂର୍ବରୁ ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ପୂର୍ତ୍ତ ବିଭାଗ, ଇଡ଼କୋ ଓ ବିଡିଏଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍ ପୂର୍ବରୁ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପର୍ଯ୍ୟାୟକ୍ରମେ ସହରର ସମୁଦାୟ ୧୨୦ କିମି ରାସ୍ତାରେ ପିବିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ବ୍ୟବସ୍ଥାର ସୁପରିଚାଳନା ପାଇଁ ଭୁବନେଶ୍ୱର ସହରକୁ ଜିଓ-ଫେନ୍‌ସିଂ କରାଯିବ। ଯାହାଦ୍ୱାରା ସାଇକେଲ୍ ନିର୍ଦ୍ଧାରିତ ସୀମା ବାହାରକୁ ଗଲେ ତତ୍‌କ୍ଷଣାତ୍ ତାହାର ସୂଚନା କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷରେ ମିଳିପାରିବ। ସାଇକେଲ୍‌ଗୁଡ଼ିକରେ ସେନ୍ସର ସଂଯୁକ୍ତ ହୋଇଥିବାରୁ ସେଗୁଡ଼ିକର ଅନୁସନ୍ଧାନ ଏବଂ ଟ୍ରାକିଂ ମଧ୍ୟ ସହଜରେ କରାଯାଇପାରିବ ବୋଲି ବିଡିଏ ଉପାଧ୍ୟକ୍ଷ କ୍ରିଷନ୍ କୁମାର ସୂଚନା ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ଆର୍ ବାଲାକ୍ରିଷ୍ଣନ୍, ପୂର୍ତ୍ତ ବିଭାଗ ଶାସନ ସଚିବ ନଳିନୀକାନ୍ତ ମହାନ୍ତି, ଇଡ଼କୋର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ, ସ୍ମାର୍ଟ ସିଟି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭିନିଲ୍ କ୍ରିଷ୍ଣାଙ୍କ ସମେତ ସ୍ମାର୍ଟ ସିଟି ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ମୁଖ୍ୟ ରାସ୍ତା ଉପରେ କୁଢ଼କୁଢ଼ ଆବର୍ଜନା

**ତେନ୍ତୁଳିଖୁଣ୍ଟି :** ତେନ୍ତୁଳିଖୁଣ୍ଟି ବ୍ଲକ କୁର୍ମାକୋଟ ଛକ ମୁଖ୍ୟ ରାସ୍ତା ଉପରେ କୁଡ କୁଡ ଆବର୍ଜନା ଭର୍ତ୍ତି ହୋଇ ରହିଛି। ତେନ୍ତୁଳିଖୁଣ୍ଟି ନବରଙ୍ଗପୁର ମୁଖ୍ୟ ରାସ୍ତା ଉପର କୁର୍ମାକୋଟ ଛକ ଅର୍ଥାତ ବ୍ଲକ ଛକ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଆବର୍ଜନା ଭର୍ତ୍ତି କିନ୍ତୁ ଦେଖିବାକୁ କେହିନାହିଁ। କହିଲେ ଜଣେ ଅନ୍ୟ ଜଣକ ଉପରେ ଦୋଷ ଲଦି ଖସିବାକୁ ଚେଷ୍ଟା କରୁଛନ୍ତି। ଏହି ରାସ୍ତା ଦେଇ ସବୁଦିନ ବହୁ କର୍ମଚାରୀ ବ୍ଲକ କର୍ମଚାରୀ, ତହସିଲ, ଡାକ୍ତରଖାନା, ଶିକ୍ଷକ, ଶିକ୍ଷୟିତ୍ରୀ ଏପରିକି ବହୁ ରାଜନୈତିକ ବ୍ୟକ୍ତିବିଶେଷ ଯିବା ଆସିବା କରୁଥିଲେ ମଧ୍ୟ କାହାର ଦୃଷ୍ଟି ନପଡିବା ପୁଣି ଏହି ରାସ୍ତାରେ ଇନ୍ଦ୍ରାବତୀ ଜଳ ପ୍ରପାତ ପ୍ରକଳ୍ପ ଥିବାରୁ ରାଜ୍ୟ ବାହାରୁ ମଧ୍ୟ ବହୁ ବ୍ୟକ୍ତି ବିଶେଷ ଦେଖିବାକୁ ଆସୁଛନ୍ତି। ସେମାନେ ଯାଇ ନିଜ ରାଜ୍ୟରେ ଦେଖିଥିବା ଦର୍ଶନୀୟ ସ୍ଥାନର ରାସ୍ତା ଉପରେ ନିଶ୍ଚୟ ଆଲୋଚନା କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସ୍ୱଚ୍ଛ ଭାରତ ଯୋଜନାରେ ସରକାର ଡିଣ୍ଡିମ ପିଟୁଥିବା ବେଳେ କାହା ପାଇଁ ଏହି ଯୋଜନା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସ୍ୱାସ୍ଥ୍ୟ ପରିମଳ ବିଭାଗ କେବଳ ନଳକୂପ ଖୋଳି କାମ ସାରି ଦେଉଛି, ପୁଣି ବିଭାଗ ବର୍ଷକୁ ଥରେ ପରିମଳ ସପ୍ତାହ ପାଳନ ସମୟରେ ରଥ ଗାଡି ସଜାଇ ମାଇକ ବଜାଇ କାମ ସାରିଦେଇ ଟଙ୍କା ସରିଗଲା ବୋଲି ହାତରେ ହାତ ଦେଇ ବସୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶ୍ରମିକ ସଂଘ ପକ୍ଷରୁ ବିଜୁ ଶ୍ରାଦ୍ଧୋତ୍ସବ ପାଳିତ

**ପାରାଦୀପ :** ପ୍ରବାଦ ପୁରୁଷ ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୧ତମ ଶ୍ରାଦ୍ଧୋତ୍ସବ ପୂର୍ବଭାରତ ତୈଳ ବିଶୋଧନାଗାରର ଶ୍ରମିକ ସଂଘ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ସ୍ମୃତି ସଂସଦ ସହଯୋଗରେ ପାଳିତ ହୋଇଛି । ଏହି ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସର୍ବପ୍ରଥମେ ସକାଳେ ମହୋଦଧିରେ ତିଳତର୍ପଣ ପରେ ବିଭିନ୍ନ ଧର୍ମାନୁଷ୍ଠାନରେ ପୂଜାଅର୍ଚ୍ଚନା କରାଯାଇଥିଲା । ପରେ କରେ ଅଠରବାଙ୍କୀ,କୁଜଙ୍ଗ ଓ ରାହାମାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ପାରାଦୀପ ଓ କୁଜଙ୍ଗ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଠିକ୍ ଏହାପରେ ପରେ ଶ୍ରମିକ ସଂଘ ପରିସରରେ ଶ୍ରମିକ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ ଯୋଗଦେଇ କହିଲେ ଯେ ବିଜୁ ପଟ୍ଟନାୟକ ଥିଲେ ସାହାସ ଓ ସ୍ପଷ୍ଟ ବାଦିତାର ଜ୍ୱଳନ୍ତ ଉଦାହରଣ ଯୁବପିଢି ତାଙ୍କୁ ଆଦର୍ଶ କରି ବାଟ ଚାଲିବା ଉଚିତ୍ ସେ ଆହୁରି ମଧ୍ୟ କହିଥିଲେ ଉର୍ଦ୍ଧରେ ଥିଲେ ଉକ୍ତ ସଭାରେ ମୁଖ୍ୟ ବକ୍ତା ଭାବେ ବିଜେଡି ପ୍ରବକ୍ତା ସୁଲୋଚନା ଦାସ ବିଜୁ ବାବୁ ସେତେବେଳେ ଯେମିତି ଲୋକମାନଙ୍କ ସହିତ ଥିଲେ ଆଜି ଠିକ୍ ସେହିଭଳି ତାଙ୍କର ସୁପୁତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକ ମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ରହି ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଛନ୍ତି ସବୁ ଶ୍ରେଣୀର ଲୋକମାନଙ୍କ ପାଇଁ ପ୍ରତ୍ୟେକ ଦିନ ନୂଆ ନୂଆ ଜନକଲ୍ୟାଣ କାରୀ ଯୋଜନା ମାନ ଆଣି ଲୋକମାନଙ୍କର ଉନ୍ନତି କରାଇଛନ୍ତି । ସମ୍ମାନୀତ ଅତିଥି ଭାବରେ ରାଜ୍ୟ ଶିଶୁ ସୁରକ୍ଷା ଓ ଅଧିକାରୀ ଆୟୋଗ ସଦସ୍ୟା ମନ୍ଦାକିନୀ କର ଯୋଗଦେଇ ବିଜୁ ବାବୁ କିପରି ଧନୀ ଗରିବ ବାଛବିଚାର କରୁନଥିଲେ ଏବଂ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ ବୋଲି ନିଜର ବକ୍ତବ୍ୟରେ କହିଥିଲେ ସେହି ସଭାରେ ପରଦାର ସମ୍ବାଦିକ ତଥା ପାରାଦୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି ସରୋଜ କୁମାର ପଟ୍ଟନାୟକ ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହ ପଙ୍କଭଳି ଜଣେ ବରପୁତ୍ର ପାଇ କେବଳ ଓଡିଶା ନୁହେଁ ସାରା ବିଶ୍ୱ ଗର୍ବିତ ବୋଲି କହିଥିଲେ । ଉକ୍ତସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଂଜନ ଦାସ ମନୀନ୍ଦ୍ର ଗୁରୁ, ଚିନ୍ମୟ ଦାସ, ନିରଞ୍ଜନ ନାୟକ, ବିଶ୍ୱନାଥ ବଳ, ଅଭିରାମ ସାମଲ, ବିପିନ ବିହାରୀ ପ୍ରଧାନ ଓ ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

**ଖୋରଧା :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ ଅବ୍ୟବସ୍ଥା ଦେଇ ଗତିକରୁଛି। ଦୈନନ୍ଦିନ ଶହ ଶହ ସଂଖ୍ୟାରେ ରୋଗୀ ଖୋରଧା ଓ ଏହାର ଆଖପାଖ ଅଞ୍ଚଳରୁ ଉପଯୁକ୍ତ ଚିକିତ୍ସା ସେବା ପାଇବା ନିମନ୍ତେ ଆସିଥାନ୍ତି। ତେବେ ଆବଶ୍ୟକ ସଂଖ୍ୟାରେ ଡ଼ାକ୍ତର ନଥିବା ଯୋଗୁଁ ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଆବଶ୍ୟକ ଅନୁଯାୟୀ ଡ଼ାକ୍ତର ନଥିବା ଯୋଗୁଁ ସାମାନ୍ୟ ଛୋଟ ଛୋଟ ରୋଗକୁ ଡ଼ାକ୍ତର ଅନ୍ୟତ୍ର ରେଫର କରିଦେଇଥାନ୍ତି। ତେବେ ଏ ସବୁ ସମସ୍ୟାର ସମାଧାନ ପାଇଁ ଅନେକ ଥର ଖୋରଧାର ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ। ଅନ୍ୟ ପକ୍ଷରେ କିଛି ଡ଼ାକ୍ତର ଠିକ୍ ଭାବରେ ନିଜର ଦାୟିତ୍ୱ ତୁଲାଉଥିବା ବେଳେ ଅନ୍ୟ କିଛି ଡ଼ାକ୍ତର ନ ଜଣାଇ ମୋବାଇଲ ବନ୍ଦ କରି ଛୁଟିରେ ଯାଉଥିବା ଅଭିଯୋଗ ମଧ୍ୟ ହେଉଛି। ଡ଼ାକ୍ତର ଛୁଟିରେ ଯାଉଥିବା ଯୋଗୁଁ ଅନ୍ୟ ଡ଼ାକ୍ତରମାନଙ୍କୁ ହଇରାଣ ହେବାକୁ ପଡ଼ିଥାଏ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା ଅନ୍ୟ କୌଣସି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତର ସୁଚନା ମିଳିଲେ ଚିକିତ୍ସାଳୟର ନବକଳେବର ହୋଇଥାଏ। ଚିକିତ୍ସାଳୟ ଭିତରେ କୁଡ଼ କୁଡ଼ ମଇଳା ପଡ଼ିଥିବା ମଧ୍ୟ ଦେଖାଯାଏ। ତେବେ ଚିକିତ୍ସାଳୟରେ ରୋଗୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର ବୋଲି ଅଭିଯୋଗ ମଧ୍ୟ ହେଉଛି। ଦିଆଯାଉଥିବା ଖାଦ୍ୟ ସୂଚୀ ଅନୁସାରେ ଦିଆଯାଉ ନାହିଁ। ଏ ନେଇ ଅନେକ ଥର ଅଭିଯୋଗ କଲେ ସୁଦ୍ଧା କୌଣସି ପଦକ୍ଷେପ ନିଆ ଯାଉ ନଥିବା ଅଭିଯୋଗମାନ ହେଉଛି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଆଇଆଇଟି-ଜେଇଇ(ମେନ୍) ପ୍ରବେଶିକା ପରୀକ୍ଷା

# ବିକାଶ ଶିକ୍ଷାନୁଷ୍ଠାନର ୯୭ ଛାତ୍ରଛାତ୍ରୀ ସଫଳ

**ବରଗଡ଼ :** ଚଳିତବର୍ଷ ଆଇଆଇଟି-ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷାରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ରାଜ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେବଳ ବିକାଶ ଗ୍ରୁପ୍‌ର ୯୭ଜଣ ରହିଛନ୍ତି। ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ୍, ବରଗଡ଼ର ୪୨ଜଣ ଏବଂ ବିକାଶ ଜୁନିୟର କଲେଜ, ବରଗଡ଼ର ୨୭ଜଣ ଛାତ୍ରଛାତ୍ରୀ ସହ ବରଗଡ଼ ଶାଖାରୁ ମୋଟ୍ ୬୯ଜଣ (ସାଧାରଣ ବର୍ଗରେ ୨୬ଜଣ) ଛାତ୍ରଛାତ୍ରୀ ଏଥିରେ ରହିଛନ୍ତି। ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ୍‌ର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ସ୍ୱରାଜ ପ୍ରଧାନ ୧୮୧, ପ୍ରଦ୍ୟୁମ୍ନ କୁମାର ନାଏକ ୧୫୩, ଖେମରାଜ ସାହୁ ୧୨୧, ଅଂଶୁମାନ ପ୍ରଧାନ ୧୧୮, ଆଶିଷ ଟିଗ୍‌ଗା ୧୧୮, ଆଦିତ୍ୟ ବଂଶଲ ୧୦୬, ସୀତାଂଶୁ ପ୍ରଧାନ ୧୦୩, ସୁଜିତ କୁମାର ପାଟ୍ଟଯୋଶୀ ୯୫, ରଜତ ପ୍ରସାଦ ହଜାରୀ ୯୦ ଏବଂ ବିକାଶ ଜୁନିୟର କଲେଜର ପ୍ରଦୋଷ କୁମାର ପ୍ରଧାନ ୯୭, ସିଦ୍ଧୁରାମ ରଣା ୯୬, କିରନ୍ ସାହୁ ୮୫ ନମ୍ବର ରଖି ଉତୀର୍ଣ୍ଣ ତାଲିକାର ଶୀର୍ଷରେ ରହି ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ତଥା ପଶ୍ଚିମ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ବିକାଶର ସମ୍ବଲପୁର ଶାଖାରୁ ବିକାଶ କନ୍‌ସେପ୍ଟ ସ୍କୁଲ୍‌ର ୧୨ଜଣ ଓ ବିକାଶ ଜୁନିୟର କଲେଜର ୪ଜଣଙ୍କ ମଧ୍ୟରୁ ରିତିକ୍ ପୁରୋହିତ ୧୪୬ ତଥା ଭୁବନେଶ୍ୱର ଶାଖାରୁ ଉତୀର୍ଣ୍ଣ ହୋଇଥିବା ୧୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶକ୍ତି ପ୍ରସନ୍ନ ପାଣି ୮୮ ମାର୍କ ରଖି ସଫଳତା ତାଲିକାର ଶୀର୍ଷରେ ରହିଛନ୍ତି।

୯୭ଜଣ ଛାତ୍ରଛାତ୍ରୀ ମେ ୨୦ରେ ଥିବା ଆଇଆଇଟି-ଜେଇଇ ଏଡ୍‌ଭାନ୍ସଡ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ପ୍ରକାଶ ଥାଉକି ଚଳିତ ବର୍ଷ ନିଫ୍ଟ ପରୀକ୍ଷାରେ ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ୍, ବରଗଡ଼ରୁ ୪ଜଣ, ବିକାଶ ଜୁନିୟର କଲେଜ, ବରଗଡ଼ରୁ ୨ଜଣ ଏବଂ ବିକାଶର ସମ୍ବଲପୁର ଶାଖାରୁ ୩ଜଣ ସଫଳତା ହାସଲ କରିଛନ୍ତି। ଜେଇଇ ମେନ୍ ଏବଂ ନିଫ୍ଟର ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଚେୟାରମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା ବିକାଶର ଏଣ୍ଟ୍ରାନ୍‌ସ୍ ଏକାଡେମୀର ପାଠ୍ୟ କାର୍ଯ୍ୟକ୍ରମକୁ ତଥା ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି ଓ ଆଗାମୀ ଦିନରେ ଏହି ସଫଳତାର ହାର ଆହୁରି ଅଧିକ ହେବ ବୋଲି ଆଶା ପୋଷଣ କରିଛନ୍ତି। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଏଡ୍‌ମିନିଷ୍ଟ୍ରେସନ୍ ଶ୍ରୀ ଡି.ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଜି.ଭାସ୍କର ରାଓ, ଏକାଡେମିକ୍ ଡାଇରେକ୍ଟର ଶ୍ରୀ ଭି.ଶ୍ରୀନିବାସ ତଥା ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ବିକାଶ ଜୁନିୟର କଲେଜର ଅଧ୍ୟକ୍ଷ ଶ୍ରୀ ମୁରାରୀ ପ୍ରସାଦ ସାହୁ ଓ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ଚିତରଞ୍ଜନ ପତି ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାକୁ ...

ବର୍ଷରେ ରାଜ୍ୟରେ ୨୫୦୦ ଗାଁରେ ୮ ହଜାର କିମି ଗ୍ରାମ୍ୟ ରାସ୍ତା ନିର୍ମାଣ ଲକ୍ଷ୍ୟ ରଖିଛି। ପିଏମ୍‌ଜିଏସ୍‌ୱାଇ ଯୋଜନାରେ କେନ୍ଦ୍ର ଓ ରାଜ୍ୟର ଅନୁଦାନ ଅନୁପାତ ୬୦:୪୦ ରହିଛି। କେନ୍ଦ୍ର ସରକାର ନିଜର ଅଂଶଧନ ବାବଦରେ ୨୫୦୦କୋଟି ଟଙ୍କା ଦେଇଥିବାବେଳେ ରାଜ୍ୟ ସରକାରଙ୍କୁ ୧୬୬୬.୬୭ କୋଟି ଟଙ୍କା ବରାଦ କରିବାକୁ ପଡ଼ିବ। ୨୦୧୮-୧୯ ଆର୍ଥିକ ବର୍ଷରେ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ଓଡ଼ିଶାରେ ମୋଟ ୪୧୬୬.୬୭ କୋଟି ଟଙ୍କା ଖର୍ଚ୍ଚ ହେବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ୨୦୧୮ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପିଏମ୍‌ଜିଏସ୍‌ୱାଇ ଯୋଜନାରେ ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ରେକର୍ଡ ହାସଲ କରିଛି। ସୂଚନାଯୋଗ୍ୟ, ୨୦୧୭-୧୮ ଆର୍ଥିକ ବର୍ଷରେ ୭ ହଜାର କିମି ରାସ୍ତା ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଓଡ଼ିଶା ୭୧୧୫.୭୭ କିମି ରାସ୍ତା ନିର୍ମାଣ କରିଛି। ୨୦୦୦-୦୧ରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପିଏମ୍‌ଜିଏସ୍‌ୱାଇ ଯୋଜନାରେ ୨୦୧୮ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ମୋଟ ୧୯,୧୭୪.୪୮ କୋଟି ଟଙ୍କା ବ୍ୟୟରେ ୪୬,୯୭୨.୮୨ କିମି ରାସ୍ତା ନିର୍ମାଣ ହୋଇଛି। ଓଡ଼ିଶା ଏପର୍ଯ୍ୟନ୍ତ ୧୯,୮୫୧ଟି ଜନବସତିକୁ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ସବୁଦିନିଆ ରାସ୍ତା ସଂଯୋଗ ଓ ୫୫୫୦ଟି ଜନବସତିର ରାସ୍ତାର ଉନ୍ନତିକରଣ କରାଇବାରେ ସକ୍ଷମ ହୋଇଛି। ତଥାପି ୮୧୩୨ଟି ଜନବସତିକୁ ଏହି ଯୋଜନାରେ ସାମିଲ କରାଯିବା ବାକି ରହିଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ସୂଚନା ମିଳିଛି।

### ସିବିଆଇ ତଦନ୍ତ ...

କେବଳ ମୁଖ୍ୟମନ୍ତ୍ରୀ ଦାୟୀ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖ୍ୟ ମୁଖପାତ୍ର ଶ୍ରୀ ସଜ୍ଜନ ଶର୍ମା କହିଛନ୍ତି। ଶ୍ରୀ ଶର୍ମା କହିଛନ୍ତି ଯେ, କେଉଁ ପରିସ୍ଥିତିରେ ପୁଣି ସେଇ ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟସ ଇଣ୍ଡିଆ ଲିମିଟେଡକୁ କାମ ଦିଆଗଲା ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ପ୍ରଥମ ଥର ଦୁର୍ଘଟଣାକୁ ଅଘଟଣ କୁହାଯାଇପାରେ କିନ୍ତୁ ଏବେ ଯାହା ଘଟିଲା ତାହାକୁ ସଂପୂର୍ଣ୍ଣ ଭାବେ ହତ୍ୟା କୁହାଯିବ । ଶାସକ ବିଜେଡିର ନେତାମାନେ କେତେ ଟଙ୍କା ପିସି ନେଇଛନ୍ତି ଯାହା ଦ୍ୱାରା କି ଏମିତି ନିମ୍ନ ମାନର କାର୍ଯ୍ୟ ହେବା ସହ ବ୍ରିଜ ନିର୍ମାଣରେ ବିଳମ୍ବ ହେଉଛି । ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସୁରକ୍ଷା ଯୋଗାଇବା ପରିବର୍ତ୍ତେ ମୃତ୍ୟୁ ମୁହଁକୁ ଠେଲି ଦେଇ ନିଜର ନେତା ଏବଂ ଠିକାଦାରକୁ ସୁରକ୍ଷା ଯୋଗାଇବା ଅତ୍ୟନ୍ତ ନିନ୍ଦନୀୟ । ଶ୍ରମିକଙ୍କ ଜୀବନକୁ ନେଇ ଠିକାସଂସ୍ଥା ଖେଳୁଥିବାବେଳେ ରାଜ୍ୟସରକାର କାହିଁକି ଚୁପ୍ ବସିଛନ୍ତି ବୋଲି ଶ୍ରୀ ଶର୍ମା ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ବାସିନ୍ଦା ଏବେ ସେହି ବ୍ରିଜ ତଳେ ଯିବାକୁ ଭୟ କରୁଛନ୍ତି। ନିମ୍ନ ମାନର କାମ ହେଉଥିବାରୁ ଆଗକୁ ପୁଣି ଅଘଟଣ ଘଟିବ ବୋଲି ସାଧାରଣ ଜନତା ଆଶଙ୍କା ପ୍ରକାଶ କରୁଛନ୍ତି । ଏହା ସତ୍ୱେ କାହିଁକି ପୂର୍ତ୍ତ ସଚିବ ନଳିନୀ ପ୍ରଧାନଙ୍କ କାର୍ଯ୍ୟକାଳକୁ ବର୍ଷ ପାଇଁ ବୃଦ୍ଧି କରାଗଲା ? ଏହା ପଛରେ କାହାର ସ୍ୱାର୍ଥ ରହିଛି ? ସୋସିଆଲ ମିଡିଆରେ ୧୦୦ କୋଟି ଟଙ୍କା ବିଜେଡିର ପାଣ୍ଠିକୁ ସେ ଦେବେ ବୋଲି କୁଆଡେ ଚର୍ଚ୍ଚା ହେଉଛି ! ଏହି କଥା ଠିକ୍ କି ଭୁଲ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଶର୍ମା କହିଛନ୍ତି। ଓଡିଶାର ଲୋକ କ'ଣ ପୋକ ମାଛି ଠାରୁ ଶସ୍ତା ? କଠିନ ପରିଶ୍ରମ କରି ସେହି ଶ୍ରମିକ ରାଜ୍ୟସରକାରଙ୍କୁ ଟିକସ ଦେଉଛି ଆଉ ଆଶା କରୁଛି ସରକାର ସୁଶାସନ ସହ ସୁରକ୍ଷା ଯୋଗାଇବେ । କିନ୍ତୁ ସରକାର ଏଠି ଠିକାଦାରଙ୍କୁ ପୋଷି ଚାଲିଛନ୍ତି । ବମିଖାଲ ବ୍ରିଜ ୬୦ କୋଟି ଟଙ୍କାର ବଜେଟ ହୋଇଥିବାବେଳେ ବର୍ତ୍ତମାନ ଏହି ବ୍ରିଜର ବଜେଟ ୯୦ କୋଟି ଟଙ୍କାରେ ପହଂଚିଛି । ତେବେ ଏହି ବଜେଟ ବଢିବା ପଛରେ କାହାର ହାତ ରହିଛି ମୁଖ୍ୟମନ୍ତ୍ରୀ କହିବେ କି ? ରାଜ୍ୟରେ କେବଳ "ପିସି ଏବଂ କମିଶନ" ସରକାର ଚାଲିଛି । କେହି ମରିଗଲେ ଏଠି ସରକାରଙ୍କୁ କୌଣସି ଫରକ ପଡେନି । ନିଜର ଦଳୀୟ ନେତା ଓ ତାଙ୍କ ଧନକୁ ସୁରକ୍ଷା ପ୍ରଦାନ କରିବା ଛଡା ମୁଖ୍ୟମନ୍ତ୍ରୀ କିଛି ଜାଣନ୍ତି ନାହିଁ ବୋଲି ଶ୍ରୀ ଶର୍ମା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କୁଆଡେ କଥା ନୁହେଁ କଠିନ ପରିଶ୍ରମ ଉପରେ ବିଶ୍ୱାସ କରନ୍ତି। ତେବେ କିପରି ପରିଶ୍ରମ ହେଉଛି ତାହାର ବାସ୍ତବ ଚିତ୍ର ଆଜି ବମିଖାଲ ବ୍ରିଜର ଅଘଟଣ ବୟାନ କରୁଛି। ବାସ୍ତବରେ ମୁଖ୍ୟମନ୍ତ୍ରୀ କାମର ଗୁଣବତାରେ ବିଶ୍ୱାସ କରନ୍ତି ନାହିଁ । କଠିନ ପରିଶ୍ରମରେ ଧନ ଅର୍ଜନ କରି ରାଜକୋଷକୁ ରାଜସ୍ୱ ଯୋଗାଉଥିବା କରଦାତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଖାମଖିଆଲି ଭାବ ଅତ୍ୟନ୍ତ ଦୁଃଖ ସହ ଆଘାତ ଦେଇଛି। ନିରୁଙ୍କଶ ଶାସନ ଭୋଗ କରୁଥିବା ଶାସକକୁ ଏହା ସାମାନ୍ୟ ଦୁର୍ଘଟଣା ଲାଗୁଥାଇପାରେ କିନ୍ତୁ ଓଡିଶାବାସୀଙ୍କ ପ୍ରତି ଏହା ଚରମ ଉପହାସ ବୋଲି ଶ୍ରୀ ଶର୍ମା କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ଶ୍ରମିକକୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରାଯାଉ। ସେହି କ୍ଷତିପୂରଣ ସରକାରୀ ପାଣ୍ଠିରୁ ନୁହେଁ ସଂପୃକ୍ତ ଠିକାସଂସ୍ଥାରୁ ଆଦାୟ କରାଯାଇ ସଂପୃକ୍ତ ଶ୍ରମିକର ପରିବାରକୁ ପ୍ରଦାନ କରାଯାଉ। ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ସଂପୃକ୍ତ ମୃତ ଶ୍ରମିକ ପରିବାରର ରକ୍ଷଣାବେକ୍ଷଣା ଦାୟୀତ୍ୱ ରାଜ୍ୟସରକାର ବହନ କରନ୍ତୁ ବୋଲି ଶ୍ରୀ ଶର୍ମା ଦାବି କରିଛନ୍ତି। ରାଜ୍ୟରେ ନିର୍ମାଣଧିନ ବହୁ ସେତୁ ଏବଂ ବ୍ରିଜଗୁଡିକ ବାରମ୍ବାର ଭୁଷୁଡିବା ଘଟଣା ନୂଆଁ ନୁହେଁ। ତେଣୁ ଏହି ଘଟଣାର ତଦନ୍ତ ଓଡିଶାର କୌଣସି ତଦନ୍ତକାରୀ ସଂସ୍ଥା ଦ୍ୱାରା ନୁହେଁ ବରଂ ନିରପେକ୍ଷ ତଦନ୍ତକାରୀ ସଂସ୍ଥା ସିବିଆଇକୁ ପ୍ରଦାନ କରାଯାଉ ବୋଲି ଶ୍ରୀ ଶର୍ମା ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମୀୟ ଦାଶ ଓ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଂଜିତ ଦାସ ଏବଂ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ବିଜେପିର ଏକ ସତ୍ୟ ଅନୁସନ୍ଧାନକାରୀ ଦଳ ଘଟଣା ସ୍ଥଳକୁ ଯାଇ ବାସ୍ତବ ସ୍ଥିତି ସଂପର୍କରେ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ବାସିନ୍ଦା ଏହି ଦୁର୍ଘଟଣା ପରେ ଅତ୍ୟନ୍ତ ଭୟଭୀତ ହୋଇ ପଡିଛନ୍ତି। ଠିକା ନେଇଥିବା ସଂସ୍ଥା ପଣ୍ଡା ଇନଫ୍ରା ପ୍ରୋଜେକ୍ଟ ଦ୍ୱାରା ଏହି ନିମ୍ନ ମାନର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯିବା ସହ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସ୍ଥାନୀୟ ବାସିନ୍ଦାମାନେ ଦାବୀ ଜଣାଇଛନ୍ତି। ବାସ୍ତବ ସ୍ଥିତିର ଅନୁଧ୍ୟାନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ କ୍ରମେ ବିଜେପିର ଏହି ପ୍ରତିନିଧି ଦଳ ଲକ୍ଷ୍ମୀସାଗର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ବହୁ ଶୀଘ୍ର ରାଜ୍ୟ ସଭାପତିଙ୍କୁ ଏହି ଘଟଣା ସଂପର୍କରେ ଏକ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅନ୍ୟତମ ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମହାନ୍ତି ସୁଚନା ଦେଇଛନ୍ତି।

# କାଳବୈଶାଖୀରେ ଭାଙ୍ଗିଲା ଘର ଓ ରାଜସ୍ୱ ବଙ୍ଗଳା

**ଭବାନୀପାଟଣା :** ଗତ ଗୁରୁବାର ଦିନ କାଳବୈଶାଖୀର ପ୍ରଭାବରେ କଳାହାଣ୍ଡି ଜିଲାର ଥୁ.ରାମପୁର ଓ କଲମପୁର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଖବର ମିଳିଛି । କାଳ ବୈଶାଖୀର ପ୍ରଭାବରେ କଲମପୁରସ୍ଥିତ ପ୍ରାୟ ୬୦ ବର୍ଷର ପୁରୁଣା ରାଜସ୍ୱ ବଙ୍ଗଳା କୋଠା ଭୁଶୁଡି ପଡିଛି । କଲମପୁର ରାଜସ୍ୱ ନିରୀକ୍ଷକଙ୍କ ପାଇଁ ଥିବା କାର୍ଯ୍ୟାଳୟ କୋଠା ଅତ୍ୟନ୍ତ ବିପଦ ସଙ୍କୁଳ ଥିବାରୁ ଗତ କିଛିବର୍ଷ ହେଲା ରାଜସ୍ୱ ବଙ୍ଗଳାରେ ହିଁ ରାଜସ୍ୱ ନିରୀକ୍ଷକଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ଚାଲୁଥିଲା । ଏହି ରାଜସ୍ୱ ବଙ୍ଗଳା କୋଠାର ଅବସ୍ଥା କିନ୍ତୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନ ଥିବାରୁ ବାଧ ହେଇ ବିପର୍ଯ୍ୟସ୍ତ ଅବସ୍ଥାରେ କାମ ଚାଲିଥିଲା । କୋଠାର ଅବସ୍ଥା ଏପରି ଥିଲାଯେ କେତେବେଳେ ଯେ ଜୀବନ ନଷ୍ଟ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ଏହି କୋଠାର ଅବସ୍ଥା ବିପର୍ଯ୍ୟସ୍ତ ହେଉଥିଲେହେଁ ଏହାର ନିର୍ମାଣ ଦିଗରେ ଗୁରୁତ୍ୱ ନ ଦେବା ଫଳରେ ଏହା ଦିନକୁ ଦିନ ବିପଦସଙ୍କୁଳ ହୋଇଥିଲା । ଗତ ଗୁରୁବାରର କାଳବୈଶାଖୀର ପବନ ଓ ବର୍ଷାରେ ଏହି କୋଠାଟି ଭୁସୁଡି ପଡିଥିଲା । ଏହା ଭାଙ୍ଗିଜିବା ଫଳରେ କାର୍ଯ୍ୟାଳୟରେ ଥିବା ଅନେକ କାଗଜ ପତ୍ର ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି । ସେହି ପରି ଜିଲାର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଲପୁର ପଞ୍ଚାୟତରେ ଗୁରୁବାର କାଳବୈଶାଖୀରେ ୫ଟି ଘର ଭାଙ୍ଗିଥିବା ଜଣାଯାଇଛି । ପ୍ରକାଶ ଯେ ଗୋପାଳପୁର ପଞ୍ଚାୟତ ପାଡେଲଗୁଡା ଗାଁରେ କାଳ ବୈଶାଖୀ ଯୋଗୁଁ ଧୋବେନ ନାଗ, ମାଳି ମାଝୀ, ଲୁଦା ମାଝୀ, ସୁବଳ ମାଝୀ, ପେଟୁ ମାଝୀଙ୍କ ଘର ଭାଙ୍ଗି ଯାଇଛି । ଏହି ପରିବାର ବାସହରା ହୋଇ ପଡିଛନ୍ତି । ବର୍ଷା ଯୋଗୁଁ ଧାନ, ଚାଉଳ, ଟଙ୍କା ପାଇସା ଆଦି ଆସବାବପତ୍ର ନଷ୍ଟ ହୋଇଯାଇଛି । ଏନେଇ ଗୋପାଳପୁର ସରପଞ୍ଚ ପଦ୍ମବତୀ ମାଝୀ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇ ଥିବା ପ୍ରକାଶ । ସେହିଭଳି ଏହି ବ୍ଲକର ବହୁ ଦୁର୍ଗମ ଅଞ୍ଚଳରେ କାଳବୈଶାଖୀର ପ୍ରକୋପ ଦେଖିବାକୁ ମିଳିଛି ପ୍ରଶାସନ ପକ୍ଷରୁ ତରୁନ୍ତ କ୍ଷୟଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ଦେଉଛି ।

# ଶ୍ରମିକ ସଂଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ




**ପାରାଦୀପ :** ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ବନ୍ଦର ନଗରୀ ପାରାଦୀପରେ ଥିବା ବିଭିନ୍ନ ଶ୍ରମିକ ସଂଗଠନ ମାନଙ୍କ ଦ୍ୱାରା ବିଶ୍ୱ ଶ୍ରମିକ ଦିବସ ମହା ଆଡମ୍ବର ସହକାରେ ଗତ ମଙ୍ଗଳବାର ମେ ୧ତାରିଖ ଦିନ ପାଳିତ ହୋଇଯାଇଅଛି । ଏହି ଅବସରରେ ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଜିରୋ ପଏଣ୍ଟ ଠାରେ ଥିବା ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶ୍ରମିକ ସମାବେଶ ଓ ସଭାର ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ମୁନିସିପାଲିଟି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଂଜନ ଦାସ, ଜଗତସିଂହପୁର ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦୀପ୍ତ କୁମାର ଭୂୟାଁ ଓ ସଂପାଦକ ବିଜୟ ଶଙ୍କର ଦାସ, ଶ୍ରମିକ ନେତା ମନିନ୍ଦ୍ର ଗୁରୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂଘର ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ କରିଚାଳନା କରିଥିଲେ । ସେହିପରି ପାରାଦୀପ ଶିଳ୍ପାଞ୍ଚଳ ଯୁବ ବିକାଶ ତରଫରୁ ରଙ୍ଗିଆଗଡସ୍ଥିତ କାର୍ଯ୍ୟାଳୟ ପରିସରରେ ଯୁବ ନେତା ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଚିତାକର୍ଷକ ଶ୍ରମିକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ଶ୍ରମିକ ନେତା ସୌରିବନ୍ଧୁ କର ମୂଖ୍ୟ ଅତିଥି ଓ ବକ୍ତାଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ମହିଳା ଅଧିକାର ଅଭିଯାନର ଉପାଧ୍ୟକ୍ଷ ଡ. ରିନା ରାଉତରାୟ, କବି ଡ. ହୁସେନ ରବି ଗାନ୍ଧୀ, ବରିଷ୍ଠ ଅର୍ଥନିତୀ ସାମ୍ବାଦିକ ଦିଲ୍ଲିପ ଶତପଥୀ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଏଲଜିବିଟି ଅଧିକାର କର୍ମୀ ମିରା ପରିଡା, ବିଶ୍ୱଜିତ ସୁର୍ଯ୍ୟବଂଶ , ଯୁବନେତା ତଥା ସାମ୍ବାଦିକ ଜ୍ଞାନରଂଜନ ସାମନ୍ତରାୟ, ଚଳଚିତ ଓ ଟିଭି ଅଭିନେତ୍ରୀ ଜିନା ସାମଲ, ଯୁବ ପରିବେଶବିତ୍ ଅୟସକାନ୍ତ ରାୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମନୋଜ ଜେନା ସଭା ପରିଚାଳନା କରିଥିବା ବେଳେ ସମାଜସେବୀ ତଥା ଉପଦେଷ୍ଟା ତମିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ଏ ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନର ମୁଖ୍ୟ ଉପଦେଷ୍ଟା ରାକେଶ କୁମାର ପଟ୍ଟନାୟକ ଆୟୋଜିତ କରିଥିବାବେଳେ ସଂଗଠନର ସଭାପତି ମନୋଜ ରାଉତ, ଉପସଭାପତି ରାଜେନ୍ଦ୍ର ବେହେରା, ସଭ୍ୟ ରତିକାନ୍ତ ସାମଲ, ବାପୁ ଶତପଥୀ, ଅଭିନାଶ ରାଉତ ପ୍ରମୁଖ ସହଯୋଗ କରିଥିଲେ।



**Rajani Rath**

Rape is a heinous crime and a reflection of a perverted mindset. The alarming rise of increasing incidences is a matter of genuine concern. The civil society along with the govt is considerably pained to see this gnawing menace throwing challenges to the moral fibres of the society. The govt of the day has tried to find out a solution in incorporating the death penalty into the law with the sole view of instilling fear into the minds of the culprits. I, on my part would welcome it with a humble suggestion of trying such cases in fast track courts for quick dispension of justice.

Thus said, I feel, the degeneration of values in every walks of life is severely impacting the psyche that does not not dither from committing such brutality without remorse. The advent of social media, with all its positivity, is also having its share of negatives. Young minds, having easy access to Internet, are falling a prey to the Porn sites that is taking its toll by disturbing the mental balance. The invasion of western culture is eating into the vitality of our rich family values that is manifesed in such aberrations. The parents, to the bewilderment, have accepted it as signs of modernity. The collective outrage at such gruesome & ghastly act is welcome but the insensitivity to correct the aberrations that results in such shameful incidents can not be condoned for long. Let us not forget -- what the mother sings to the cradle goes all the way down to the grave. I, think, the message for all of us is loud and clear. Either we correct or continue to suffer solely is left to our judgement.

**ରମେଶ ବାରିକ**



କୌଣସି ଅପରାଧକୁ ମୃତ୍ୟୁଦଣ୍ଡ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ହେବନାହିଁ। ତେବେ କିଛି ପରିମାଣରେ ହ୍ରାସ କରିପାରେ। ତେବେ ଧର୍ଷଣ ପରି ଅପରାଧ ଜରେ କାହିଁକି କରେ ତାହାର କାରଣ ଏବଂ ନିରାକରଣ ପ୍ରତି ବିଶେଷ ବିଚାର ଦରକାର। (୧) ଯୌନ ପିପାସୁର ଯୌନକ୍ଷୁଧାର ନିରାକରଣର ଉପାୟ (୨) ପରିମାର୍ଜିତ ଯୌନ ଶିକ୍ଷା (ସ୍କୁଲ)ରେ (୩) ନିଶାଦ୍ରବ୍ୟ ସେବନର ଉଚିତ୍ ବ୍ୟବସ୍ଥା (୪) ସମାଜରୁ କାମୁକତା ହ୍ରାସ ନିମନ୍ତେ ଯଥା ଉଚିତ୍ ପଦକ୍ଷେପ।

**ଗିରିଜା ମିଶ୍ର**

ସାମାଜିକ ପଦ୍ଧତିର ପରିବର୍ତ୍ତନ ତଥା ମାର୍ଜିତ ରୁଚି ସମ୍ପନ୍ନ ସଂସ୍କାର କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁସରଣକୁ ପରିତ୍ୟାଗ ଓ ନିଜ ମାଟି ମା'ର ମୌଳିକ ସଂସ୍କୃତିକୁ ବଜାୟ ରଖିବା ସହିତ ଖାଲି ଆଇନ କରିନଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଇଚ୍ଛାଶକ୍ତି ପ୍ରକାଶ କଲେ ଓ ଦଳମତ ନିର୍ବିଶେଷରେ ସମସ୍ତେ ଏକ ହେବା ସହିତ ପିତା ମାତା ଓ ପରିବାରର ଶାସନ କର୍ତ୍ତା ମର୍ଯ୍ୟାଦା ଓ ଶୃଙ୍ଖଳା ପାଳନ କଲେ ଏ ବ୍ୟାଧିକୁ ରୋକିବା ସହଜ ହେବ।



**ନିନା ଦାସମହାନ୍ତି**

ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ପଶୁତ୍ୱ ଆଚରଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜ୍ଞାନ ଯେତେ ଯେତେ ଉନ୍ନତି କରୁଛି ମନୁଷ୍ୟର ବୁଦ୍ଧିବୃତ୍ତି ସେତିକି ସେତିକି ନିମ୍ନଗାମୀ ହେଉଛି। ଟିଭି, ମୋବାଇଲର ପ୍ରଚାର ପ୍ରସାର ଫଳରେ ସମାଜର ଉନ୍ନତି ପରିବର୍ତ୍ତେ ଅବନତି ହିଁ ଅଧିକ ହେଉଛି। ଦୁଷ୍କର୍ମ ଭଳି ଏକ ସାମାଜିକ ବ୍ୟାଧି ନିମନ୍ତେ ଏକମାତ୍ର ଦଣ୍ଡ ହେଉଛି ମୃତ୍ୟୁଦଣ୍ଡ ମୋ ମତରେ। କାରଣ ମନୁଷ୍ୟ ଅହରହ ବଞ୍ଚିବା ନିମନ୍ତେ ସଂଗ୍ରାମ କରୁଛି। ସେ ବଞ୍ଚିବା ଯଦି ଅନ୍ୟକୁ କ୍ଷତି ପହଞ୍ଚାଉଥାଏ ତାହାହେଲେ ତାକୁ ନିଃଶେଷ କରିଦେବା ଉଚିତ୍।

**ନିବେଦିତା ମହାନ୍ତି**



ଦୁଷ୍କର୍ମ ବ୍ୟାଧିକୁ ମୃତ୍ୟୁଦଣ୍ଡ ଭଳି ଆଇନ କିଛି ମାତ୍ରାରେ ରୋକିପାରିବ। କିନ୍ତୁ ସମ୍ପୂର୍ଣ୍ଣ ରୂପେ ଅବସାନ ଘଟିବନି। ଏଥିପାଇଁ କୁତ୍ସିତ ମାନସିକତାର ପରିବର୍ତ୍ତନ ହେବା ଉଚିତ କାହିଁକି ନା ଏହି ବ୍ୟାଧିରୁ ନିଷ୍ପାପ ଶିଶୁକନ୍ୟାରୁ ଆରମ୍ଭ କରି ନିରୀହ ବୟସ୍କା ମହିଳା ପର୍ଯ୍ୟନ୍ତ କେହି ବାଦ ପଡୁନାହାନ୍ତି।

**ଅନିମା ପଟ୍ଟନାୟକ**

ମୁଁ ଭାବୁଛି ଏ ସମସ୍ୟାର ସମାଧାନ ସହଜେ ହେବନି। ଏ ସମାଜ ଆଜି କଂସାରି ଘରର ପାରା ସାଜିଛି। କିଛିବି ଆର୍ତ୍ତନାଦ ତା'ର କାନରେ ପଡେନା। କିନ୍ତୁ ଶକ୍ତ ପ୍ରଶାସନିକ, ଆଇନ କାନୁନ୍, ଯଥା – ମୃତ୍ୟୁଦଣ୍ଡ ବା ଫାଶୀ ଦଣ୍ଡ ଯଦି ପ୍ରଣୋଦିତ କରାଯାଏ ଏବଂ କିଛି ଜାଗାରେ ପ୍ରୟୋଗ କରାଯାଏ, ତା'ହେଲେ ନିଶ୍ଚିତ ୯୦% ଲୋକ ଆୟତ୍ତକୁ ଆସିବେ। ଏପରି ଦୁର୍ବଳ ମାନସିକତାକୁ ଅନେକାଂଶରେ ରୋକାଯାଇପାରିବ। ମୁଁ ବି ଝିଅର ମାଆ। ମୁଁ ବିଶେଷ ମର୍ମାହତ। ବିଶେଷ ଅନୁରୋଧ ଦୋଷୀକୁ ଫାଶୀ ବା ମୃତ୍ୟୁ ଦଣ୍ଡ ଦିଆଯାଉ। ଯେତେ ଉଚ୍ଚ ପଦବୀରେ ଥାଉ ନା କାହିଁକି। ନହେଲେ ଦେଶ ଅଚିରେ ଭୀରୁତା ଆଡକୁ ଗତି କରିବ। ଭାରତ ମାତର ଜୟ କହିବାକୁ ଘୃଣା ଲାଗିବ। ବନ୍ଦେ ମାତରମ୍।

**ହରିବଲ୍ଲଭ ମିଶ୍ର**

କେବଳ ଆଇନ ପ୍ରଣୟନ ଦ୍ୱାରା ରୋକାଯାଇ ପାରିବନି। ଆଇନର ସଠିକ୍ କାର୍ଯ୍ୟକାରିତା ଉପରେ ଏହାର ଫଳାଫଳ ନିର୍ଭର କରେ। ସେଥିପାଇଁ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ୨/୩ ମାସ ମଧ୍ୟରେ କେଶ୍ ଗୁଡିକର ବିଚାର ସାରି ଦଣ୍ଡବିଧାନ କରାଗଲେ ସମାଜ ଉପରେ ତାହାର ପ୍ରଭାବ ପଡିବ ଏହା ବ୍ୟତୀତ ବିଦ୍ୟାଳୟ ସ୍ତରରୁ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ବର୍ତ୍ତମାନର ଶିକ୍ଷାନୀତି ତ୍ରୁଟିପୂର୍ଣ୍ଣ, ତହିଁରେ ନୈତିକ ଶିକ୍ଷା ଆଦୌ ନାହିଁ। ଛୋଟ ବେଳୁ ପିଲାର ଶିକ୍ଷକ କି ସମାଜ ପ୍ରତି ଭୟ ରହୁନାହିଁ। ତେଣୁ ଶହଶହ ପଶୁ ମନୋବୃତ୍ତି ସମ୍ପନ୍ନ ଅସାମାଜିକମାନଙ୍କ ଜନ୍ମ ହେଉଛି। ଶିକ୍ଷା ନୀତିରେ ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ। ହରିଶ୍ଚନ୍ଦ୍ର, ଶ୍ରବଣକୁମାର, ଆରଣୀ ଆଦି ଶିକ୍ଷଣୀୟ ଜୀବନୀ ପଢ଼ାଯାଉ ଯାହାକି ଛୋଟବେଳୁ ଶିଶୁର ମାନସିକତା ଉପରେ ଗଭୀର ରେଖାପାତ କରିବା ସଙ୍ଗେ ସଙ୍ଗେ ତା'ର ନୈତିକତା ଓ ବିବେକକୁ ଜାଗ୍ରତ କରିବ ଆଉ ଏଭଳି ପାଶବିକ କର୍ମ ଓ ଅନ୍ୟାନ୍ୟ ଅପରାଧ ସଂଖ୍ୟା ସମାଜରୁ ନିଶ୍ଚିତ କମି ପାରିବ।

**ସୁଶାନ୍ତ ଜେନା**



ଖାଲି ନିୟମ କରିଲେ ହେବନାହିଁ, ନିୟମ କରିବା ଏବଂ ନ୍ୟାୟ ପାଇବା ମଧ୍ୟରେ ଦୂରତାକୁ କମାଇବା ନିହାତି ଦରକାର। ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସ୍ୱଳ୍ପ ସମୟ ମଧ୍ୟରେ ନିହାତି ଆବଶ୍ୟକ।

**ରମାକାନ୍ତ ପରିଡା**

ମୋ ମତରେ ଏଭଳି ଘୃଣ୍ୟ କାର୍ଯ୍ୟ କରୁଥିବା ନରରାକ୍ଷସ ମାନଙ୍କ ଲାଗି ଆରବୀୟ କାନୁନ୍ ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍। ଅବଶ୍ୟ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି କାନୁନ୍ ଲାଗୁ କରିବା ଟିକେ କଷ୍ଟକର କିନ୍ତୁ ପରିସ୍ଥିତିକୁ ନିରେଖି ଦେଖିଲେ ଏହା ଅନିବାର୍ଯ୍ୟ।

**ଅସିତ କୁମାର ଘୋଷାଲ**



କେବଳ ଆଇନ ପ୍ରଣୟନ କରିଦେଲେ କି ଦଣ୍ଡବିଧାନ କରିଦେଲେ ଯେ ଏ ସମସ୍ୟାର ସମାଧାନ ହୋଇଯିବ, ଏହା ଠିକ୍ ନୁହେଁ। କାରଣ ଆଇନ୍‌ର ଗଳା ବାଟରେ ପ୍ରକୃତ ଦୋଷୀ ଖସିଯାଉଛି କିମ୍ବା ଦୋଷୀ ଜଣକ କୌଣସି ଏକ ରାଜନୈତିକ ଦଳରେ ଆଶ୍ରିତ ହେଉଛି। ଫଳରେ ଏଭଳି ଏକ ଜଘନ୍ୟ ଓ ଅମାନବୀୟ ଘଟଣାକୁ ରାଜନୈତିକ ଚିତ୍ରରେ ଚିତ୍ରଣ କରାଯାଉଛି। ଏହି ସମସ୍ତ ଘଟଣା ପାଇଁ ପ୍ରକୃତରେ କେବଳ ଆମ୍ଭେମାନେ ଦାୟୀ, ଆମର ମାନସିକତା ଦାୟୀ, ଆମର ସମାଜ ଦାୟୀ। କାରଣ ଆମେ ପାଶ୍ଚାତ୍ୟ ସଭ୍ୟତାକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିନାହୁଁ ଏବଂ ଆମର ସଂସ୍କୃତି ଓ ପରମ୍ପରାକୁ ଧରି ରଖିପାରିନାହୁଁ। ଫଳରେ ଆମେ ଦୁଇ ନାଆରେ ଗୋଡ ରଖି ନଈପାର ହେବାକୁ ଚେଷ୍ଟା କରୁଛେ। କିନ୍ତୁ ଏହା କ'ଣ ସମ୍ଭବ? ପରନ୍ତୁ ଏହିଭଳି ଭୟଙ୍କର ପରିଣାମ ଆମକୁ ସାମ୍ନା କରିବାକୁ ବାଧ୍ୟ କରାଇଛି। ତେଣୁ ପ୍ରଥମେ ଆମର ମାନସିକତା ପରିବର୍ତ୍ତନ କରିବା ଆବଶ୍ୟକ।

**ରୋଜି ଏସ୍‌ଜେ**

ଆଇନ କିଛି କରିପାରିବନି କେବଳ ମାନସିକତା ବଦଳିବାର ଅଛି।

**ତପସ୍ୱିନୀ ପୃଷ୍ଟି**



ଯେ ପର୍ଯ୍ୟନ୍ତ ଆମ ସମାଜରେ ଥିବା ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ନ ହୋଇଛି ସେ ପର୍ଯ୍ୟନ୍ତ ଦୁଷ୍କର୍ମ ବ୍ୟାଧିକୁ ରୋକାଯାଇପାରିବ ନାହିଁ। ତଥାପି ଆଇନ କିଛିମାତ୍ରାରେ ରୋକିପାରିବ।



**Sadhana Mishra**

**Social Welfare Officer, KISS**

Please stop this... Please keep change and stop this type of activities. Let's come together and fight for this.

**ସ୍ୱର୍ଣ୍ଣଲତା ଲେଙ୍କା**



ପକ୍‌ସୋ ଆଇନ୍ ସ୍ୱାଗତଯୋଗ୍ୟ। ଏହାକୁ ସମସ୍ତେ ମାନିନେବା ଦରକାର। ଦୋଷୀ ଦଣ୍ଡ ପାଇବା ଉଚିତ୍। ଦୁଷ୍କର୍ମ ବ୍ୟାଧି ଏକ ସାମାଜିକ ଅପରାଧ। ଘୃଣ୍ୟ ଚିନ୍ତାଧାରା। ଦୁର୍ବଳ ମାନସିକତା। ମାନବିକତାର ଲୋପ୍। ଖାଲି ଆଇନ୍ କାନୁନ୍ ଏହାକୁ ରୋକିପାରିବ ନାହିଁ। ଗ୍ରାମ ଠୁ ସହର ସବୁ ଜନତା ଜାଗ୍ରତ ହୋଇ ଏହାର ପ୍ରତିରୋଧ କରନ୍ତୁ। ପରିବାର, ଅନୁଷ୍ଠାନ, ସମାଜ ସମସ୍ତେ ଏ ବିଷୟରେ ଗୁରୁତ୍ୱ ଦେବା ଦରକାର। ଦୁର୍ବଳ ମାନସିକତାର ପରିବର୍ତ୍ତନ କରିବାକୁ ହେଲେ ଲୋକ ମାନଙ୍କୁ ବୁଝାଇବା ପାଇଁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଯଥେଷ୍ଟ ହେବା ଦରକାର।

**ଅକ୍ଷୟ କୁମାର ଜେନା**



ପ୍ରଥମେ ଏ ପ୍ରକାର କାର୍ଯ୍ୟ କେବଳ ଜଣେ ମାନସିକ ଏବଂ ଯୌନ ବିକାରଗ୍ରସ୍ତ ହିଁ କରିପାରେ। ଆଇନ କିଛି ମାତ୍ରାରେ ସହାୟକ ହୋଇପାରେ, ଯଦି ବିଚାର ପ୍ରକ୍ରିୟାକୁ ସୀମିତ ସମୟ ମଧ୍ୟରେ ସାରି ଦୋଷୀକୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଏ। (ବିନା ରାଜନୈତିକ ହସ୍ତକ୍ଷେପରେ)।

# କେନ୍ଦ୍ର ଜାହାଜଚଳାଚଳ ସଚିବଙ୍କ ଦିନିକିଆ ପାରାଦୀପ ବନ୍ଦର ପରିଦର୍ଶନ

**ପାରାଦୀପ :** ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଗୋପଳକିଷ୍ଣା (ଆଇଏଏସ୍) ପାରାଦୀପ ବନ୍ଦରକୁ ଦିନିକିଆ ଗ୍ରସ୍ତରେ ଆସିଛନ୍ତି। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏଙ୍କ ସମେତ ବନ୍ଦର ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଶ୍ରୀ କିଷ୍ଟାଙ୍କୁ ସ୍ୱାଗତ କରି ବନ୍ଦରର ସାମ୍ପ୍ରତିକ ପ୍ରକଳ୍ପ ଓ ଏହାର ଅଗ୍ରଗତି ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ବୁଝାଇଥିଲେ। ବନ୍ଦରର ବୋଡ ରୁମରେ ଏକ ସମିକ୍ଷା ବୈଠକରେ ସଚିବ ଶ୍ରୀ କିଷ୍ଟା ବନ୍ଦରର ଅଗ୍ରଗତି ଓ ଏହାର କାର୍ଯ୍ୟଦକ୍ଷତା ବିଷୟରେ ବୁଝି ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ। ବନ୍ଦରର ଅଗ୍ରଗତି, ସମ୍ପ୍ରସାରଣ ଓ ଗତ ଆର୍ଥିକ ବର୍ଷ ୨୦୧୭ରରେ ୧୦୦ ମିଲିୟନ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ ପଣ୍ୟ କାରବାର କରି ଏକ ବିରଳ ରେକଡ ସୃଷ୍ଟି କରିଥିବାରୁ ଶ୍ରୀ କିଷ୍ଟା ବନ୍ଦର ଅଧ୍ୟକ୍ଷ ଶ୍ରୀ ରିଙ୍କେଶ ରଏ ଓ ତାଙ୍କ ସହଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଜିର ଏହି ପରିଦର୍ଶନ ସମୟରେ ଗୋପାଳ କ୍ରିଷ୍ଣା ବନ୍ଦର ବ୍ୟବହାରକାରୀ ସଂସ୍ଥାର ପ୍ରତିନିଧି ମାନଙ୍କ ସହିତ ମିଶିଥିଲେ। ଏବଂ ଏହାପରେ ସେ ବନ୍ଦର ସହର ପରିକ୍ରମା କରିଥିଲେ।




# କେବଳ କାଗଜ କଲମରେ ଚାଲିଛି ପଲିଥିନ ନିଷେଧ ଆଇନ

**ଖୋରଧା :** ପଲିଥିନ ବ୍ୟବହାର ଦିନକୁ ଦିନ ବଢି ଚାଲିଥିବା ବେଳେ ପଲିଥିନକୁ ନେଇ ସମସ୍ୟା ବଢି ଚାଲିଛି। ଯାହା ଫଳରେ ଆବର୍ଜନା ଓ ପରିମଳ ବ୍ୟବସ୍ଥା ଠିକ୍ ଭାବରେ ହୋଇପାରୁ ନାହିଁ। ଜନ ସାଧାରଣ ସଚେତନ ହୋଇ ନଥିବା ବେଳେ ବ୍ୟବସାୟୀମାନେ ମଧ ସଚେତନ ନୁହଁନ୍ତି। ଯାହା ଫଳରେ ପଲିଥିନ ବ୍ୟବହାର କମିବା ପରିବର୍ତ୍ତେ ବଢି ଚାଲିଛି। ପଲିଥିନ ପ୍ରଦୂଷଣକୁ ରୋକିବା ପାଇଁ ୨୦୦୨ ମସିହାରେ ଏକ ମାମଲା ହାଇକୋର୍ଟରେ ଦାୟର ହୋଇଥିଲା ଏବଂ ମାନ୍ୟବର ହାଇକୋର୍ଟ ପଲିଥିନ ବ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ଠାରୁ ପଲିଥିନ ବ୍ୟାନ ନିମନ୍ତେ ରାଜ୍ୟର ପ୍ରମୁଖ ସହରରେ କଟକଣା ହୋଇଥିଲା। କିନ୍ତୁ ତାହା ସଫଳ ହୋଇ ପାରି ନଥିଲା। ରାଜ୍ୟର ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନରେ ବହୁଳ ଭାବରେ ପଲିଥିନ ବ୍ୟବହାର କରାଯାଉଥିବା ବେଳେ ଲୋକମାନେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ନେବା ଆଣିବା ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ପଲିଥିନରେ ନେବା ଆଣିବା କରୁଛନ୍ତି। ଯାହା ଦ୍ୱାରା ପଲିଥିନର ବହୁଳ ବ୍ୟବହାର ହେବା ସହ ପରିବେଶ ଦୂଷିତ ହେଉଛି ବୋଲି ପରିବେଶ ବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ନିର୍ଦ୍ଦିଷ୍ଟ ୨୦ ମାଇକ୍ରୋରୁ ଅଧିକ ପଲିଥିନ ବ୍ୟବହାର କରିବା ପାଇଁ ନିୟମ କରିଥିବା ବେଳେ ଏହା ବ୍ୟବହାର କରାଯାଉ ନାହିଁ। ପଲିଥିନ ଗୁଡ଼ିକ ମାଟିରେ ମିଶି ପାରୁ ନାହିଁ। ପରିବେଶ ଦୂଷିତ ହେଉଛି। ପଲିଥିନ ଗୁଡ଼ିକ ନଷ୍ଟ କରିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟାକଟେରିଆ ସୃଷ୍ଟି ହୋଇ ନାହାଁନ୍ତି। ଯାହା ଫଳରେ ପଲିଥିନ ଗୁଡ଼ିକ ବର୍ଷ ବର୍ଷ ଧରି ପଡ଼ି ରହୁଛି। ପଲିଥିନ ଗୁଡ଼ିକୁ ନିଆଁରେ ପୋଡ଼ିଲେ ସେଥିରୁ ଯେଉଁ ଧୂଆଁ ବା ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହେଉଛି ତାହା ଦ୍ୱାରା କ୍ୟାନସର ପରି ମାରତ୍ମକ ରୋଗର ଜୀବାଣୁ ସୃଷ୍ଟି ହେଉଛି ବୋଲି ପରିବେଶବିତ୍ ମାନେ ମତ ବ୍ୟକ୍ତ କରିଛନ୍ତି। ତେଣୁ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବରେ ନିଷେଧ କରାଯିବା ଉଚିତ୍ ବୋଲି ସାଧାରଣରେ ଦାବୀ ହେଉଛି।

# ଆତଙ୍କ ଖେଳାଉଛନ୍ତି ମୁଣ୍ଡିଆମାଫିଆ

**ଖୋରଧା :** ତହସିଲ ଅଧିନସ୍ଥ କାଇପଦର ମୌଜା ଶଙ୍ଖାରି ମୁଣ୍ଡିଆରେ ଖଣି ମାଫିଆଙ୍କ ଆତଙ୍କରାଜ ଚାଲିଛି। ଗତକାଲି ସନ୍ଧ୍ୟାରେ ବ୍ଲାଷ୍ଟିଂ ହେବା ସମୟରେ ପାହାଡ଼ ପାଖରେ ଥିବା ଜମିରେ ବ୍ଲାଷ୍ଟିଂ ପଥର ଖଣ୍ଡ ପଡ଼ି ଚାଷୀ ଚାଷ କରିବାରେ ଅସୁବିଧାର ସମ୍ମୁଖୀନ ହେବାରୁ ଚାଷୀମାନେ ଉକ୍ତ ଖଣି ମାଫିଆଙ୍କୁ ଗତକାଲି ସନ୍ଧ୍ୟାରେ ବିରୋଧ କରିଥିଲେ। ବିରୋଧ କରିବା ସମୟରେ ଉକ୍ତ ଖଣିମାଫିଆ କିଛି ମୁଷ୍ଟିମେୟ ଗୁଣ୍ଡାଙ୍କ ସହାୟତରେ ଉକ୍ତ ଜମି ମାଲିକଙ୍କୁ ଗାଳି ଗୁଲଜ କରିବା ସହିତ ଆମ୍ଭେ ମୁଣ୍ଡିଆ କାମ କରୁଛୁ ଓ କରିବୁ ବୋଲି ଧମକ ଦେବା ସହିତ ତୁମ୍ଭର ଯଦି କୌଣସି କ୍ଷତି ହେଉଛି ତେବେ ଆମ୍ଭେ କ୍ଷତି ପୂରଣ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି କହିଥିବା ପ୍ରକାଶ। କିନ୍ତୁ ଜମିମାଲିକ ଏହାକୁ ଘୋର ବିରୋଧ କରିବା ସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କହିବାରୁ ଖଣି ମାଫିଆମାନେ ଉତ୍ୟକ୍ତ ହୋଇ ମାଡ଼ ମାରିବାକୁ ପଛେଇ ନଥିଲେ। ଏହା ଶୁଣିବା ପରେ କାଇପଦର ଗ୍ରାମର ୫୦ ରୁ ୧୦୦ ବ୍ୟକ୍ତି ଶଙ୍ଖାରି ମୁଣ୍ଡିଆ ନିକଟକୁ ଆସି ଘୋର ବିରୋଧ କରିବା ସହିତ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପାଇଲା ପରେ ଉପଜିଲ୍ଲାପାଳ ସଂପୃକ୍ତ ଅଞ୍ଚଳକୁ ଗ୍ରସ୍ତ କରି ଘଟଣାଟିର ପୁଙ୍ଖାନୁ ପୁଙ୍ଖ ଭାବରେ ତଦନ୍ତ କରି ଉକ୍ତ ବେଆଇନ ଖଣିଟିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ସେହି ମୌଜାରେ ଥିବା ଅନ୍ୟ ଏକ ଖଣିକୁ ନେଇ ସେହି ଗ୍ରାମର ଦୁଇ ଭାଇଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଏହାର ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ସେହି ଭଳି ଭାବରେ ଶଙ୍ଖାରି ଖଣିକୁ ନିଲାମ କରାଯାଇନଥିବା ବେଳେ କିଛି ମୁଷ୍ଟିମେୟ ଗୁଣ୍ଡା ଜଟଣୀ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ଅଞ୍ଚଳରୁ ଆସି ଏଠାରେ ଜୋରଜବରଦସ୍ତ ଖଣିରୁ ଖନନ କରି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟୁଥିବା ବେଳେ ପୋଲିସ ପ୍ରଶାସନ ଜାଣି ନ ଜାଣିଲା ପରି ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କିତ ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହେଲେ ମଧ୍ୟ ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛନ୍ତି। ଏହି ଭଳି ଭାବରେ ତାପଙ୍ଗ ମୌଜାରେ କଳିଙ୍ଗ, ଟାଙ୍ଗୁରୀ, ବଡ଼ଶାଉଁଳି, କାଇପଦର ମୌଜାରେ ଧୋବି, ଶଙ୍ଖାରି, ଟାଙ୍ଗେଣି, ଧନିଆ ଆଦି ଖଣି ଗୁଡ଼ିକ ନିଲାମ ନ ହୋଇ ଥିବାରେ ଜୋର ଜବରଦସ୍ତ ଖଣି ମାଫିଆମାନେ ଚୋରି କରି ଖାଉଥିବା ବେଳେ ଏଠାରେ ମୋଟା ଅଙ୍କର କାରବାର ହେଉଥିବା ଏବଂ କେତେକ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ବିଶେଷ ସମ୍ପୃକ୍ତି ଥିବାରୁ ଜିଲ୍ଲାପ୍ରଶାସନ ତଥା ପୁଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପଛ ଘୁଞ୍ଚା ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହା ଆଗକୁ ଉଗ୍ର ରୂପ ଧାରଣ କରିବା ସହିତ ଭବିଷ୍ୟତରେ ବଡ଼ ଧରଣ ଅଘଟଣ ଘଟିବାର ସମ୍ଭାବନା ରହିଥିବାର ଆଶଙ୍କା ଅଛି।

# ମୁର୍ମୂଷୁ ଅବସ୍ଥାରେ ମହିଳା ଉଦ୍ଧାର

**ଜଗତସିଂହପୁର :** ଗତ ମଙ୍ଗଳବାର ତାରପୁର ନାରାୟଣୀ ମନ୍ଦିର ନିକଟସ୍ଥ ମହାନଦୀ କୂଳରୁ ମୁର୍ମୂଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଜନୈକା ମହିଳା ଏବେ କଟକ ବଡ ମେଡିକାଲରେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଖବର ନେବାରେ ଜଣାଯାଇଛି ଯେ ଗତକାଲି ସକାଳୁ ସକାଳୁ ଖବର ମିଳିଲା ଜଣେ ମହିଳା ତାରପୁର ନାରାୟଣୀ ମନ୍ଦିର ମହାନଦୀ କୂଳ ନିକଟରେ ଅଚେତ ଅବସ୍ଥାରେ ପଡିରହିଛି ଏବଂ ନିକଟରେ ଜଣେ ଶିଶୁକନ୍ୟା ବସି କାନ୍ଦୁଛି। ତତ୍‌କ୍ଷଣାତ୍ ଖବର ପାଇ ରଘୁନାଥପୁର ଥାନାର ଏସଆଇ ମୋହନ କଅଁର, ଏଏସଆଇ ନିମାଇଁ ଚରଣ ରାଉତ୍, ଏପିଆର ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ମହିଳା ଓ ଶିଶୁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଗତସିଂହପୁରକୁ ପଠାଇଥିଲେ। ସେଠରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ମହିଳାଙ୍କୁ



କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଘଟଣାର ସଂପର୍କରେ ଅଧିକ ଜାଣିବା ପାଇଁ ରଘୁନାଥପୁର ଆଇଆଇସି ରଂଜନ କୁମାର ମଲ୍ଲିକ୍ କଟକ ମେଡିକାଲରେ ପହଞ୍ଚିଥିଲେ। କିଶୋରନଗର ଥାନା ତଥା ମାହାଲହାଟ 'ାଣ୍ଡି ଅଧିନ ପିଁପୁର ଗ୍ରାମର ଶିଶିର ମହାନ୍ତିଙ୍କ ସ୍ତ୍ରୀ ସ୍ୱପ୍ନା ମହାନ୍ତି(୩୨) ବୋଲି ଜଣାପଡିଥିଲା ତେବେ ମହିଳା ଜଣକ କନିଆର ମଞ୍ଜି ବିଷ ଖାଇ ଥିବା ପୋଲିସ ସୂଚନା ଦେଇଛି। ବର୍ତ୍ତମାନ ମହିଳା ଜଣକ କଟକ ବଡ ମେଡିକାରେ ଚିକିତ୍ସାଧିନ ଅଛନ୍ତି। ସେହିପରି କିଛିଦିନ ପୂର୍ବେ ଏହି କିଶୋରନଗର ଥାନା ଅଧିନ ମାହାଳାହାଟ 'ାଣ୍ଡି ଅନ୍ତର୍ଗତ ମୁଗୁରିଆ(ଧାରିବିଲ) ଅଞ୍ଚଳର ନରେନ୍ଦ୍ର ମଲ୍ଲଙ୍କ ସ୍ତ୍ରୀ ଜୟନ୍ତୀ ନାୟକ(୨୭) ପରିବାରର ଅତ୍ୟାଚାର ସହି ନପାରି ରେଳ ଆଗରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କଲାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରଘୁନାଥପୁର ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଘରକୁ ପଠାଇବାକୁ ଚେଷ୍ଟା କରି ବି'ଳ ହୋଇଥିଲା। ପରେ ରଘୁନାଥପୁର ପୋଲିସ ସାହାଯ୍ୟରେ ତାଙ୍କୁ କଟକସ୍ଥିତ "ବସୁନ୍ଧରା" ରେ ଭର୍ତ୍ତି କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ମହିଳା ସେଠାରେ ଜୀବନ ବିତାଉଛନ୍ତି।

# ଏଟିଏମ୍ ଖାଲି; ବାହାରୁନି ଟଙ୍କା

**ସୁବର୍ଣ୍ଣପୁର :** ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏଟିଏମ୍‌ରୁ ଆଜକୁ ଦୀର୍ଘ ଦିନ ହେଲା ଟଙ୍କା ବାହାରୁନାହିଁ। ଅଧିକାଂଶ ଏଟିଏମ୍‌ର ସଟର ପକାଇ ତାଲା ଦିଆଯାଇଛି। ଏଟିଏମ୍ କାର୍ଡଧାରୀମାନେ ଟଙ୍କା ଉଠାଣ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବିବାହ ଋତୁ ଚାଲିଥିବା ବେଳେ ଟଙ୍କା ନେଣଦେଣ ନେଇ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆକାଉଣ୍ଟରେ ଲୋକଙ୍କର ଟଙ୍କା ଅଛି ହେଲେ ପକେଟ୍ ଖାଲି। ଟଙ୍କା କାଢ଼ିବା ପାଇଁ ଲୋକେ ଏ ଏଟିଏମ୍‌ରୁ ସେ ଏଟିଏମ୍ ଦୌଡୁଥିବା ଦେଖାଯାଉଛି। ହେଲେ ନିରାଶ ହୋଇ ଫେରୁଥିବା ଲକ୍ଷ୍ୟ କରାଯାଉଛି। ଏଟିଏମ୍ ଚଳୁନଥିବାରୁ ବ୍ୟାଙ୍କ ମାନଙ୍କରେ ଗ୍ରାହକଙ୍କ ପ୍ରବଳ ଭିଡ ଲାଗି ରହୁଛି। ବ୍ୟାଙ୍କ କାଉଣ୍ଟରରେ ଗ୍ରାହକଙ୍କ ଲମ୍ବା ଲାଇନ ଯୋଗୁଁ ଘଣ୍ଟା ଘଣ୍ଟା ଲାଇନ୍‌ରେ ଛିଡା ହେବାକୁ ପଡୁଛି। ବେଳେ ବେଳେ ବ୍ୟାଙ୍କ ଲିଙ୍କ ଫେଲ୍ ଯୋଗୁଁ ଗ୍ରାହକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିଏମ୍ ବନ୍ଦର ପ୍ରଭାବରେ ସୁବର୍ଣ୍ଣପୁର ଜିଲ୍ଲା ସାରା ବ୍ୟବସାୟରେ ମାନ୍ଦା ଅବସ୍ଥା ଦେଖା ଦେଇଛି।

# ୧୫ଦିନ ମଧ୍ୟରେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ନହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

**ତେନ୍ତୁଳିଖୁଣ୍ଟି :** ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ଇନ୍ଦ୍ରାବତୀ ପ୍ରକଳ୍ପ ପ୍ରଶାସନକୁ ୨୫ ଏପ୍ରିଲ ପର୍ଯ୍ୟନ୍ତ ସମୟ ଦେଇଥିଲେ, କିନ୍ତୁ ତାହା ପୂରଣ ନ ହେବାରୁ ପୁଣିଥରେ ୧୫ଦିନ ସମୟ ଦେଇ ଆନ୍ଦୋଳନକୁ ଘୁଞ୍ଚାଇ ଦେଇଛନ୍ତି। ଯଦି ଦାବି ମୁତାବକ ଗତ ୬ରୁ ୮ ତାରିଖ ତିନିଦିନ ମଧ୍ୟରେ ପ୍ରକଳ୍ପ ମୁଖ୍ୟ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ କଂଗ୍ରେସ ଦଳ ଧାରଣାରେ ବସିଥିଲା। ତିନିଦିନ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ କରୁଣାକର ରାଇକାଙ୍କ ମଧ୍ୟସ୍ଥତାରେ ପ୍ରକଳ୍ପ ପ୍ରଶାସନ ଓ ଡିଜିଏମ୍ ଫାଇନାନ୍ସ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସମସ୍ତ ଦାବି ପୂରଣ ପାଇଁ ପ୍ରକଳ୍ପ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ରାଜି ହୋଇଥିଲେ। କିନ୍ତୁ ୩୦ ଏପ୍ରିଲ ସୁଦ୍ଧା ମଧ ସେହି ୧୫ଟି ନଳକୂପ ପରଜା ବାରେଙ୍ଗପଦର ଗ୍ରାମ ପଞ୍ଚାୟତରେ ଜଳ ଯୋଗାଣ ଓ ପରିମଳ ବିଭାଗ ଦାୟିତ୍ୱ ନେଇ ହାତଗଣତି କେତୋଟି କାମ କରିଦେଇ ଚୁପ୍ ରହିଛି। ସେହିପରି ସେହିଦିନ ଡିଜିଏମ୍ ଆରଏସି ନିଷ୍ପତ୍ତି ପ୍ରକାରେ ସେହି ୪୯ଟି ଟ୍ୟୁବ୍‌ୱେଲ ସହ ୩୦ଟି ନଳକୂପ ପରଜା ବାରଙ୍ଗ ପଦର ଜିପିରେ ଖୋଳିବା ପାଇଁ ରାଜି ହୋଇଥିଲା। ତାହା ସହିତ ୮୪ଟି ବୋରୱେଲ ପାଇଁ ଉଠା ଜଳସେଚନ ନିଗମକୁ ଅର୍ଥ ପ୍ରଦାନ କରିବାକୁ ରାଜି ହୋଇଥିଲେ। ସେହିପରି ବିସ୍ଥାପିତ ପରିବାରକୁ ୮ ଡିସିମିଲ ଘରଡିହ ପଟ୍ଟା, ସେମାନେ କିଣିଥିବା ଜମିର ପଟ୍ଟା ଖର୍ଚ୍ଚ ପ୍ରକଳ୍ପ ବହନ କରିବା, ପ୍ରକଳ୍ପର ୧୦କିମି ପରିଧି ମଧ୍ୟରେ ବାସ କରୁଥିବା ବିସ୍ଥାପିତ ପରିବାରକୁ ମାଗଣାରେ ବିଦ୍ୟୁତ୍ ଯୋଗାଇବା, ଇନ୍ଦ୍ରାବତୀରେ ଶୌଚାଳୟ, ଶବ ବ୍ୟବଚ୍ଛେଦ ଗୃହ ପାଇଁ ପ୍ରକଳ୍ପ ପାଣି ଯୋଗାଇବା, ପ୍ରକଳ୍ପ ଡାକ୍ତରଖାନାର ଢାଞ୍ଚା ପରିବର୍ତ୍ତନ କରି ମାଗଣାରେ ସରକାରୀ ସୁବିଧା ଯୋଗାଇଦେବା ଓ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବା, ମହାବିଦ୍ୟାଳୟ, ଉଚ୍ଚବିଦ୍ୟାଳୟକୁ ହସ୍ତାନ୍ତର କରିବା, ଇନ୍ଦ୍ରାବତୀ-ମୁଖିଗୁଡା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ଆଦି ଦାବିକୁ ସେହିଦିନ ମାନି ନେଇଥିଲେ, କିନ୍ତୁ ୨୬ ତାରିଖ ସୁଦ୍ଧା ଥିବା ସତ୍ତ୍ୱେ ମାସ ପୁରିବାକୁ ବସିଲା, କିନ୍ତୁ ଧର୍ମକୁ ଆଖିଠାର ସଦୃଶ୍ୟ କେତୋଟି ନଳକୂପ ଖୋଳି ଦେଇ ପଡି ରହିଥିବା ଦେଖାଯାଇଛି। କିନ୍ତୁ ପୁଣିଥରେ ୧୫ଦିନ ସମୟ କଂଗ୍ରେସ ଦଳ ତରଫରୁ ଦିଆଯାଇଛି। ଏଥିରେ ଜିଲ୍ଲା ସଭାପତି ମୁନା ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇ ଆଜି ପର୍ଯ୍ୟନ୍ତ କାହିଁକି ହୋଇନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହି ସମୟ କଂଗ୍ରେସ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ସଦନ ନାୟକ, ଅଖିଳ ଉତ୍ରା, ପି ମାଗା ରତନ ମା, ଭୀମସେନ ପାଣିଗ୍ରାହୀ, ବୀରୀଜ ପଟ୍ଟନାୟକଙ୍କ ସହ ବହୁ ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ।

# ଦୁଷ୍କର୍ମ ବ୍ୟାଧି : ରୋକି ପାରିବ କି ଆଇନ୍



ପ୍ରସଙ୍ଗ

ଲିଙ୍ଗଭେଦ ନିର୍ବିଶେଷରେ ଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣା ବୃଦ୍ଧି ପାଇବା ଦ୍ୱାରା ଦେଶରେ ସମାଜ ବ୍ୟବସ୍ଥା ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ମହିଳା ବା ଯୁବତୀ ନୁହଁନ୍ତି, ଏଭଳି ଜଘନ୍ୟ କାଣ୍ଡରୁ ନିଷ୍ପାପ ଶିଶୁକନ୍ୟା ବି ବର୍ତ୍ତିପାରୁନାହାନ୍ତି। କେଉଁଠି ଦୁଷ୍କର୍ମ ପରେ ପୀଡିତାଙ୍କୁ ହତ୍ୟା କରାଯାଉଛି ତ ଆଉ କେଉଁଠାରେ ପୀଡିତା ଡାକ୍ତରଖାନାରେ ଆଖିବୁଜୁଛନ୍ତି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ, ଲଜ୍ଜାଜନକ ଓ ନିନ୍ଦନୀୟ ଘଟଣା। ଯେଉଁଥିରେ ସମାଜରେ ଏକପ୍ରକାର ଭୟର ବାତାବରଣ ଖେଳିଯାଇଛି। ବିଶେଷକରି ଶିଶୁକନ୍ୟାଙ୍କ ମାତାପିତା, ପରିବାର, ଅଭିଭାବକ ଏବଂ ସମ୍ପର୍କୀୟମାନେ ଏହାକୁ ନେଇ ବିଶେଷ ଚିନ୍ତିତ ହୋଇପଡିଛନ୍ତି। ସମାଜର ବିଭିନ୍ନ ବର୍ଗରେ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖାଦେଉଥିଲା ବେଳେ କେହି କେହି ଏଥିରୁ ରାଜନୀତିକ ଫାଇଦା ଉଠାଇବା ମଧ୍ୟ ଅତ୍ୟନ୍ତ ଖରାପ କଥା। ମାନବିକତା ଦୃଷ୍ଟିକୋଣରୁ ଦୁଷ୍କର୍ମ ଭଳି ଜଘନ୍ୟ କାଣ୍ଡକୁ ରୋକିବା ଦିଗରେ ସବୁ ଦିଗରୁ ଚେଷ୍ଟା ହେବା ଦରକାର। କାରଣ ଏଭଳି ଅପରାଧକୁ ରୋକିବା ପାଇଁ ବିଭିନ୍ନ ଆଇନ୍ ଥିଲେ ବି ଯୌନ ଅପରାଧୀମାନେ ଏଥିପ୍ରତି ଭ୍ରୂକ୍ଷେପ କରୁନାହାନ୍ତି। ନିର୍ଭୟା ଠାରୁ ଆରମ୍ଭ କରି ସାଲେପୁରର ଶିଶୁକନ୍ୟା ଦୁଷ୍କର୍ମ ଘଟଣା ସମସ୍ତଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି। ହେଲେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ପକ୍‌ସୋ ଆଇନ୍‌ରେ ସଂଶୋଧନ ଅଣାଯାଇଛି। କମ୍ ବୟସର ବାଳକ ବା ବାଳିକାଙ୍କ ସହ ଦୁଷ୍କର୍ମ କରାଗଲେ ଅପରାଧୀକୁ ମୃତ୍ୟୁଦଣ୍ଡ ମିଳିବାର ବ୍ୟବସ୍ଥା କରାଯାଇଛି। ନୂଆ ଅଧ୍ୟାଦେଶକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବା ବେଳେ ଏଥିରେ ରାଷ୍ଟ୍ରପତିଙ୍କ ମୋହର ଲାଗିଛି। ଆଶା କରାଯାଉଛି ଯେ, ନୂଆ ଆଇନ୍ ବଳରେ ଦୁଷ୍କର୍ମ ଓ ହତ୍ୟା ଅପରାଧୀକୁ ମୃତ୍ୟୁଦଣ୍ଡ ମିଳିଲେ ଏହି ଘଟଣାର ଅବସାନ ଘଟିବାର ଜନମତ ସର୍ଭେ ପାଇଁ **'ଏକମାତ୍ର'** ପ୍ରୟାସ କରିଥିଲା। ବ୍ୟକ୍ତିଗତ ସାକ୍ଷାତକାର ଏବଂ ସୋସିଆଲ ମିଡିଆ ଜରିଆରେ ଆମକୁ ମିଳିଥିବା ମତାମତ **'ପ୍ରସଙ୍ଗ'** ପୃଷ୍ଠାରେ ସ୍ଥାନିତ କରିଛୁ। ସୀମିତ କଳେବର ଦୃଷ୍ଟିରୁ ଆମର ହସ୍ତଗତ ହୋଇଥିବା ବହୁ ମତାମତ ପ୍ରକାଶ କରିପାରି ନଥିବାରୁ ଦୁଃଖପ୍ରକାଶ କରୁଛୁ।



**ମାନସ ରଞ୍ଜନ ମହାପାତ୍ର**
ପୂର୍ବତନ ଚେୟାରମ୍ୟାନ୍, ଓଡ଼ିଶା ବାର କାଉନସିଲ

ପରିସଂଖ୍ୟାନ ଅନୁସାରେ ଦେଖାଗଲେ ଭାରତରେ ୯୨% ରୁ ୯୪% ଦୁଷ୍କର୍ମ ଘଟଣା ପରିବାର ସଦସ୍ୟ, ନିକଟ ସମ୍ପର୍କୀୟ, ପରିଚିତ ବ୍ୟକ୍ତି ଓ ପଡୋଶୀଙ୍କ ଦ୍ୱାରା ଘଟୁଛି ବୋଲି ଜଣାପଡେ। ଏଭଳି ଖୁବ୍ କମ୍ ଘଟଣାରେ ଅଚିହ୍ନା ଲୋକଙ୍କ ସମ୍ପୃକ୍ତି ଥିବାର ତଥ୍ୟ ସାମ୍ନାକୁ ଆସିଛି। ଆଉ କେତେକ ସମ୍ବେଦନଶୀଳ ଘଟଣାରେ ମାମୁଁ-ଭାଣିଜୀ ଓ ବାପ-ଝିଅ ସହିତ ଦୁଷ୍କର୍ମ କରିବା ଭଳି ଅଭାବନୀୟ ଖବର ପଦାକୁ ଆସୁଛି। ଯେଉଁଠି ଅପରାଧୀ ଓ ପୀଡିତା ଗୋଟିଏ ଘରେ ରହୁଛନ୍ତି, ଏକାଠି ଖାଇବା, ପିଇବା ଓ ଚଲାବୁଲା ସେଠାରେ ଆଇନ୍ କ'ଣ କରିପାରିବ। ଅତୀତ ଓ ବର୍ତ୍ତମାନକୁ ତୁଳନାତ୍ମକ ଭାବେ ଦେଖିଲେ ପୂର୍ବାପେକ୍ଷା ଝିଅମାନେ ଏ ଦିଗରେ ଅଧିକ ସଚେତନ ହୋଇଛନ୍ତି। ଯାହାଫଳରେ ଦୁଷ୍କର୍ମ ଭଳି କଳଙ୍କିତ ଘଟଣା ଲୋକଲୋଚନକୁ ଆସିପାରୁଛି। ସବୁଠୁ ବଡ କଥାଟି ହେଉଛି, ଏବେ ପୀଡିତା ସାହସ କରି ଏ ଘଟଣା ସମସ୍ତଙ୍କ ସାମ୍ନାକୁ ଆଣିବା ଦ୍ୱାରା ସମାଜରେ ଏଥିପାଇଁ ପ୍ରତିକ୍ରିୟା ସୃଷ୍ଟି ହେଉଛି। ଅନ୍ୟଏକ ଦିଗ ହେଲା ଶିଶୁକନ୍ୟାଟିଏ ଦୁଷ୍କର୍ମର ଶିକାର ହେବା ବା ହତ୍ୟାର ଶିକାର ହେବା। ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବା କାରଣ ଭାବେ ଦେଖିଲେ ଏଠାରେ ଅପରାଧୀ ଜଣକ ମାନସିକ ବିକାରଗ୍ରସ୍ତ କିମ୍ବା ସାମାଜିକ ସଂସ୍କାରରୁ ବଞ୍ଚିତ। ଆଧୁନିକତା ଓ ପାଶ୍ଚାତ୍ୟ ସଂସ୍କୃତିର ଅନୁସରଣ ଫଳରେ ଭାରତୀୟ ସଂସ୍କୃତି ଅପଭ୍ରଂଶ ହୋଇପଡୁଛି। ଏହା ମଧ୍ୟ ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧର ଅନ୍ୟତମ କାରଣ। ଆଗକାଳରେ ପରିବାର-ପରିବାର ମଧ୍ୟରେ, ପଡୋଶୀ-ପଡୋଶୀ ମଧ୍ୟରେ, ଗାଁ-ଗାଁ ମଧ୍ୟରେ, ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଯେଭଳି ସୁସମ୍ପର୍କ ଓ ନିବିଡତା ରହୁଥିଲା ତାହା ଆଉନାହିଁ। ଆପୋଷ ନିବିଡତା ହଜି ଯିବା ଫଳରେ ଅନ୍ୟର ଝିଅକୁ ନିଜର ଝିଅ ବୋଲି ଆଚରଣ କରିବା, ସେଭଳି ଆଦର କରିବା, ସ୍ନେହ ସମ୍ପର୍କରେ ବାନ୍ଧି ରଖିବା ଦୁଷ୍ପ୍ରାପ୍ୟ। ତେଣୁ ସମାଜରୁ ଆମ ବା ଆପଣାର ବୋଲି ଭାବନା ହଜିଯିବା ଦ୍ୱାରା ଦୁଷ୍କର୍ମ ଭଳି ଅପରାଧ ପାଇଁ ଚିନ୍ତାଧାରା ବୃଦ୍ଧି ପାଇଛି।

ଏହାର ଅନ୍ୟତମ କାରଣ ଭାବେ ଦେଖିଲେ କର୍ମଜଞ୍ଜାଳ, ବ୍ୟସ୍ତତା ଓ ପରିବାର ପ୍ରତିପୋଷଣ ପାଇଁ ପିତାମାତାମାନେ ବ୍ୟସ୍ତ ରହିବା ଦ୍ୱାରା ନିଜ ଶିଶୁର ଯତ୍ନ ନେବାକୁ ଅଧିକ ସମୟ ଦେଇପାରୁନାହାନ୍ତି। ତେଣୁ ଲାଳନ ପାଳନରେ ତ୍ରୁଟି ରହିବା କାରଣରୁ ପିଲାଙ୍କ ଭବିଷ୍ୟତ ଜୀବନ ମଧ୍ୟ କୁପଥଗାମୀ ହୋଇପଡୁଛି। ଇଂରାଜୀ ଶିକ୍ଷା ଓ ସାମାଜିକ ମିଡିଆର ବହୁଳ ବ୍ୟବହାର ମଧ୍ୟ ଅପରାଧର ପୃଷ୍ଠଭୂମି ରଚନାରେ ଅଧିକ ସହାୟକ ହୋଇପଡିଛି। ଏ ସମ୍ପର୍କରେ ଆଇନ ବ୍ୟବସ୍ଥା ବାବଦରେ କହିବାକୁ ଗଲେ ପ୍ରାୟ ୧୫୦ ବର୍ଷ ତଳୁ ଭାରତୀୟ ପିଙ୍ଗଳ କୋଡ୍‌ରେ ମୃତ୍ୟୁଦଣ୍ଡ ରହିଛି। ତେଣୁ ଦଣ୍ଡ ବିଧାନ ବଢ଼ାଇଦେଲେ ହତ୍ୟା, ଡକାୟତି ଓ ଦୁଷ୍କର୍ମ ଭଳି ଘଟଣା କମିଯିବ ଏହା ଠିକ୍ ନୁହେଁ। ସେମିତି ହୋଇଥିଲେ ୨୦୧୨ ମସିହା ନିର୍ଭୟା ଘଟଣା ପରେ ଦୁଷ୍କର୍ମ ମାମଲାରେ ଦେଶର ଆଇନ କଠୋର ହୋଇଛି। ତେଣୁ ଏଭଳି ମାମଲାରେ ଉପଯୁକ୍ତ ଅନୁସନ୍ଧାନ, ପାରଙ୍ଗମତା, ସ୍ୱଚ୍ଛତା ଓ ବିଚାର ପଦ୍ଧତିରେ ତ୍ୱରିତ ନ୍ୟାୟ ପ୍ରଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଦୁଷ୍କର୍ମ ଘଟଣାରେ ଚାକ୍ଷୁସ ପ୍ରମାଣ କମ୍ ଥାଏ। ତେଣୁ ପୀଡତାଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ଘଟଣାର ପୃଷ୍ଠଭୂମିକୁ ନେଇ ନ୍ୟାୟ ପ୍ରଦାନ କରାଯିବା ଦରକାର। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମାମଲାର ସାକ୍ଷ୍ୟ ଓ ପ୍ରମାଣକୁ ସୁରକ୍ଷିତ ରଖି ବିଚାର ଆଗକୁ ବଢ଼ିବା ଉଚିତ୍। ନିକଟରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମଙ୍କ ମାମଲାରେ ପୀଡିତା ଓ ସାକ୍ଷୀ ସୁରକ୍ଷିତ ଥିବାରୁ ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯାଇପାରିଲା। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ, ୧୪ ରୁ ୧୫ ବର୍ଷର ବାଳକ ମଧ୍ୟ ଦୁଷ୍କର୍ମ ଘଟଣାର ଅପରାଧୀ। ତେଣୁ ଏଭଳି କ୍ଷେତ୍ରରେ ଜୁଭେନାଇଲ ଜଷ୍ଟିସ ଆଇନ ରହିଥିବାରୁ ଦୁଷ୍କର୍ମ ମାମଲାରେ ମୃତ୍ୟୁଦଣ୍ଡ ଫଳପ୍ରଦ ହେବନାହିଁ। ଏସବୁ ସତ୍ତ୍ୱେ ପିଲାମାନଙ୍କୁ ସାମାଜିକ ସଂସ୍କାର ବିଷୟରେ ଜଣାଇବା, ଚରିତ୍ର ଗଠନର ଶିକ୍ଷାଦେବା, ସମାଜରେ ସଚେତନତା ବୃଦ୍ଧି କରିବା ଓ ପରସ୍ପର ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଲେ ଏହା କମିବାର ସମ୍ଭାବନା ରହିଛି।



**ଗୋକୁଳାନନ୍ଦ ଦାସ**
ପୂର୍ବତନ କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

ଯୌନ ଅପରାଧକୁ କଦାପି କୌଣସି ଆଇନ ବଳରେ ରୋକାଯାଇ ପାରିବ ନାହିଁ। କାରଣ ଯୌନ ଉଦ୍ଦୀପକ ସିନେମା, ଗଣମାଧ୍ୟମ ଯଥା - ଅଶ୍ଳୀଳ ନଗ୍ନ ପରିଧାନ ତଥା ନିଶାଦ୍ରବ୍ୟ ସେବନ ମନୁଷ୍ୟର ମନୁଷ୍ୟତାକୁ ପଶୁତ୍ୱରେ ପରିବର୍ତ୍ତିତ କରିଥାଏ। ଏହି ଅପରାଧକୁ ନିୟନ୍ତ୍ରିତ କରିବାକୁ ହେଲେ ବିଜ୍ଞାନ ଓ କାରିଗରୀ ବିଦ୍ୟା ସହିତ ବ୍ରହ୍ମଚର୍ଯ୍ୟ ଓ ଆଧ୍ୟାତ୍ମିକତାର ଶିକ୍ଷା ପ୍ରଣାଳୀ ପ୍ରାରମ୍ଭିକ ସ୍ତରରେ ପାଠ୍ୟକ୍ରମରେ ପ୍ରଚଳିତ ହେବା ଉଚିତ। ଯାହା ଫଳରେ କି ଜନ ସଚେତନତା ନିଶ୍ଚିତ ଭାବରେ ଧିରେ ଧିରେ ବୃଦ୍ଧି ପାଇବ।



**ମମତା ନାୟକ**
ବେଙ୍ଗାଲୁରୁ

ଖାଲି ଆଇନ ଦ୍ୱାରା କ'ଣ ହୋଇପାରିବ? ଅନ୍ୟ ଦେଶ ଭଳି ଆମ ଦେଶର ଆଇନ ଏତେ କଠୋର ବି ନୁହେଁ, ଅନେକ ଗଳା ରାସ୍ତା ସବୁ ଅଛି ଆମ ଆଇନରେ। ଅତି ବିଳମ୍ବିତ ନ୍ୟାୟ ଯୋଗୁଁ ବି ଅନେକ ଦୋଷୀ ଦଣ୍ଡମୁକ୍ତ ହେଇଯାଉଛନ୍ତି। ସମାଜ ଓ ପରିବାର ସ୍ତରରୁ ହିଁ ସଚେତନତା ଭାଗରୁକତା ବଢ଼େଇବାକୁ ପ୍ରଚେଷ୍ଟା ହେଉ। ସ୍କୁଲ, କଲେଜ ଗୁଡିକରେ ଯୌନ ଶିକ୍ଷା ବି ପାଠ୍ୟକ୍ରମରେ ଯୋଡା ଯାଉ। ଆଇନରେ ବି ଆଉ କିଛି ସୁଧାର ଅଣାଯାଉ।



**ବିଜୟ କୁମାର ସ୍ୱାଇଁ**
କୋଲକାତା

ଆମ ଦେଶର ଆଇନ ଏ ନରପିଶାଚ ମାନଙ୍କର କିଛି କରିପାରିବନି। ଯଦି ଫାଶୀ କିମ୍ବା ଗୁଳି ମରାହୁଏ ତା'ହେଲେ କିଛି ହେବନି। ବେଶୀ ଏମାନେ ଉତ୍ପାତ ହେବେ। ପ୍ରମାଣ ଲୋପ କରିବାକୁ ଯାଇ ନିରୀହାମାନଙ୍କୁ ଜୀବନରେ ମାରିଦେବେ। ଗୋଟାଏ ପୁଅ ମଲେ କ'ଣ ହୋଇଯିବ ସେମାନଙ୍କ ବାପାମାଆର? ବରଂ ସେମାନେ ତରିଯିବେ ତଥା ସନ୍ତାନ ମୁଣ୍ଡରେ ଦୋଷଲଦି ପାର ପାଇଯିବେ। (କୁଶିକ୍ଷା ଦେଇଥବା ବାପାମାଆ) ତେଣୁ ଯିଏ ଏଭଳି କର୍ମ କରିବ ତାହାର ଲିଙ୍ଗଛେଦନ କରି, ଫଟକୁ ସମାଜ ସମ୍ମୁଖରେ ପ୍ରଚାର କରି ଛାଡିଦିଆଯାଉ ତା'ହେଲେ ଅନ୍ୟମାନେ ଭାବିବେ ତଥା ତା ଖାନ୍‌ଦାନ ମଧ୍ୟ ଭାବିବେ।



**ଗାୟତ୍ରୀ ଦାଶ**
ବଡଗଡ଼, ଭୁବନେଶ୍ୱର

ଲାଞ୍ଚ ନେଉଥିବା ବ୍ୟକ୍ତିଟି ଯେତେବେଳେ ଭିଜିଲାନ୍ସ ବିଭାଗର ସନ୍ଦେହ ପରିସରକୁ ଆସେ ଅଥବା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଧରାପଡେ ତା'ବିରୁଦ୍ଧରେ କେଶ୍ ଫାଇଲ ହୁଏ। ଘର ଅଚାନକ ରେଡ୍ କରାଯାଏ। ଗଣମାଧ୍ୟମ ଦିନଦିନ ଧରି ତା'ର ଚରିତ୍ର ସଂହାର କରନ୍ତି। ସାମାଜିକ ଜୀବନରେ ସେ ନିନ୍ଦିତ ହୁଏ, ମାନସିକ ନିର୍ଯାତନା ପାଏ, ଆଇନ ବ୍ୟବସ୍ଥାରେ ଦଣ୍ଡିତ ମଧ୍ୟ ହୁଏ। ମାତ୍ର ଏସବୁ ଦୁର୍ଦ୍ଦଶା ଦେଖି / ଜାଣି ମଧ୍ୟ ଲୋଭୀ ମଣିଷମାନେ ଲାଞ୍ଚ ନେବା ପ୍ରବୃତ୍ତିକୁ ରୋକିପାରନ୍ତି କି?

ଟ୍ରାଫିକ ଓ ମୋଟରଯାନ ଚଳାଚଳ ନିୟମରେ ମଦ୍ୟପାନ କରି ଅଥବା ଅଧିକ ଜୋରରେ ଗାଡି ଚଳାଇବା, ରେଡ୍ ସିଗ୍‌ନାଲ ନ ମାନିବା, ଦୁର୍ଘଟଣା ଘଟାଇବା ଇତ୍ୟାଦି ଅପରାଧ ପାଇଁ ଅନେକ ଦଣ୍ଡ ବ୍ୟବସ୍ଥା ରହିଛି। କିନ୍ତୁ ଗାଡି ଦୁର୍ଘଟଣାର ସଂଖ୍ୟା କମୁଛି କି?

ସେହିଭଳି ପ୍ରଦୂଷଣ ନିୟନ୍ତ୍ରଣ ହେଉ, ଯୌତୁକ ପ୍ରଥା / ଶିଶୁ ଶ୍ରମିକ ପ୍ରଥା / ଶିକ୍ଷାନୁଷ୍ଠାନରେ ର୍ୟାଗିଙ୍ଗ୍ ହେଉ ବଳିଷ୍ଠ ଆଇନ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହିସବୁ ସମସ୍ୟାର ପୂର୍ଣ୍ଣ ଭାବେ ସମାଧାନ ହୋଇପାରୁଛି କି? ନା। ତେଣୁ ପକ୍‌ସୋ ଆଇନରେ ଅଣାଯାଇଥିବା ସଂଶୋଧନ ବଳରେ ଦୁଷ୍କର୍ମ ଓ ହତ୍ୟା ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ମିଳିଲେ ଯେ ଏହି ବ୍ୟାଧିକୁ ରୋକାଯାଇପାରିବ ତାହା ନିଶ୍ଚିତ ଭାବେ କୁହାଯାଇନପାରେ।

କାରଣ ଭାରତବର୍ଷ ଭଳି ଏକ ଜନବହୁଳ ଦେଶରେ ଗତ କିଛି ଦଶନ୍ଧି ଧରି ନୈତିକ ଚରିତ୍ରର ଦ୍ରୁତ ଅବକ୍ଷୟ ଘଟିଛି ତଥା ଜନସଚେତନତାର ଘୋର ଅଭାବ ପରିଲକ୍ଷିତ ହେଉଛି। ରାସ୍ତାଘାଟ, କୋଠାବାଡି, ରେଳ/ବିମାନ ଯାତ୍ରା, ପର୍ଯ୍ୟଟନ, ବାଣିଜ୍ୟ ବ୍ୟବସାୟ, ସୂଚନା ପ୍ରଯୁକ୍ତି ବିଦ୍ୟା, ଦୂରସଞ୍ଚାର ଆଦି ଅନେକ କ୍ଷେତ୍ରରେ ଅଭୁତପୂର୍ବ ବିକାଶ ହୋଇଥିବା ବେଳେ ବ୍ୟକ୍ତି ଚରିତ୍ର ଗଠନ / ବିକାଶ ଉପରୁ ପରିବାର / ସମାଜ / ଶିକ୍ଷାନୁଷ୍ଠାନ / ସରକାର ସମସ୍ତଙ୍କର ଧ୍ୟାନ ହଟିଯାଇଛି। କୁହାଯାଏ ଥିଲେ ଆଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର। ବଳିଷ୍ଠ ଚରିତ୍ରଟିଏ ଗଠନ କରିବାରେ ମୁଖ୍ୟତଃ ପରିବାରର ଗୁରୁଦାୟିତ୍ୱ ରହିଛି। ସଚ୍ଚରିତ୍ର, ନିର୍ଲୋଭୀ, ବିବେକବାନ୍ ବ୍ୟକ୍ତି ରୂପରେ ଗଢ଼ିବାକୁ ହେଲେ ଶିଶୁଟିକୁ ତା'ର ପିତାମାତା, ସମ୍ପର୍କୀୟ, ଶିକ୍ଷକଙ୍କୁ ନିରନ୍ତର ଭାବେ ସୁଶିକ୍ଷା ଦେବାକୁ ହେବ। ପିଲାମାନଙ୍କୁ ସୁଗୁଣର ଉପକାରିତା ଓ ଦୁର୍ଗୁଣର ଅପକାରିତା ସମ୍ପର୍କରେ ଧୈର୍ଯ୍ୟ ଧରି ବୁଝାଇବାକୁ ହେବ। ସୁନ୍ଦର ସମାଜ ଗଠନ ଦିଗରେ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ କଥା ସଚେତନ କରାଇବାକୁ ହେବ। ଏସବୁ ନିମିତ୍ତ ଆମେ ପିତାମାତା, ଅଭିଭାବକମାନେ ନିଜେ ଶୃଙ୍ଖଳିତ ରହିବା ଓ ପିଲାମାନଙ୍କୁ ଯଥେଷ୍ଟ ସମୟ ଦେବା ଦରକାର। ଶିକ୍ଷକ ସମାଜ ଓ ସରକାର ମଧ୍ୟ ବ୍ୟକ୍ତିର କିଶୋର / ଯୁବାବସ୍ଥାରେ ଚରିତ୍ର ଗଠନ ନିମନ୍ତେ ଅଧିକରୁ ଅଧିକ ଯତ୍ନଶୀଳ ହେବା ଓ ସେ ଦିଗରେ ଚିନ୍ତାକରି ବ୍ୟବସ୍ଥା ସୃଷ୍ଟି କରିବା ଆବଶ୍ୟକ। ବାଲ୍ୟାବସ୍ଥାର ମୂଳଦୁଆ ଯଦି ସଠିକ୍ ଢଙ୍ଗରେ ପଡିଥିବ, ଭବିଷ୍ୟତରେ ବ୍ୟକ୍ତି ନଷ୍ଟଚରିତ୍ର ହେବାର ସମ୍ଭାବନା ବହୁତ କମ୍ ଥାଏ।

ଶୈଶବ, କିଶୋର ଅବସ୍ଥା ବା ଯୁବାବସ୍ଥା ଯଦି ସତ୍‌ଶିକ୍ଷା ବା ଦିଗ୍‌ଦର୍ଶନରୁ ବଞ୍ଚିତ ହେବ (ଯାହା ବିଗତ ୩୦/୪୦ ବର୍ଷରେ ଘଟିଛି), ଫୋନ୍, ଟିଭି, ଲାପଟପ୍ ସହିତ ମାତ୍ରାଧିକ ସମୟ ବିତାଇବା, ନିଃସଙ୍ଗତାରୁ ମୁକ୍ତି ପାଇବା ପାଇଁ କୁସଙ୍ଗ/ବିଭିନ୍ନ ନିଶାଦ୍ରବ୍ୟର ସାହାରା ନେବ ତେବେ ସମାଜରେ ଅହରହ ଘଟୁଥିବା ଦୁଷ୍କର୍ମ ବ୍ୟାଧି ବଢ଼ିବ ପଛେ କମିବ ନାହିଁ। ଯେଉଁଠି ଏଗାର ବର୍ଷର ନାବାଳିକା ଉପରେ ସତୁରୀ ବର୍ଷର ବୃଦ୍ଧ, ଛଅ ବର୍ଷର ନାବାଳିକା ଉପରେ ୬୫ ବର୍ଷର ବରିଷ୍ଠ ବୈଜ୍ଞାନିକ ଅତ୍ୟାଚାର କରିପାରନ୍ତି, ସେଠାରେ ଯୁବ ଅପରାଧିମାନେ ଆଇନକୁ ଭୟ କରିବାର ପ୍ରଶ୍ନ ଉଠୁଛି କେଉଁଠି?

ଘଟଣାଟି ଘଟିସାରିବା ପରେ ପୀଡିତାଙ୍କୁ ନ୍ୟାୟ ପ୍ରଦାନରେ ହେଉ ବା ଦୋଷୀକୁ ଦଣ୍ଡଦେବାରେ ହେଉ ଆମେ ଜନସାଧାରଣ, ଗଣମାଧ୍ୟମ, ସରକାର ବା ଅଦାଲତ ଯେଉଁ ତତ୍ପରତା ଦେଖାଉଛେ, ଏହି ସମସ୍ୟା ସୃଷ୍ଟି ନେବା ନିମନ୍ତେ ଚରିତ୍ର ସୁଧାର ଦିଗରେ ପ୍ରୟାସ କରିବାରେ ଆମେ ପ୍ରତ୍ୟେକ ନିଜ ନିଜ ପରିସରରେ ସେତିକି ତତ୍ପରତା ଦେଖାଇବା ନିତାନ୍ତ ଜରୁରୀ। ଏହାର ଫଳାଫଳ ତତ୍‌କ୍ଷଣାତ୍ ଉପଲବ୍ଧ ନ ହୋଇପାରେ। କିନ୍ତୁ ଧିରେ ଧିରେ ସମାଜରେ ଏହାର ପ୍ରଭାବ ନିଶ୍ଚିତ ରୂପେ ପଡିବ। ଆମେ ଯଦି ନିଜର ପିଲାମାନଙ୍କୁ ସୁମଣିଷ ହିସାବରେ ଗଢ଼ିପାରିବା ଏପରିକି ଚିହ୍ନାଜଣାରେ ମଧ୍ୟ ପିଲାମାନଙ୍କୁ ଭଲ ଶିକ୍ଷା ଦେବା ପାଇଁ ଇଚ୍ଛା ରଖିବା ସେମାନେ ବଡ ହେଲେ କେବଳ ପରିବାରରେ ନୁହେଁ କାର୍ଯ୍ୟ କ୍ଷେତ୍ରରେ, ବନ୍ଧୁ ମେଳରେ ଅନ୍ୟମାନଙ୍କୁ ଭଲ ବାଟରେ ଯିବା ପାଇଁ ପ୍ରବର୍ତ୍ତାଇ ପାରିବେ, ଖରାପ ରାସ୍ତା ନ ଆପଣେଇବାକୁ ସତର୍କ କରିବେ। ପ୍ରୋତ୍ସାହନ ନ ମିଳିଲେ ବା ସାମାଜିକ ବାସନ୍ଦର ଭୟ ଥିଲେ ମଣିଷ କୁକର୍ମ କରିବାକୁ ପଛାଏ। ବଳିଷ୍ଠ ଆଇନ୍ ବ୍ୟବସ୍ଥା ଦୁଷ୍କର୍ମ ରୋକିବା ପାଇଁ ଯେତିକି ଆବଶ୍ୟକ, ବାଲ୍ୟାବସ୍ଥାରୁ ସୁଚରିତ୍ର ଗଠନ ପାଇଁ ପରିବାର / ଶିକ୍ଷାନୁଷ୍ଠାନ / ସମାଜ / ସରକାର ସମସ୍ତେ ଯତ୍ନବାନ ଓ ସଚେତନ ହେବା ତା'ଠାରୁ ଅଧିକ ଆବଶ୍ୟକ।



**ଦେବେନ୍ଦ୍ର ନାଥ ପଣ୍ଡା**

ଆଇନ ଏହାକୁ ଆଦୌ ରୋକି ପାରିବନି। ପର୍ଣ୍ଣୋ ୱେବ୍ ସାଇଟ୍ ନିଷେଧ ଓ ବୈଧ ବେଶ୍ୟାଳୟର ପ୍ରାଚୁର୍ଯ୍ୟ ଏହି ଦୁଷ୍କର୍ମରୁ ଅନେକାଂଶରେ ମୁକ୍ତି ଦେଇପାରେ। ଆଉକିଛି ବାଟ ନାହିଁ। ଲୋକେ ସଚେତନ ହେବା ଅବସ୍ଥାରେ ନାହାନ୍ତି।



**ବିଜୟିନୀ ପଣ୍ଡା**

ଯେ ପର୍ଯ୍ୟନ୍ତ ଆମେ ନିଜେ ନିଜେ ସଚେତନ ନ ହୋଇଛେ ସେ ପର୍ଯ୍ୟନ୍ତ ଏ ବ୍ୟାଧିକୁ ରୋକାଯାଇପାରିବ ନାହିଁ। ସରକାର ଏଥିପ୍ରତି ଦୃଷ୍ଟିଦେବା ନିହାତି ଆବଶ୍ୟକ। କେବଳ ଫାଶୀ ଦଣ୍ଡାଦେଶ ଏହାକୁ ରୋକିବାରେ ସାହାଯ୍ୟ କରିପାରିବ। ଯେମିତି ଆମର ଅନ୍ୟ ଦେଶ ମାନଙ୍କରେ ଏ ନିୟମ ପ୍ରଚଳିତ।



**ସଞ୍ଜୁକ୍ତା ପାଣିଗ୍ରାହୀ**

ଆଇନ ରୋକିପାରିବ ନାହିଁ କାରଣ ଯେତେଦିନ ପର୍ଯ୍ୟନ୍ତ ଏ କଳୁଷିତ ରାଜନୀତି ଥିବ ସବୁ ଆଇନ ଏ କଳୁଷିତ ରାଜନୀତିର ସମୁଦ୍ର ଭିତରେ ଲୀନ ହେଇ ଯାଉଥିବ। ଆଉ ଏ ବଳାତ୍କାରୀ ରାଜନେତାଙ୍କ ଛତ୍ରଛାୟାତଳେ ରହି ଅଟ୍ଟହାସ କରୁଥିବେ। ସେମାନଙ୍କର କେହି କିଛି କରିପାରିବେନି ସବୁ ପ୍ରମାଣତ ନଷ୍ଟ କରାଯିବ। ପ୍ରମାଣ ଥିଲେ ସିନା ଦୋଷୀ ଦଣ୍ଡ ପାଇବ। ଏ ସବୁ ଖାଲି ଧର୍ମକୁ ଆଖିଠାର।



**ଅନିଲ କୁମାର ମହାନ୍ତି**

ଆଇନ ଯଦି ଠିକ୍ ଭାବେ କାର୍ଯ୍ୟକାରୀ ହୁଏ, ନିଶ୍ଚିତ ଭାବେ ବହୁମାତ୍ରାରେ ବଳାତ୍କାର ରୋକାଯାଇ ପାରିବ। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଭାବରେ ରୋକିବା ପାଇଁ ହେଲେ ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ଆମ୍ଭେ ଦେଖୁଅଛୁ କି, ବଳାତ୍କାରୀମାନେ ପ୍ରାୟତଃ ପୀଡିତାଙ୍କ ସମ୍ପର୍କୀୟ ଏବଂ ସେମାନଙ୍କୁ ଖସାଇବାରେ ରାଜନେତାମାନେ ମଧ୍ୟ ସାହାଯ୍ୟ କରୁଛନ୍ତି। ଯାହା ଅତ୍ୟନ୍ତ ନିନ୍ଦନୀୟ। ଏହାକୁ ରୋକିବା ପାଇଁ ହେଲେ ରାଜନୀତି ନକରି ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ସମାଧାନର ରାସ୍ତା ବାହାର କରିବାକୁ ପଡିବ।



**ପଦ୍ମନାଭ ବେହେରା**
ପୂର୍ବତନ ସଭାପତି
ଓଡ଼ିଶା ପୋଲିସ ମହାସଂଘ

ଆଇନ ଯେତେ କଠୋର ହେଲେ ବି ଏଭଳି ଦୁଷ୍କର୍ମକୁ ରୋକିବା ସମ୍ଭବ ହେବନାହିଁ। କାରଣ ଆମର ଆଇନ ଓ ବିଚାର ବ୍ୟବସ୍ଥାରେ ଜଣେ ଦୋଷୀ ଦଣ୍ଡ ପାଇବା ପୂର୍ବରୁ ପୀଡିତା ସାମାଜିକ ଲାଞ୍ଛନାରେ ଜର୍ଜରିତ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଉଛି। ପାଶ୍ଚାତ୍ୟ ଢାଞ୍ଚାର ଅନୁକରଣ, ସାମାଜିକ ବିଶୃଙ୍ଖଳା, ଅତ୍ୟଧିକ ସ୍ୱାଧୀନତା, ମୋବାଇଲ ଓ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଦୁଷ୍କର୍ମ ପାଇଁ ଅନେକାଂଶରେ ଦାୟୀ। ଅନ୍ୟପକ୍ଷରେ ରାଜନୈତିକ ଦଳ ଗୁଡିକର ପରସ୍ପର କାଦୁଅ ଫିଙ୍ଗା କାର୍ଯ୍ୟକ୍ରମ ଯୋଗୁଁ ଏହାର ନିରାକରଣ ପାଇଁ ଆବଶ୍ୟକୀୟ ସଠିକ୍ ପନ୍ଥା ନିର୍ଦ୍ଧାରଣ କରାଯାଇପାରୁନାହିଁ। ଆଜି ଶିଶୁ କନ୍ୟାମାନଙ୍କ ପ୍ରତି ଦୁଷ୍କର୍ମ ଯେଭଳି ବଢ଼ି ଚାଲିଛି, ସେହି ଘଟଣାରେ ଜଡିତ ଅପରାଧୀମାନଙ୍କୁ ମୃତ୍ୟୁଦଣ୍ଡ ବି କମ ଲାଗୁଛି। ତେଣୁ ଏଭଳି ଘଟଣାର ନିରାକରଣ ପାଇଁ ଅଳ୍ପ ସମୟ ମଧ୍ୟରେ ପୀଡିତାକୁ ନ୍ୟାୟ ପ୍ରଦାନ ସହିତ ସାମାଜିକ ସଚେତନତା ଜରୁରୀ ହୋଇପଡିଛି। ସମସ୍ତ ରାଜନୈତିକ ଦଳ, ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ମିଳିତ ଭାବେ ସଚେତନତା ସୃଷ୍ଟି କଲେ ଏହି ଅପରାଧ କେତେକାଂଶରେ କମି ପାରିବ।

**ତପସ୍ୱିନୀ ବିନ୍ଧାଣୀ**

କେତେ କହିଲୁଣି କେତେ ବି ଲେଖିଲୁଣି, ହେଲେ ଶୁଣୁଛି କିଏ ଏଠି। ଏଥିପାଇଁ ଅନେକ ଆଇନ କାନୁନ୍ କାଗଜପତ୍ରରେ ତିଆରି ହେଉଛି କିନ୍ତୁ କାର୍ଯ୍ୟକାରୀ ହେଉ ହେଉ ଯୁଗ ସରି ଯାଉଛି। ତା' ଭିତରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀଟି ନିଜକୁ ନାବାଳକ ବା ମାନସିକ ବିକୃତ ରୋଗୀ ବୋଲି ପ୍ରମାରିତ କରି ଦୋଷମୁକ୍ତ ହୋଇଯାଉଛି। ଏହି ପାଶବିକ ଅତ୍ୟାଚାର ପାଇଁ ଖାଲି ଅପରାଧୀ ଦାୟୀ ନୁହେଁ, ସମାଜ, ସରକାର, ଆଇନ କାନୁନ୍ ଓ ଦୋଷୀକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରୁଥିବା ସମସ୍ତ ମାଧ୍ୟମ ଦାୟୀ। ଯେତେଦିନ ପର୍ଯ୍ୟନ୍ତ ଆଇନ କାନୁନ୍ କାଗଜପତ୍ରରୁ ନ ବାହାରି କାର୍ଯ୍ୟକାରୀ ନ ହୋଇଛି ସେତେଯଦିନ ପର୍ଯ୍ୟନ୍ତ ଏହିପରି ଘଟଣା ଘଟି ଚାଲୁଥିବ, ଆଉ ନିରୀହାମାନେ ଏମିତି ବଳି ପଡୁଥିବେ। ଯଦି ଆମ ଦେଶରେ ଆଇନ କାନୁନ୍‌କୁ କଡାକଡି ଭାବେ ପାଳନ କରାଯାଆନ୍ତା, ପ୍ରାଣ ବଦଳରେ ପ୍ରାଣକୁ କ୍ଷତିପୂରଣ ଭାବେ ବିବେଚନା କରାଯାଆନ୍ତା, ଯଦି ଦୋଷୀକୁ ଦଣ୍ଡ ଦେବା ସହିତ ଦୋଷୀକୁ ରକ୍ଷା କରୁଥିବା ସମସ୍ତ ମାଧ୍ୟମକୁ ବି ଦଣ୍ଡିତ କରାଯାଆନ୍ତା, ଘଟଣା ଘଟିବାର ଓ ପୀଡିତା ମୃତ୍ୟୁମୁଖରେ ପଡିବାର ଗୋଟେ ସପ୍ତାହ ଭିତରେ ଦୋଷୀକୁ ଦଣ୍ଡ ପ୍ରଦାନ କରାଯାଆନ୍ତା ତେବେ ଏ ଘଟଣା ଯଥାଶୀଘ୍ର ଆମ ଦେଶରୁ ଅପସରି ଯାଆନ୍ତା। ମୃତ୍ୟୁକୁ ବା କାହାର ଡରନାହିଁ, ଯେଉଁଠି ବିନା କାରଣରେ ଏତେ ପ୍ରାଣ ଯାଉଛି ସେଇଠି ଦୁଇ/ତିନିଟା ଅପରାଧୀଙ୍କ ପ୍ରାଣ ନେଇ ଦେଖାଯାଉ ଯେ, ଫଳାଫଳ କ'ଣ ହେଉଛି। ଗୋଟେ ଭଲ ପରିଣାମ ଓ ସୁନ୍ଦର ଭାରତବର୍ଷ ଗଢ଼ିବାକୁ ହେଲେ



ଏହିପରି କିଛି କଥାକୁ ଗୁରୁତ୍ୱ ଦେବାକୁ ପଡିବ। ଏହିପରି କିଛି ରାକ୍ଷସ ଦେଶରେ ବଞ୍ଚି ରହି ଅଧିକ ଆଉ କ'ଣ ବା କରିବେ, ପୁଣି ଏହି ଘୃଣ୍ୟ କାମରେ ନିଜକୁ ସାମିଲ କରିବେ। ଏହା ମୋର ବ୍ୟକ୍ତିଗତ ମତ।

**Ratnakar Mohapatra**
Advocate



It needs a collective efforts from persons, family, society, Govt. and Law.



**ଇଂ. ସଚ୍ଚିଦାନନ୍ଦ ବାରିକ**

ଦୁଷ୍କର୍ମ ଏକ ଭୟଙ୍କର ନିଶା। ଯେଉଁଥିରେ କୌଣସି ଆଇନର ଭୟ କାମ କରେନି। ବେଳେବେଳେ ଲାଗେ ଏହା ଏକ ବୈଧାନିକ ସତର୍କତା ଯାହା କେହି ମାନନ୍ତି ନାହିଁ। ଯେମିତି ଗୁଟୁଖା ସିଗାରେଟ ଉପରେ ଲେଖା ହୋଇଥାଏ ଆଉ ବିକୃତ ଫଟୋ ଛପା ହୋଇଥାଏ ତଥାପି ଲୋକେ ଖାଆନ୍ତି। ଦୁଷ୍କର୍ମ ରୋକିବା ପାଇଁ ପ୍ରଥମେ ଜନ ସଚେତନତା ଦରକାର। ଘରୁ ଉଦ୍ୟମ ହେବା ଦରକାର। ପିତାମାତା ମାନେ ପିଲାଙ୍କୁ ଗୁଡ୍ ଟଚ୍ ଆଉ ବ୍ୟାଡ ଟଚ୍ ବିଷୟରେ ପ୍ରଶିକ୍ଷଣ ଦେବା ଉଚିତ। ପିଲାମାନଙ୍କୁ ଛୋଟ ବେଳୁ ସବୁ ସ୍ତରରେ ଆତ୍ମରକ୍ଷାର କୌଶଳ ଶିକ୍ଷା ଦେବା ନିହାତି ଆବଶ୍ୟକ ଏବଂ ପିଲାମାନଙ୍କ ନିକଟତର ହୋଇ ପିଲାଙ୍କ ଠାରୁ ପ୍ରତ୍ୟେକ କଥା ଜାଣିବାକୁ ଚେଷ୍ଟା କରିବା ଉଚିତ୍। ବିଶେଷକରି ଅଭିଭାବକମାନେ ପିଲା କାହା ସହ ମିଶୁଛି ପିଲାଙ୍କ ସହ କିଏ ମିଶୁଛି ଏବଂ ପିଲାଙ୍କ ପ୍ରତି କିଏ କେମିତି ବ୍ୟବହାର କରୁଛି ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ୍। କାରଣ ଅନେକାଂଶରେ ଦେଖାଯାଉଛି ଯେ, ଚିହ୍ନା ପରିଚିତଙ୍କ ଦ୍ୱାରା ପିଲାମାନେ ଶୋଷଣର ଶିକାର ହୋଇଥାନ୍ତି ଏବଂ ଏହାକୁ ଛୋଟ କଥା ଭାବି ପିତାମାତା ଏଡାଇ ଯାଇଥାନ୍ତି। ଯାହା ପରେ ବଡ ଘଟଣାର ରୂପ ନେଇଥାଏ। ଖାଲି ଆଇନ ପ୍ରଣୟନ କରି ଚୁପ୍ ବସିଲେ ହେବନି। ଆଇନ୍‌କୁ ପାଳନ କରିବାକୁ ଦୃଢ଼ ମାନସିକତା ଆବଶ୍ୟକ। ସେ ନେତା ପୁଅ ହେଉ କି ପୁଞ୍ଜିପତି ପୁଅ ହେଉ ଅବା ହେଉ ହିନ୍ଦୁ କି ମୁସଲିମ ଆଇନ ସମସ୍ତଙ୍କ ପାଇଁ ଗୋଟିଏ ହେବା ଦରକାର। ଆଉ କଠୋର ସହ ଦୃଷ୍ଟାନ୍ତ ମୂଳକ ଦଣ୍ଡ ମିଳିବା ଉଚିତ। ଯେମିତି ଆଉଥରେ ଦୁଷ୍କର୍ମ କରିବା ପୂର୍ବରୁ ଦୁର୍ବୃତ୍ତ ବାରମ୍ବାର ଭାବିବ। ଆଇନ ପ୍ରକ୍ରିୟାରେ ରାଜନୀତି ହେବା ଉଚିତ ନୁହେଁ। ଦୁଷ୍କର୍ମ ମାମଲାର ଉଚିତ ଏବଂ ତ୍ୱରିତ ବିଚାର ହେବା ଆବଶ୍ୟକ। ଏଥିପାଇଁ ସବୁ ପରିବାର ମିଶି ପ୍ରତି ଗାଁ ସ୍ତରରେ ପଞ୍ଚାୟତ ସ୍ତରରେ ପୋଲିସ ଥାନାର ସହଯୋଗରେ କମିଟି ଗଠନ କରି ମାମଲାର ବିଚାର ହେବା ଉଚିତ। ଏହାଦ୍ୱାରା ଆଇନ ଗଳିର ବ୍ୟବଧାନ କମିବା ସହ ମାମଲା ରାଜନୀତି ମୁକ୍ତ ହୋଇ ସଠିକ ବିଚାରରେ ସହାୟକ ହେବ। ଦୁଷ୍କର୍ମ ପାଇଁ ନିଶା କାରବାର ଆଉ ଗଣମାଧ୍ୟମ ବହୁଳ ଭାବରେ ଦାୟୀ। ସରକାରଙ୍କ ପଦକ୍ଷେପକୁ ଅପେକ୍ଷା ନକରି ଗାଁ ବାଲା ମିଶି ମଦମୁକ୍ତ ସମାଜ ଗଠନ କରିବା ଦିଗରେ ଅଗ୍ରସର ହେବା ଆବଶ୍ୟକ। ଏହାଦ୍ୱାରା ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ। ଏବେ ଦେଖାଯାଉଛି ସବୁଦିନ ନାମିଦାମୀ ଖବରକାଗଜରେ ଖବର କମ ବିଜ୍ଞାପନ ବେଶୀ ରହୁଛି ଏବଂ ସେଥିରେ ମେଡିସିନ ନାଁରେ ଉତ୍ତେଜକ ବିଜ୍ଞାପନ ସବୁଦିନ ବାହାରୁଛି। ଆଉ ଏବେକାର ଟିଭି ପରଦାରେ ସପରିବାର କୌଣସି ସିରିଏଲ କିମ୍ବା ନ୍ୟୁଜ୍ ଦେଖୁଥିଲା ବେଳେ ଅଶ୍ଳୀଳ ବିଜ୍ଞାପନ ପ୍ରଦର୍ଶିତ ହେଉଛି ଯାହା କୈଶୋର ମାନଙ୍କର କୌତୁହଳକୁ ବଢ଼ାଉଛି ସବୁ ଅଭିଭାବକ ପିତାମାତା ମାନେ ନିଜ ନିଜ ପିଲାମାନଙ୍କର ହାବଭାବ ବ୍ୟବହାର ଚାଲିଚଳନକୁ ଦୃଷ୍ଟି ଦେଇ ନିଜ ପିଲାମାନଙ୍କର ଚରିତ୍ର ଗଠନ ପ୍ରତି ଯଥେଷ୍ଟ ଯତ୍ନବାନ ହେବା ଦରକାର।



**ଶିବାଶୀଷ ମହାପାତ୍ର**
ଆଇନଜୀବୀ

ଧର୍ଷଣରୁ ଦୁଷ୍କର୍ମ। ଜେଲଦଣ୍ଡରୁ ଫାଶୀ। ନାଁ ବଦଳେଇ ଦେଲେ କି ଆଇନଟାକୁ କଠୋର କରିଦେଲେ ସେମିତି କିଛି ଆଖିଦୃଷ୍ଟିଆ ପରିବର୍ତ୍ତନ ହବାର ଆଶା ବହୁତ କମ୍। ଆମ ଦେଶରେ ତ ବହୁତ ଆଇନ ଅଛି। ଲାଞ୍ଚ କି ଯୌତୁକ ଦବା ନବା ବି ବେଆଇନ୍। କନ୍ୟାଭ୍ରୁଣ ହତ୍ୟା ବି ବେଆଇନ୍। ଥାନା କୋର୍ଟ କଚେରୀରେ ଲାଞ୍ଚ ଦବା ନବା ବି ବେଆଇନ। ସତରେ ଆଇନ କଣ କିଛି ରୋକି ପାରିଛି? କୌଣସି ଅପରାଧୀ ଅପରାଧ ଘଟେଇବା ବେଳେ କେବେ ବି ପରିଣାମ ବିଷୟରେ ଚିନ୍ତା କରେନା। ବରଂ ଘଟିସାରିଲା ପରେ ହୁଏତ କିଛି ଚିନ୍ତା କରେ। ଧରା ପଡିବାର ଭୟ କି କଠୋର ଦଣ୍ଡର ଭୟ ଥିଲେ ନିଷ୍ଠୁରରୁ ଅତି ନିଷ୍ଠୁର ହେଇଯାଇପାରେ। ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିପାରେ। ତେଣୁ ମୁଁ କାହିଁକି ଭାବିପାରୁନି ଆଇନ କିଛି ରୋକିପାରିବ। ତା ପରେ ଆଇନକୁ କାର୍ଯ୍ୟକାରୀ କରେଇବା ଲୋକମାନେ ହିଁ ବେଆଇନ କାମରେ ବେଶୀ ସଂଶ୍ଳିଷ୍ଟ। ଆଇନ କିଣାବିକା ବି ହେଇପାରୁଛି। ଗୋଟିଏ ଦୁଷ୍କର୍ମ ଘଟଣା ଘଟିଲେ ପ୍ରଥମ କାମ ପୋଲିସ ବିଭାଗର। ପୋଲିସ ତଦନ୍ତ କରିବ। ବାନ୍ଧିବ। ରିପୋର୍ଟ ତିଆରି କରିବା। ସାକ୍ଷୀ ପ୍ରମାଣ ଯୋଗାଡ କରିବା କାମ ପୋଲିସର। ପୋଲିସ ବିଭାଗ ତ ପୁରା ସରକାରୀ ନେତାଙ୍କ କବଳରେ। ନିଜ ଦଳର ହେଇଥିଲେ ମାଙ୍କଡ ମାଇଲେ ବି ଦୋଷ ଲାଗିବା ଭାରୀ କଷ୍ଟ। ପସକୋ ଆଇନ ବଳରେ ଦୋଶୀକୁ ଫାଶୀଦଣ୍ଡ ଦିଆଯିବାର ନିୟମ ଥିବାରୁ ଭବିଷ୍ୟତରେ ଆଉ କେବଳ ଦୁର୍ଷ୍କମ ହବନି ବରଂ ଦୁର୍ଷ୍କମ ସହିତ ହତ୍ୟା ଯୋଡି ହେଇଯିବ। ତୁରନ୍ତ ନ୍ୟାୟ ମିଳିଲେ କିଛିଟା କମିପାରେ କିନ୍ତୁ ହତ୍ୟାର ପରିମାଣ ନିଶ୍ଚୟ ବଢିବ। ତା ଛଡା ଅଧିକାଂଶ କ୍ଷେତ୍ରରେ ନିଜ ଲୋକଙ୍କ ଦାରା ବି ଛୋଟ ଛୋଟ ପିଲା ଦୁର୍ଷ୍କମର ଶିକାର ହେଉଛନ୍ତି। କିଛି କୁହନ୍ତି ସଚେତନତା ନିହାତି ଦରକାର। କଣ ସଚେତନ କରାଯାଇ ପାରିବ! ସଚେତନ କରେଇବ କିଏ !କିଏ ଆମେ ! ଆମେ ପା ବାପା ଭାଇଙ୍କ ଆଗରେ ନବମ ଶ୍ରେଣୀ ଝିଅଟା ଛାତିକୁ ମୋ ହର୍ଟ କରୁଛି ଗୀତରେ ଛାତି ଫୁଲେଇକି ନାଚୁଛୁ। ଆମେ କେତେଜଣ ବିରୋଧ କରନ୍ତି ସେ ଗୀତକୁ ! ନବମ ଶ୍ରେଣୀରେ ପଢୁଥିବା ଝିଅଟିର ବୟସ କେତେ ! କେବେ ଚିନ୍ତା କରିଛନ୍ତି! ଯଦି ତେର ଚଉଦ ବର୍ଷର ପିଲାଟା ଆମ ଛାତିକୁ ହର୍ଟ କରିପାରୁଛି ଯେ ମୁର୍ଖ ରାକ୍ଷସଙ୍କ ଛାତି ତ ସେମିତି ଖାଲି ଖାଲି ହର୍ଟ ହଉଥିବ। ତେବେ ସଚେତନ କିଏ କେମିତି କାହାକୁ କରିବ! ହୁଏତ କେହି କହିପାରନ୍ତି ଲୋକଙ୍କ ମାନସିକତା ବଦଳିବା ଦରକାର। ଲୋକଙ୍କ ମାନସିକତା ତ ଦିନକୁ ଦିନ ବଦୁଳୁଛି ନିଶ୍ଚୟ। ହେଲେ କଣ କେମିତି ବଦୁଳୁଛି! ଅଜଣା ଗାଁ ଝିଅ ବୋହୁରୁ ପାଖ ଗାଁ ଝିଅ ବୋହୁ। ତା ପରେ ନିଜ ଗାଁ। ଏବେ ତ ନିଜ କୁଟୁମ୍ବରେ ଅସିକି ପହଚିଗଲେଣି। ଜଣେ ଜଣେ ମହାନ ଲୋକ ତ ମାନସିକତାକୁ ଏମିତି ବଦଳେଇ ଦେଲେଣି ଯେ ନିଜ ଝିଅ ବୋହୁ କି ନାତି ଭାଣେଜି ପାଖରେ ପହଚିଗଲେଣି। ଶେଷରେ ଏତିକି କହିବି ବରଂ ଆମେ ଆଉ ଟିକେ ଅଧିକା ପାଶ୍ଚାତ୍ ହେଇଗଲେ ଯେ ସମସ୍ୟାର ସମାଧାନ ହେଇପାରନ୍ତା। ଭୋକିଲାକୁ ଖାଦ୍ୟର ସୁବନ୍ଦୋବସ୍ତ କରିଦେଲେ ବହୁ ମାତ୍ରାରେ ଯେ ଅଘଟଣ କମିଯିବ। ଆମ ଝିଅ ବୋହୂ ସୁରକ୍ଷିତ ରୁହନ୍ତେ।

'ପ୍ରସଙ୍ଗ'ର କିଛି ଅଂଶ ପୃଷ୍ଠା-୭ରେ ସ୍ଥାନିତ ହୋଇଛି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି